READ & SHARE
www.ekamaatra.com
ekamaatra@gmail.com
taraknews1@gmail.com
ekamaatraodia
ekamaatranews

EKAMAATRA

RNI Regd. No. ODIODI/2017/71524

# ଏକମାତ୍ର

ଅନୁସନ୍ଧାନ ପରେ ଖବର



ବର୍ଷ-୮ | ସଂଖ୍ୟା-୨୪ | ୨୪ - ୩୦ ଜୁନ୍, ୨୦୨୪ | ଭୁବନେଶ୍ୱର | Monday Weekly | VOL-8 | ISSUE-24 | 24th - 30th JUNE, 2024 | BHUBANESWAR | ₹ 5/- (8 Pages)

## ବେଞ୍ଚମାର୍କ ଘୋଟାଲା ପଛରେ ଆଇଏଏସ୍

**ଭୁବନେଶ୍ୱର :** ଜଣେ ଆଇଏଏସ୍ ବାବୁଙ୍କ କଳା କାରନାମା ଏବେ ପଦାକୁ ଆସିଛି। ତଥ୍ୟ ଅନୁସାରେ ଚନ୍ଦକା ଭଗବତୀପୁର ଅଞ୍ଚଳର ଅଧିବାସୀମାନେ ଏଭଳି ଅଭିଯୋଗ ସାମ୍ନାକୁ

### ଜମି କିସମ ପରିବର୍ତ୍ତନ
### ୧୦୦ ଫୁଟିଆ ରାସ୍ତା

ଆଣିଛନ୍ତି। ଏଠାରେ ସମ୍ପୃକ୍ତ ଆଇଏଏସ୍ ବାବୁ କେମିତି ନିଜ କ୍ଷମତାର ଅପବବ୍ୟବହାର କରି



ନିଜ ପତ୍ନୀଙ୍କ ନାଁରେ ଗୋଟିଏ ସ୍ଥାନରେ ୪.୫୫ ଏକର ମୂଲ୍ୟବାନ ସମ୍ପତ୍ତି ହାତେଇଛନ୍ତି ତା' ଉପରେ ସରକାର ତର୍ଜମା କରିବାକୁ ଦାବି କରୁଛନ୍ତି ଗ୍ରାମବାସୀ। ୨୦୨୨ ମସିହା ଅନୁସାରେ ରାଜ୍ୟ ସରକାରଙ୍କ ବେଞ୍ଚମାର୍କ ମୂଲ୍ୟ ସମ୍ପୃକ୍ତ ପ୍ଲଟ (୩୩୯)ର ପ୍ରତି ଡେସିମିଲି ଜମିର ମୂଲ୍ୟ ୨୧,୪୨୦/- ରହିଛି। ତଦନୁସାରେ ବାବୁଙ୍କୁ ଷ୍ଟାମ୍ପ ଡ୍ୟୁଟି ୫%- ୪୮,୭୩,୦୫୯/- ଟଙ୍କା ଏବଂ କୋର୍ଟ ଫି ୧%- ୯,୭୪,୬୧୦/- ଟଙ୍କା ମିଶି ୧୦ କୋଟି ୩୩ ଲକ୍ଷ ୮,୬୬୦/- ଟଙ୍କା ଦେବା କଥା। ହେଲେ ସର୍ବ ମୋଟରେ ଦିଆଯାଇଛି ୨.୯୦ କୋଟି। ତେବେ ଆଇଏଏସ୍‌ଙ୍କ ପତ୍ନୀ ଏତେ ଟଙ୍କା କେଉଁଠୁ ଆଣିଲେ ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ରାଜଧାନୀରେ ପ୍ରମୁଖ ଅଞ୍ଚଳରେ ଭଲ ରାସ୍ତା ନିର୍ମାଣ ହୋଇପାରୁ ନଥିଲା ବେଳେ ଆଇଏଏସ୍ ବାବୁଙ୍କ ଭଗବତୀପୁର ➤ ପୃ-୬

## ଚର୍ଚ୍ଚାରେ ବିଲ୍ଡର

**ଭୁବନେଶ୍ୱର :** କୋଭିଡ୍ ସମୟରେ ଲୋକମାନେ ଖାଇବାକୁ ପାଉନଥିବା ବେଳେ ରାଜଧାନୀର ଜଣେ ବିଲ୍ଡରଙ୍କ ସମ୍ପତ୍ତି ହୁ ହୁ ହୋଇ ବଢ଼ିଚାଲିଲା। ୨୦୦୮ ମସିହାରେ ଉକ୍ତ

### ରଥେଙ୍କ ସଂସ୍ଥାରେ ଲାଗିଛି ପାଣ୍ଡିଆନଙ୍କ କଳା ଟଙ୍କା !

ବିଲ୍ଡର ନିଜ ବ୍ୟବସାୟ ଆରମ୍ଭ କରିଥିଲେ। ପ୍ରଥମେ ଚନ୍ଦକାରେ ଛୋଟ ଛୋଟ ପ୍ଲଟିଂ ବ୍ୟବସାୟ କରି ସେଥିରୁ ଭଲ ଦି' ପଇସା ରୋଜଗାର କରିଥିଲେ। ହେଲେ ଅଧିକ ଲୋଭ



ହେତୁ ଗଫଲତି କରିବାରୁ ୨୦୧୧ ମସିହାରେ ତାଙ୍କୁ ଝାରପଡା ଦେଖିବାକୁ ପଡିଥିଲା। ଉକ୍ତ ସମୟରେ ସେ ଦାରୁଠେଙ୍ଗ ମୌଜାରେ ମଧ୍ୟ ପ୍ଲଟିଂ ବେପାର କରିଥିଲେ। ତା'ପରେ ଛୋଟ ଛୋଟ ଆପାର୍ଟମେଣ୍ଟ ତିଆରି କରି ଧୀରେ ଧୀରେ ଲୋକଲୋଚନକୁ ଆସିଲେ। ଶାକାହାରୀ ଭୋଜନ କରୁଥିବା ଏବଂ ମିଷ୍ଟଭାଷୀ ହୋଇଥିବା ହେତୁ ସେ ଗ୍ରାହକମାନଙ୍କୁ ଆକର୍ଷିତ କରି ନିଜର ବ୍ୟବସାୟ ବଢ଼ାଇ ଚାଲିଲେ। କିନ୍ତୁ କୋଭିଡ୍ ସମୟରେ କୌଣସି ସୂତ୍ର ପାଇ ପାଣ୍ଡିଆନ ବାବୁଙ୍କ ସହିତ ତାଙ୍କର ସମ୍ପର୍କ ଘନିଷ୍ଠ ହେଲା। ଏହାପରେ ରଥେ ତାଙ୍କ ଚତୁରପଣ ଦେଖାଇଲେ। ଯାହା ଚର୍ଚ୍ଚା ହେଉଛି ପାଣ୍ଡିଆନ ବାବୁଙ୍କ ସହିତ ସମ୍ପର୍କ ବଢ଼ିବା ପରେ ସେ ଘାଟିକିଆରେ ସିଟିହୋମ୍ସ ନାମକ ଏକ ବ୍ୟୟବହୁଳ ଆପାର୍ଟମେଣ୍ଟ ତିଆରି କରିଥିଲେ। ଏହାପରେ ବର୍ତ୍ତମାନ ଚର୍ଚ୍ଚାରେ ଥିବା ଭୁବନେଶ୍ୱରର ସବୁଠୁ ଦାମିନାମୀ ଆପାର୍ଟମେଣ୍ଟ ଆଲ୍‌କେମି ନାମରେ ରଘୁନାଥପୁରରେ ଏକ ଅତ୍ୟନ୍ତ ➤ ପୃ-୬

## କର୍ପସ ଫଣ୍ଡ ପ୍ରତିଶ୍ରୁତି ବି ପାଣିର ଗାର

**ଭୁବନେଶ୍ୱର :** ୨୦୧୩ରୁ ଚିଟଫଣ୍ଡ କମ୍ପାନୀ ବନ୍ଦ ହେଲା। ଚାହୁଁଚାହୁଁ ୧୧ ବର୍ଷ ବିତିଲାଣି। ହେଲେ ବିଜେଡି ସରକାରରେ ଟଙ୍କା ଫେରି ପାଇବାର ଆଶା କେବଳ ଆଶାରେ ହିଁ ରହିଥିଲା। ବାରମ୍ବାର ନବୀନ ସରକାର ଠାରୁ ମିଳିଥିବା ପ୍ରତିଶ୍ରୁତି ପାଣିର ଗାର ପାଲଟି ଯାଇଥିବା ବେଳେ ଏବେ ଓଡ଼ିଶାରେ ବିଜେପି ସରକାର ଆସିବା ପରେ ଚିଟଫଣ୍ଡକୁ ନେଇ ଆହ୍ୱାନ ଆରମ୍ଭ ହୋଇଛି। ଯେଉଁଥିପାଇଁ ହତାଶା ପରେ ଏବେ ଲୋକଙ୍କ ମନରେ ଆଶା ସଞ୍ଚାର ହୋଇଛି। ୨୦୧୩ ରୁ ୨୦୨୪। ବିଜେଡି ସରକାର ବେଳେ ପ୍ରତାରଣାର ଚାବୁକ ଖାଇଥିବା ଚିଟଫଣ୍ଡ କ୍ଷତିଗ୍ରସ୍ତକାରୀ ନିରାଶ, ହତାଶ ଓ ଉଦାସ ହୋଇ ପଡ଼ିଥିବା ବେଳେ ରାଜ୍ୟରେ ବିଜେପି ସରକାର ଆସୁଆସୁ ଟଙ୍କା ଫେରସ୍ତ ପାଇଁ ତତ୍ପରତା ଦେଖାଇଛନ୍ତି। ଚିଟଫଣ୍ଡ କ୍ଷତିଗ୍ରସ୍ତଙ୍କ ସମ୍ପୂର୍ଣ୍ଣ ତଥ୍ୟ ମାଗିବା ସହ ପ୍ରଶାସନିକ ସ୍ତରରେ ଜୋରଦାର ଚାଲିଛି ପ୍ରକ୍ରିୟା। ଚିଟଫଣ୍ଡ କ୍ଷତିଗ୍ରସ୍ତଙ୍କୁ ଟଙ୍କା ଫେରସ୍ତ କରିବା ପ୍ରକ୍ରିୟାକୁ ଆହୁରି ଅଧିକ ସରଳୀକରଣ କରାଯିବ। ନିଜ ନିଜ ଜିଲ୍ଲାରେ ଜମାକାରୀ କ୍ଷତିଗ୍ରସ୍ତ କିପରି ଟଙ୍କା ଫେରି ପାଇବେ ସେ ନେଇ ଅଧିକ ମାନବ ସମ୍ବଳ ବୃଦ୍ଧି ପାଇଁ ଅର୍ଥ ବିଭାଗକୁ ପ୍ରସ୍ତାବ ଦିଆଯାଇଛ। ଯଦି ନୂଆନୂଆ ସରକାର ଆସୁଆସୁ ଚିଟଫଣ୍ଡ କ୍ଷତିଗ୍ରସ୍ତଙ୍କୁ ନ୍ୟାୟ ଦେବା ପାଇଁ ଆହ୍ୱାନ ନେଇପାରୁଛନ୍ତି, ତେବେ କାହିଁକି ଚୁପ୍ ଥିଲେ ନବୀନ ସରକାର ତାହା ହିଁ ବର୍ତ୍ତମାନର ବଡ଼ ପ୍ରଶ୍ନ। ➤ ପୃ-୬

## ଲୋକଙ୍କ ମୁଖ୍ୟମନ୍ତ୍ରୀ, ଲୋକଙ୍କ ସରକାର



**ଭୁବନେଶ୍ୱର :** ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରତିଦିନ ୨ ଘଣ୍ଟା ପାଇଁ ଲୋକଙ୍କ ଅଭିଯୋଗ ଶୁଣିବେ। ଶନିବାର ଠାରୁ ଏହି ଅଭିଯୋଗ ଶୁଣାଣୀ ଆରମ୍ଭ ହୋଇଛି। ଭୁବନେଶ୍ୱରରେ ଥିବା ବେଳେ ରାଜ୍ୟ ଅତିଥି ଭବନ କାର୍ଯ୍ୟାଳୟରେ ଅପରାହ୍ନ ୩ଟା ଠାରୁ ୫ଟା ପର୍ଯ୍ୟନ୍ତ ଲୋକଙ୍କ ସମସ୍ୟା ଶୁଣିବେ ଏବଂ ଅଭିଯୋଗ ପତ୍ର ଗ୍ରହଣ କରି ସମସ୍ୟା ସମାଧାନ ପାଇଁ ପଦକ୍ଷେପ ନେବେ। ସୂଚନା ଯୋଗ୍ୟ ଯେ ନୂଆ ସରକାର ଗଠନ ପରେ ଲୋକଙ୍କ ମୁଖ୍ୟମନ୍ତ୍ରୀ ଭାବରେ ମୋହନ ଚରଣ ମାଝୀ ଲୋକପ୍ରିୟତା ହାସଲ କରିଛନ୍ତି। ବିଭିନ୍ନ ସମୟରେ ସେ ଲୋକଙ୍କ ସହିତ ସହଜରେ ମିଶୁଛନ୍ତି, ସୁଖ ଦୁଃଖ ହେଉଛନ୍ତି ଏବଂ ଅଭିଯୋଗ ଗୁଡ଼ିକର ସମାଧାନ ପାଇଁ ଆଶ୍ୱାସନା ମଧ୍ୟ ଦେଉଛନ୍ତି। ଲୋକଙ୍କ ସମସ୍ୟା ସମାଧାନ ଦିଗରେ ଏକ ଶୃଙ୍ଖଳିତ ଓ ସମୟୋଚିତ ବ୍ୟବସ୍ଥା ସୃଷ୍ଟି ପାଇଁ ମୁଖ୍ୟମନ୍ତ୍ରୀ ଏହି ପଦକ୍ଷେପ ନେଇଛନ୍ତି।

## ଓଡିଶାରେ ଡିପ୍‌ଥେରିଆ ବ୍ୟାପିବା ପଛରେ ଅପପୃଷ୍ଟି !

**ଭୁବନେଶ୍ୱର :** ଓଡିଶାରେ ଡିପଥେରିଆ ସଂକ୍ରମଣ ବ୍ୟାପିବା ପଛର ମୁଖ୍ୟ କାରଣ ଅପପୃଷ୍ଟି ବୋଲି କୁହାଯାଉଛି। ଅର୍ଥାତ୍ ପିଲାଙ୍କ ପାଇଁ ଇମ୍ୟୁନିଟି ବା ରୋଗପ୍ରତିରୋଧକ ଶକ୍ତି ଜରୁରୀ। ରୋଗ ପ୍ରତିରୋଧକ ଶକ୍ତି ସେତେବେଳେ ବଢ଼ିବ ଯେତେବେଳେ ଗୋଟିଏ ଶିଶୁ ସୁଷମ ଖାଦ୍ୟ ଖାଇବ। ଯେଉଁ ବୟସରେ ଯେଉଁ ପରିମାଣର ଖାଦ୍ୟ ଖାଇବା କଥା ସେହି ସମୟରେ ସେହି ଖାଦ୍ୟ ଖାଇଲେ ରୋଗପ୍ରତିରୋଧକ ଶକ୍ତି ବଢ଼ିଥାଏ। ତେବେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଓ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ଅଧିକାରୀ ସଂକ୍ରମଣ ବ୍ୟାପିବା ପଛର କାରଣ ଖୋଜିବା




ପରେ ଏହା ନଜରକୁ ଆସିଛି। ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ଡିପଥେରିଆ ଚିହ୍ନଟ ହୋଇଥିବା ➤ ପୃ-୬

## ସୁରୁଖୁରୁରେ ରଥ ଯାତ୍ରା ସମ୍ପନ୍ନ ପାଇଁ ଛତିଶା ନିଯୋଗର ସହଯୋଗ ଲୋଡିଲେ ମୁଖ୍ୟମନ୍ତ୍ରୀ



**ଭୁବନେଶ୍ୱର :** ଗୁରୁବାର ରାଜ୍ୟ ଅତିଥି ଭବନ ଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶ୍ରୀକ୍ଷେତ୍ର ପୁରୀ ଛତିଶା ନିଯୋଗର ସଦସ୍ୟ ମାନଙ୍କ ସହ ଆଗାମୀ ରଥଯାତ୍ରାକୁ ଶାନ୍ତିଶୃଙ୍ଖଳା ଓ ସୁରୁଖୁରୁ ରେ ସମାପନ କରିବା ପାଇଁ ଆଲୋଚନା କରିଛନ୍ତି। ଚଳିତ ବର୍ଷ ରଥଯାତ୍ରା ଏକ ବିରଳ ସଂଯୋଗ। ଗୋଟିଏ ଦିନରେ ୩ ଟି ନୀତି ସହ ରଥଯାତ୍ରା କାମ ସମ୍ପନ୍ନ ହେବ। ଏହାକୁ ଶୃଙ୍ଖଳିତ ଭାବେ କରିବା ପାଇଁ ମୁଖ୍ୟମନ୍ତ୍ରୀ ଛତିଶା ନିଯୋଗର ସଦସ୍ୟ ମାନଙ୍କୁ ଅନୁରୋଧ କରିଥିଲେ। ମହାପ୍ରଭୁଙ୍କ ଅପାର କରୁଣାରୁ ଗୋଟିଏ ସାଧାରଣ ପରିବାରରୁ ଆସି ମୁଖ୍ୟମନ୍ତ୍ରୀ ହୋଇଛି। ଏ ସବୁ ପ୍ରଭୁଙ୍କ ଇଚ୍ଛା। ସେ ପୁଣି କହିଥିଲେ ଯେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଆଶିର୍ବାଦରେ ରାଜ୍ୟ, ଦେଶ ତଥା ଏ ଦୁନିଆ ଚାଲିଛି। ଏହି ବିରଳ ➤ ପୃ-୬

## ଭୁବନେଶ୍ୱରରେ ଖୋଲିବ ଚାଉଳ ଏଟିଏମ୍




**ଭୁବନେଶ୍ୱର :** ରାଜଧାନୀ ଭୁବନେଶ୍ୱରରେ ଖୋଲିବ ଚାଉଳ ଏଟିଏମ୍। ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି, ରାସନକାର୍ଡ ହିତାଧିକାରୀଙ୍କ ପାଇଁ ଭୁବନେଶ୍ୱରରେ ଖୋଲିବ ଚାଉଳ ଏଟିଏମ୍। ହିତାଧିକାରୀଙ୍କୁ କାର୍ଡ ଦିଆଯିବ। ସେମାନେ ମେସିନ୍‌ରେ କାର୍ଡ ଗଳାଇଲେ ବାହାରିବ ଚାଉଳ। ଆଗାମୀ ସପ୍ତାହକ ମଧ୍ୟରେ ଭୁବନେଶ୍ୱରରେ ଆରମ୍ଭ କରାଯିବ ଏହି ବ୍ୟବସ୍ଥା। ପରେ ରାଜ୍ୟର ସବୁ ଜିଲ୍ଲାରେ ଖୋଲାଯିବ ଚାଉଳ ଏଟିଏମ୍। ୱାର୍ଲ୍ଡ ଫୁଡ୍ ପ୍ରୋଗ୍ରାମର କିଛି ଅଧିକାରୀ ଆସିଥିଲେ। ସେମାନଙ୍କ ସହିତ ଏନେଇ ଆଲୋଚନା ହୋଇଛି। ସେମାନେ ଆମକୁ ➤ ପୃ-୬

## ନିର୍ଦ୍ଧାରିତ ଅବଧିରେ ସରିବ ମେଟ୍ରୋ ଟ୍ରେନ ପ୍ରକଳ୍ପ



**ଭୁବନେଶ୍ୱର :** ନିର୍ଦ୍ଧାରିତ ଅବଧି ମଧ୍ୟରେ ଭୁବନେଶ୍ୱର ମେଟ୍ରେ ଟ୍ରେନ ପ୍ରକଳ୍ପ କାର୍ଯ୍ୟ ଶେଷ ହେବ। ମେଟ୍ରୋ ଟ୍ରେନ ପ୍ରକଳ୍ପ କାର୍ଯ୍ୟ ଶେଷ ପାଇଁ ସରକାରଙ୍କ ଦ୍ୱାରା ପୂର୍ବରୁ ନିର୍ଦ୍ଧାରିତ ସମୟସୀମାକୁ ଗୁରୁତ୍ୱ ଦିଆଯାଉଛି ବୋଲି ରାଜ୍ୟର ବିଜେପି ସରକାର ସୂଚନା ଦେଇଛନ୍ତି। ବିଜେଡି ସରକାର ଚଳିତମାସ ଜାନୁୟାରୀରେ ଭୁବନେଶ୍ୱରରେ ମେଟ୍ରୋ ଟ୍ରେନ ପ୍ରକଳ୍ପର ଶିଳାନ୍ୟାସ କରିଥିଲେ। ମିଳିଥିବା ସୂଚନା ଅନୁସାରେ, ରାଜ୍ୟ ଗୃହନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ➤ ପୃ-୬

## ମୁଖ୍ୟମନ୍ତ୍ରୀରୁ ବିରୋଧୀ ଦଳ ନେତା

**ଭୁବନେଶ୍ୱର :** ବାଜିଲା ମୋହର, ନବୀନ ହେଲେ ବିରୋଧୀ ଦଳର ନେତା। ୫ କି ୧୦ ନୁହେଁ ବରଂ ୨୪ ବର୍ଷ ପରେ ବିରୋଧୀ ଦଳର ନେତା ହେଲେ ନବୀନ। କାରଣ ଯେବେଠୁ ନବୀନ ବିଧାନସଭା ଆସିଛନ୍ତି ସେବେଠୁ ମୁଖ୍ୟମନ୍ତ୍ରୀ ଆସନରେ ବସିଛନ୍ତି। ତେଣୁ ଷଷ୍ଠଥର ବି ସେହି ଆସନରେ ନବୀନ ହିଁ ବର୍ଷିବେ ବୋଲି ଦଳୀୟକର୍ମୀ ଆଶା ରଖିଥିଲେ। ହେଲେ ସବୁ ଆଶା ଆଶାରେ ହିଁ ରହିଗଲା। ଅର୍ଥାତ୍ ଶାସକ ଦଳର ନେତା ଏବେ ବିରୋଧୀ ଆସନରେ ବସିଲେ। ଯାହା ରାଜ୍ୟ ରାଜନୀତିରେ ବେଶ ଚର୍ଚ୍ଚା ସାଉଁଟିଛି। ବିଧାନସଭାରେ ବିଧାୟକମାନେ ଶପଥ ନେବା ପରେ ଶଙ୍ଖ ଭବନରେ ବସିଥିଲା ଗୁରୁତ୍ୱପୂର୍ଣ୍ଣ ବୈଠକ। ବିରୋଧୀ ଦଳ ନେତା କିଏ ହେବ ସେନେଇ ଅନେକ ଆଲୋଚନା



ବି ହୋଇଥିଲା। ଶେଷରେ ନବୀନ ହିଁ ବିରୋଧୀ ଦଳ ନେତା ହେବେ ବୋଲି ନିଷ୍ପତ୍ତି ହୋଇଥିଲା। ବିଜେଡି ବିଧାୟକ ଦଳ ବୈଠକରେ ତାଙ୍କୁ ନେତା ନିର୍ବାଚିତ କରାଯିବା ପରେ ➤ ପୃ-୬

## କେବେ ଖୋଲିବ ରତ୍ନଭଣ୍ଡାର ?

**ଭୁବନେଶ୍ୱର :** କେବେ ଖୋଲିବ ମହାପ୍ରଭୁଙ୍କ ରତ୍ନଭଣ୍ଡାର? ରଥଯାତ୍ରା ଭିତରେ ନା ରଥଯାତ୍ରା ସରିବା ପରେ? ତାକୁ ନେଇ ଚର୍ଚ୍ଚା ଯେତିକି ଦ୍ୱନ୍ଦ୍ୱ ସେତିକି। ଗୋଟିଏ ପଟେ ରତ୍ନଭଣ୍ଡାର ଭିତର ସ୍ଥିତି ଅତ୍ୟନ୍ତ ଚିନ୍ତାଜନକ ବୋଲି ବାରମ୍ବାର ଭାରତୀୟ ପ୍ରତ୍ନତାତ୍ତ୍ୱିକ ସଂସ୍ଥା କହି ଆସୁଥିବା ବେଳେ ଏହାର ସଂରକ୍ଷଣକୁ ମଧ୍ୟ ଗୁରୁତ୍ୱ ଦେଉଛି। ତେବେ ଯଦି ରତ୍ନଭଣ୍ଡାର ଖୋଲାଯାଏ ତା'ହେଲେ ଖାଲି ମରାମତି ହେବ ନା ଦୁର୍ମୂଲ୍ୟ ଅଳଙ୍କାର ସବୁର ଗଣତି ଓ ମଣତି ହେବ। ସେ ନେଇ କିଛି ସ୍ପଷ୍ଟତା ଆସୁନଥିବାରୁ ଭକ୍ତ, ସେବାୟତ ଓ ବୁଦ୍ଧିଜୀବୀଙ୍କ ମଧ୍ୟରେ ସନ୍ଦେହ ପ୍ରକାଶ ପାଉଛି। ରତ୍ନଭଣ୍ଡାର ଖୋଲିବା ପୂର୍ବରୁ ଛତିଶା ନିଯୋଗର ମଧ୍ୟ ପରାମର୍ଶ



ନିଆଯିବା ଜରୁରୀ। ହେଲେ ଅଦ୍ୟାବଧି ଛତିଶା ନିଯୋଗରେ ଏ ପ୍ରସଙ୍ଗରେ ପଦୁଟିଏ ଆଲୋଚନା ହୋଇନାହିଁ ବୋଲି ସଫା ସଫା କହିଛନ୍ତି ଛାମୁ ଖୁଣ୍ଟିଆ ନିଯୋଗ ସଭାପତି। ତା'ସହ ସେ କହିଛନ୍ତି, ଛତିଶା ନିଯୋଗରେ ଆଲୋଚନା ପରେ ଯାଇ ସରକାରଙ୍କୁ ପ୍ରସ୍ତାବ ଦିଆଯିବ। ତା'ପରେ ଭଣ୍ଡାର ଘର ଖୋଲିବା ପ୍ରକ୍ରିୟା ଆରମ୍ଭ ହେବ। ଏପଟେ ରତ୍ନଭଣ୍ଡାର ମରାମତି ପୂର୍ବରୁ ତା' ଭିତରେ ଥିବା ଅଳଙ୍କାର ଭର୍ତ୍ତି ସିନ୍ଦୁକ ସବୁକୁ ଆଗେ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରିଯିବା ଦରକାର ବୋଲି କହିଛନ୍ତି ପରିଚାଳନା କମିଟି ସଦସ୍ୟ ଦୁର୍ଗା ଦାସମହାପାତ୍ର। ସେ ଆହୁରି ମଧ୍ୟ କହିଛନ୍ତି, ବିନା ଅଳଙ୍କାର ଗଣତିରେ ସିନ୍ଦୁକ ସ୍ଥାନାନ୍ତର ଅସମ୍ଭବ। ଏଥିଲାଗି ରାଜ୍ୟ ସରକାରଙ୍କ ଅନୁମତି ଜରୁରୀ। ସେପଟେ ରତ୍ନଭଣ୍ଡାର ଖୋଲିବା ନେଇ ଏଏସଆଇ ସୁପରିଟେଣ୍ଡେଣ୍ଟ ଆର୍କିଓଲୋଜିଷ୍ଟଙ୍କ ପକ୍ଷରୁ ଗଣମାଧ୍ୟମରେ ଏକ ନିର୍ଦ୍ଦିଷ୍ଟ ତାରିଖ ସମ୍ପର୍କରେ ସୂଚନା ଦିଆଯାଇଥିଲା। ପରେ ତାକୁ ବିଭ୍ରାନ୍ତିକର ବୋଲି ଆଇନମନ୍ତ୍ରୀ ଦର୍ଶାଇବା ନେଇ ତେଜିଛି ରାଜନୀତି। ଉଭୟ ବିଜେଡି ଓ କଂଗ୍ରେସ ଏ ପ୍ରସଙ୍ଗରେ ➤ ପୃ-୬

### ବକ୍ରବାଣୀ



ଜଗନ୍ନାଥ ଏବେ ଆଗକୁ ଗଲେ
ରାମଚନ୍ଦ୍ର କାହିଁ ଲୁଚି ରଇଲେ
'ମୁଁ' ହଜିଯାଇ 'ଆମେ' ଆଇଲା
ହିନ୍ଦୁ ମୁସଲ୍‌ମାନ୍ ଉଭେଇ ଗଲା
ବିଜେପିଟା ଏବେ ଏଣ୍ଡିଏ ହେଲା
ଅତି ଦର୍ପେ ଲଙ୍କା ନିଆଁରେ ଗଲା
ଧର୍ମ ରାଜନୀତି ଚଳିବ ନାଇଁ
ଜନତା ଏ କଥା ଦେଲେ ବୁଝେଇ
ବୁଝ ଯଦି ଅଛି ମଣିଷ ଗନ୍ଧ
ନ ବୁଝିଲେ ପେଡ଼ି ପୁଟୁଳା ବାନ୍ଧ।

—ଟୁଟୁ

## କେମିତି ହେବ ମହାନଦୀ ସମାଧାନ ?

**ଭୁବନେଶ୍ୱର:** ମହାନଦୀ ଜଳ ବିବାଦ ପ୍ରସଙ୍ଗକୁ ନେଇ ପୁଣି ଥରେ ତେଜୁଛି ରାଜ୍ୟ ରାଜନୀତି। ପୂର୍ବରୁ ଏହି ପ୍ରସଙ୍ଗକୁ ନେଇ ଆନ୍ଦୋଳନ, ବୟାନବାଜି ହୋଇଥିଲେ ମଧ୍ୟ ଏ ଯାଏଁ କିଛି ବି ସମାଧାନର ବାଟ ବାହାରି ପାରିନାହିଁ। ମହାନଦୀ ଜଳ ବିବାଦ ପାଇଁ ଗଠିତ ଟ୍ରିବୁନାଲରେ ସମାଧାନର ପନ୍ଥା ବାହାରିବା ବଦଳରେ ପଦ୍ମ ଘୁଞ୍ଚି ଘୁଞ୍ଚି ଯାଉଛି। କେନ୍ଦ୍ର, ଓଡ଼ିଶା ଓ ଛତିଶଗଡ଼ରେ ବିଜେପି ସରକାର ଥିବାରୁ ଆଲୋଚନା ମାଧ୍ୟମରେ ସମାଧାନ ସମ୍ଭବ ହେବ ବୋଲି ମହାନଦୀ ବଞ୍ଚାଓ ଆନ୍ଦୋଳନ ପକ୍ଷରୁ କୁହାଯାଇଛି। ସେଥିପାଇଁ ମହାନଦୀ ବଞ୍ଚାଓ ଆନ୍ଦୋଳନ ସହ ଅନ୍ୟ ଜଳ ବିବାଦ ପାଇଁ ଲଢେଇ କରୁଥିବା ସଂଗଠନ ମିଳିତ ଭାବେ ବୈଠକ କରିଛନ୍ତି। ଏଥିରେ ମହାନଦୀ ପାଇଁ ଆଗାମୀ ଲଢେଇ ବିଷୟରେ ରଣନୀତି ପ୍ରସ୍ତୁତ ହୋଇଛି। ଛତିଶଗଡ଼, ଓଡ଼ିଶା ଓ କେନ୍ଦ୍ରରେ ବିଜେପି ସରକାର। ଡବଲ ନୁହେଁ ଟ୍ରିପଲ



ଇଞ୍ଜିନ ଆଣିବ କି ମହାନଦୀ ଜଳ ବିବାଦ ସମାଧାନର ଫର୍ମୁଲା? କାରଣ ଜୁନରେ ଶୁଖିଲା ପଡିଛି ଓଡିଶାର ଲାଇଫ ଲାଇନ। ଓଡ଼ିଶାର ହକ ପାଇଁ ତତ୍ପର ରାଜ୍ୟର ବିଭିନ୍ନ ସାମାଜିକ ସଂଗଠନ। ରାଜନୈତିକ ସ୍ତରରେ କିଭଳି ତତ୍ପରତା ପ୍ରକାଶ ପାଇବ ସେଥିପାଇଁ ନଦୀ ସୁରକ୍ଷା ଦିଗରେ କାର୍ଯ୍ୟ କରୁଥିବା ମହାନଦୀ ସୁରକ୍ଷା ଅଭିଯାନ ସହ ଅନ୍ୟାନ୍ୟ ସାମାଜିକ ସଂଗଠନ ମିଳିତ ଭାବେ ଏକ ଶିବିର କରିଛନ୍ତି। ମହାନଦୀ ସମସ୍ୟାର ସମାଧାନ ପାଇଁ ହୋଇଥିବା ଟ୍ରିବ୍ୟୁନାଲରେ ବିଚାର ପ୍ରକ୍ରିୟା ବିଳମ୍ବିତ ହୋଇଚାଲିଛି। ଏପରିକି ଏ ସମ୍ପର୍କିତ ସମ୍ପୂର୍ଣ୍ଣ ତଥ୍ୟ ମଧ୍ୟ ଦାଖଲ ହୋଇପାରି ନାହିଁ। ତେଣୁ ମହାନଦୀ ସମସ୍ୟାର ସମାଧାନ ପାଇଁ ଓଡ଼ିଶାର ନୂଆ ବିଜେପି ସରକାରର ସହଯୋଗ କାମନା କରିବାକୁ ଯୋଜନା କରିଛନ୍ତି ସାମାଜିକ ସଂଗଠନ। ଓଡିଶା ସମେତ ଛତିଶଗଡ଼ ଓ କେନ୍ଦ୍ରରେ ବିଜେପି ସରକାର ଥିବାରୁ ଆଲୋଚନା ମାଧ୍ୟମରେ ଓଡ଼ିଶାର ହକ ହାସଲ କରିବାକୁ ଦାବି କରାଯାଇଛି। ଏଥିସହିତ ଓଡ଼ିଶାର ଅନ୍ୟାନ୍ୟ ସବୁ ନଦୀର ସୁରକ୍ଷା ପାଇଁ ଏକ ସ୍ୱତନ୍ତ୍ର ➤ ପୃ-୬



ମାନ୍ୟବର ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କୁ ସାକ୍ଷାତ କରି ଅଭିନନ୍ଦନ ଜଣାଇଲେ ରାଜ୍ୟ ଦଲିଲ ଲେଖକ ମୋହରିର ମହାସଂଘର ସଭାପତି ବଂଶୀଧର ବେହେରା ଓ ସାଧାରଣ ସମ୍ପାଦକ ଅଶୋକ କୁମାର ଦାସ।

## କେମିତି କଟିବ ଏ ସପ୍ତାହ

**ମେଷ** ଶରୀର ପୀଡାରୁ ମୁକ୍ତି ପାଇଁ ବିଶ୍ରାମ କରନ୍ତୁ। ବ୍ୟୟରେ ବୃଦ୍ଧି ହେବ। କାର୍ଯ୍ୟକ୍ଷେତ୍ରରେ ଜଟିଳ ସ୍ଥିତି ଉପୁଜିପାରେ। ଛାତ୍ରମାନେ ଏକାଗ୍ର ରହିବେ। ଜୀବନସାଥୀଙ୍କ ସମ୍ପୂର୍ଣ୍ଣ ସହଯୋଗ ମିଳିବ। ପ୍ରତିକାର : ହନୁମାନଙ୍କ ନିକଟରେ ଚମେଲୀ ତେଲର ଦୀପ ଜାଳନ୍ତୁ।

**ବୃଷ** ସ୍ୱାସ୍ଥ୍ୟ ଉତ୍ତମ ରହିବ। ଖର୍ଚ୍ଚ କରନ୍ତୁ ନାହିଁ। ଆୟ ଓ ବ୍ୟୟରେ ବୃଦ୍ଧି ରହିବ। ପିତାଙ୍କ ସ୍ୱାସ୍ଥ୍ୟ ବିଗିଡିପାରେ। ଜୀବନସାଥୀ ଆପଣଙ୍କୁ ଆର୍ଥିକ ସହାୟତା କରିପାରନ୍ତି। ପ୍ରତିକାର : ଶିବାଳୟରେ କ୍ଷୀର ତିଆରି ମିଠା ଦାନ କରନ୍ତୁ।

**ମିଥୁନ** ପୁରୁଣା ରୋଗରୁ ମୁକ୍ତି ମିଳିବ। ନୂତନ ବ୍ୟବସାୟ କରିପାରନ୍ତି। କାର୍ଯ୍ୟକ୍ଷେତ୍ରରେ ଭାବିଚିନ୍ତି ନିର୍ଣ୍ଣୟ ନିଅନ୍ତୁ। ଛାତ୍ରମାନେ ସଫଳ ହେବେ। ପ୍ରତିକାର ଗଣପତି ଚାଳିଶା ପାଠ କରନ୍ତୁ।

**କର୍କଟ** ଋତୁକାଳୀନ ରୋଗରେ ପୀଡିତ ହୋଇପାରନ୍ତି। ଆୟରେ ବୃଦ୍ଧି ହେବ। ଛାତ୍ରମାନେ ପାଠରୁ ଦୂରେଇ ପାରନ୍ତି। ଗୁରୁଜନଙ୍କ ସହଯୋଗ ପାଇବେ। ଧାର୍ମିକ କାମରେ ମନଦେବେ। ପ୍ରତିକାର : ଭଗବାନ ଶିବଙ୍କୁ ଜଳ ଅର୍ପଣ କରନ୍ତୁ।

**ସିଂହ** ମନ ଅସ୍ଥିର ରହିବ। ଭାଗୀଦାରୀ ବ୍ୟବସାୟ କରନ୍ତୁ ନାହିଁ। କାର୍ଯ୍ୟକ୍ଷେତ୍ରରେ ସ୍ଥାନାନ୍ତରଣ କ୍ଷତିକାରକ ହୋଇପାରେ। ପ୍ରତିକାର : ଗରିବଙ୍କୁ ଖାଦ୍ୟ ସାମଗ୍ରୀ ଦାନ କରନ୍ତୁ।

**କନ୍ୟା** ଖାଦ୍ୟ ପେୟରେ ଧ୍ୟାନ ଦିଅନ୍ତୁ। ଆର୍ଥିକ ସ୍ଥିତି ସାଧାରଣ ରହିବ। କାର୍ଯ୍ୟକ୍ଷେତ୍ରରେ ସହଯୋଗ ପାଇବେ। ଗୁରୁଜନମାନଙ୍କ ମାର୍ଗଦର୍ଶନ ନିଅନ୍ତୁ। ବାଣୀରେ ନିୟନ୍ତ୍ରଣ ରଖନ୍ତୁ। ପ୍ରତିକାର : ଗାଇକୁ ସବୁଜଚାରା ଖୁଆନ୍ତୁ।

**ତୁଳା** ଧୈର୍ଯ୍ୟ ଓ ବିବେକ ହରାନ୍ତୁ ନାହିଁ। ଧନପ୍ରାପ୍ତିରେ ବିଳମ୍ବ ହୋଇପାରେ। କାର୍ଯ୍ୟ କ୍ଷେତ୍ରରେ ବ୍ୟସ୍ତତା ବଢ଼ିବ। ପଦୋନ୍ନତି ହୋଇପାରେ। ତର୍କ କରନ୍ତୁ ନାହିଁ। ପ୍ରତିକାର : ଭଗବାନ ଶିବଙ୍କୁ କଦଳୀ ଲାଗି କରନ୍ତୁ।

**ବିଛା** ଅଧିକ ପରିଶ୍ରମ ଯୋଗୁ ଥକି ପାରନ୍ତି। ନୂତନ ବ୍ୟବସାୟ ପାଇଁ ସମୟ ଠିକ୍ ନୁହେଁ। କାର୍ଯ୍ୟକ୍ଷେତ୍ରରେ କନିଷ୍ଠଙ୍କ ସହଯୋଗ ପାଇବେ। ବହୁ ପ୍ରତିକ୍ଷିତ ସଫଳତା ମିଳିପାରେ। ପ୍ରତିକାର : ହନୁମାନ ଚାଳିଶା ପାଠ କରନ୍ତୁ।

**ଧନୁ** ସ୍ୱାସ୍ଥ୍ୟଗତ ସମସ୍ୟା ଆସିପାରେ। ଆଇନ୍ ସମ୍ବନ୍ଧୀୟ କାର୍ଯ୍ୟରେ ବ୍ୟସ୍ତ ରହିବେ। ଭାବାବେଗରେ ପଡି କୌଣସି ନିଜ ଲୋକକୁ କିଛି ଟିପ୍ପଣୀ କରନ୍ତୁ ନାହିଁ। ପ୍ରତିକାର : ଗୋ ମାତାଙ୍କ ସେବା କରନ୍ତୁ।

**ମକର** ପୁରୁଣା ବିବାଦର ସମାଧାନ ହୋଇପାରେ। କାର୍ଯ୍ୟକ୍ଷେତ୍ରରେ ପ୍ରତିବନ୍ଧକ ଦେଖାଦେବ। ଅନୈତିକ କାର୍ଯ୍ୟରୁ ଦୂରରେ ରହନ୍ତୁ। ପ୍ରେମୀ ମାନଙ୍କ ପାଇଁ ସମୟ ପ୍ରତିକୂଳ। ପ୍ରତିକାର : ଭଗବାନ ହନୁମାନଙ୍କୁ ଦୀପ ଓ ବୁନ୍ଦି ଭୋଗ ଲଗାନ୍ତୁ।

**କୁମ୍ଭ** ଥଣ୍ଡା ଓ ଜ୍ୱରରେ ପୀଡିତ ହୋଇପାରନ୍ତି। ସଞ୍ଚିତ ଧନ ଖର୍ଚ୍ଚ ହେବ। କାର୍ଯ୍ୟକ୍ଷେତ୍ରରେ ପ୍ରତିବନ୍ଧକ ଦେଖାଦେବ। ଛାତ୍ରମାନେ ଏକାଗ୍ରତା ହରାଇବେ। ଜୀବନସାଥଙ୍କ ସହଯୋଗ ପାଇଷବ। ପ୍ରତିକାର : ମହାଦେବଙ୍କୁ ସୁଗନ୍ଧିତ ମିଠା ଭୋଗ ଲଗାନ୍ତୁ।

**ମୀନ** ଜଟିଳ କାର୍ଯ୍ୟକୁ ସ୍ଥଗିତ ରଖନ୍ତୁ। କାର୍ଯ୍ୟକ୍ଷେତ୍ରରେ ପ୍ରଶଂସିତ ହେବେ। ସରକାରୀ ବିରୋଧୀ କାର୍ଯ୍ୟକୁ ଦୂରେଇ ରହନ୍ତୁ। ବ୍ୟବସାୟ ପାଇଁ ସମୟ ପ୍ରତିକୂଳ ବାଣୀରେ ଲଗାମ ଦିଅନ୍ତୁ। ପ୍ରତିକାର : ଶିବଲିଙ୍ଗଙ୍କୁ କଞ୍ଚା କ୍ଷୀରରେ ଅଭିଷେକ କରନ୍ତୁ।

**ଅନ୍ନପୂର୍ଣ୍ଣା ଖୁଣ୍ଟିଆ**
ଜ୍ୟୋତିର୍ବିଦ୍
ଭୁବନେଶ୍ୱର

# ଭାରତ ପାଖରେ ରହିଛି ୧୭୨ ଆଣବିକ ଅସ୍ତ୍ର

**ନୂଆଦିଲ୍ଲୀ :** ଶତ୍ରୁକୁ ମାତ୍ ଦେବା ପାଇଁ ସାରା ବିଶ୍ୱରେ ପରମାଣୁ ଅସ୍ତ୍ରଶସ୍ତ୍ର ତିଆରି କରିବାରେ ଜାରି ରହିଛି ରେସ୍। କାହା ପାଖରେ କେତେ ଅଧିକ ରହିଛି ପରମାଣୁ ବୋମା। କିଏ ଶକ୍ତିଶାଳୀ ଦେଶ ? ପରମାଣୁ ଅସ୍ତ୍ରଶସ୍ତ୍ରକୁ ମଜବୁଜ କରିବାରେ ଲାଗି ପଡିଛନ୍ତି ଅନେକ ଦେଶ। ଏହାରି ଭିତରେ ଏବେ ଭାରତ ପରମାଣୁ ଅସ୍ତ୍ର ମାମଲାରେ ପାକିସ୍ତାନକୁ ପଛରେ ପକାଇ ଦେଇଛି। ଏହାକୁ ନେଇ ସ୍ୱିଡେନ୍‌ର ଅଗ୍ରଣୀ ଥିଙ୍କ ଟ୍ୟାଙ୍କ ସୂଚନା ଦେଇଛି। ସମଗ୍ର ବିଶ୍ୱରେ ପରମାଣୁ ବୋମା ଉପରେ ନଜର ରଖୁଥିବା ସଂସ୍ଥା ଷ୍ଟକହୋମ ଇଣ୍ଟରନ୍ୟାସନାଲ ପିସ୍ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ୍ ଏସ୍‌ଆଇପିଆରଆଇ ଏକ ନୂଆ ତଥ୍ୟ ପ୍ରକାଶ କରିଛି। ତଥ୍ୟ ଅନୁସାରେ ସାରା ବିଶ୍ୱରେ ଲଗାତର ଆଣବିକ ଅସ୍ତ୍ର ସଂଖ୍ୟା ବଢ଼ିବାରେ ଲାଗିଛି। ଆମେରିକା, ରୁଷ, ଫ୍ରାନ୍ସ, ଚୀନ୍, ଭାରତ ଏବଂ ପାକିସ୍ତାନ ସମେତ ନଅଟି ଆଣବିକ ସକ୍ଷମ ରାଷ୍ଟ୍ର ସେମାନଙ୍କର ଆଣବିକ ଅସ୍ତ୍ରଶସ୍ତ୍ରକୁ ଆଧୁନିକୀକରଣ ଜାରି ରଖିଛନ୍ତି। ସେମାନଙ୍କ ମଧ୍ୟରୁ ଅନେକ ୨୦୨୩ ମସିହାରେ ନୂତନ ଆଣବିକ କ୍ଷମତା ବିଶିଷ୍ଟ ଅସ୍ତ୍ର ପ୍ରଣାଳୀ ନିୟୋଜିତ କରିଛନ୍ତି। ଏସ୍‌ଆଇପିଆରଆଇ ଅନୁଯାୟୀ ଭାରତ ପାଖରେ ୨୦୨୩ରେ ୧୬୪ଟି ପରମାଣୁ ଅସ୍ତ୍ର ଥିଲା। ଏବେ ଏହି ସଂଖ୍ୟା ୧୭୨କୁ ବୃଦ୍ଧି ପାଇଛି। ସେପଟେ ପାକିସ୍ତାନ ପାଖରେ ୨୦୨୩ରୁ ୧୭୦ଟି ଆଣବିକ



ଅସ୍ତ୍ର ଅଛି। ଗତ ଏକ ବର୍ଷ ମଧ୍ୟରେ ଭାରତ ୮ଟି ନୂତନ ପରମାଣୁ ଅସ୍ତ୍ର ତିଆରି କରିଥିବାବେଳେ ପାକିସ୍ତାନ କୌଣସି ନୂତନ ଆଣବିକ ବୋମା ତିଆରି କରି ନାହିଁ। ସେହିପରି ଭାରତର ସବୁଠୁ ବଡ଼ ଶତ୍ରୁ ଚାଇନା ଗତ ଏକ ବର୍ଷ ମଧ୍ୟରେ ୯୦ଟି ନୂଆ ଆଣବିକ ଅସ୍ତ୍ର ତିଆରି କରିଛି। ଏହାକୁ ମିଶାଇ ଚୀନ୍‌ର ଆଣିବିକ ଅସ୍ତ୍ର ସଂଖ୍ୟା ବର୍ତ୍ତମାନ ୪୧୦ରୁ ୫୦୦କୁ ବୃଦ୍ଧି ପାଇଛି। ଏହା ଆହୁରି ବୃଦ୍ଧି ପାଇବ ବୋଲି କୁହାଯାଉଛି। ଏସ୍‌ଆଇପିଆରଆଇର ତଥ୍ୟ ଅନୁଯାୟୀ, ଆମେରିକା, ରୁଷ, ଫ୍ରାନ୍ସ, ବ୍ରିଟେନ, ଚାଇନା, ପାକିସ୍ତାନ, ଭାରତ, ଉତ୍ତର କୋରିଆ ଏବଂ ଇସ୍ରାଏଲ ଗତ ବର୍ଷରେ ଆଣବିକ ଅସ୍ତ୍ରକୁ ଆଧୁନିକୀକରଣ କରିଛନ୍ତି। ୨୦୨୪ ବର୍ଷର ତଥ୍ୟ ଅନୁଯାୟୀ, ବର୍ତ୍ତମାନ ସାରା ବିଶ୍ୱରେ ୧୨,୧୨୧ ପରମାଣୁ ଅସ୍ତ୍ର ଅଛି। ସେଥିମଧ୍ୟରୁ ୯,୫୮୫ ପରମାଣୁ ବୋମା ସାମରିକ ଭଣ୍ଡାରରେ ରଖାଯାଇଛି, ଯାହା ଆବଶ୍ୟକ ହେଲେ ବ୍ୟବହାର କରାଯାଇପାରିବ। ଏହା ବ୍ୟତୀତ ଯୁଦ୍ଧ ବିମାନ ଏବଂ କ୍ଷେପଣାସ୍ତ୍ରରେ ୩୯୦୪ ପରମାଣୁ ବୋମା ନିୟୋଜିତ କରାଯାଇଛି। ସମଗ୍ର ବିଶ୍ୱରେ ୨୧୦୦ ପରମାଣୁ ବୋମା କ୍ଷେପଣାସ୍ତ୍ରରେ ହାଇଆଲର୍ଟ ମୋଡ୍‌ରେ ରଖାଯାଇଛି। ରୁଷିଆ ଏବଂ ଆମେରିକା ସର୍ବାଧିକ ସଂଖ୍ୟକ ଆଣବିକ ଅସ୍ତ୍ରକୁ ଆଲର୍ଟ ମୋଡ୍‌ରେ ରଖିଥିବାବେଳେ ବର୍ତ୍ତମାନ ଚାଇନା ମଧ୍ୟ ୨୪ଟି ଆଣବିକ ଅସ୍ତ୍ରକୁ ଆଲର୍ଟ ମୋଡ୍‌ରେ ରଖିଛି। ରୁଷିଆ ଏବଂ ଆମେରିକା ପାଖରେ ୯୦ ପ୍ରତିଶତ ପରମାଣୁ ବୋମା ଅଛି।

## ୨୦୨୪ରେ ଭାରତ ଛାଡ଼ିବେ ୪,୩୦୦ ଧନୀ



**ନୂଆଦିଲ୍ଲୀ :** ଭାରତ ଛାଡୁଛନ୍ତି ଧନୀ ଶ୍ରେଣୀର ଲୋକ। ୨୦୨୩ରେ ୫ ହଜାର ୧ ଶହ ଧନୀ ଭାରତ ଛାଡ଼ିଥିବାବେଳେ ୨୦୨୪ରେ ୪ ହଜାର ୩ ଶହ ଧନୀ ଭାରତ ଛାଡ଼ିବେ ବୋଲି ଆକଳନ କରାଯାଇଛି। ସର୍ବାଧିକ ଭାରତୀୟ ସଂଯୁକ୍ତ ଆରବ ଅମିରାତ (ୟୁଏଇ)କୁ ସେମାନଙ୍କ ପସନ୍ଦଯୋଗ୍ୟ ଦେଶ ବିବେଚନା କରୁଛନ୍ତି। ୨୦୧୩ ରୁ ୨୦୨୩ ମଧ୍ୟରେ ୟୁଏଇରେ ଭାରତୀୟଙ୍କ ସଂଖ୍ୟା ୮୫% ବୃଦ୍ଧି ପାଇଛି। ପରିବାରର ସୁରକ୍ଷା, ଟିକସ ସୁବିଧା, ବ୍ୟବସାୟ ସୁଯୋଗ, ବିଳାଶପୂର୍ଣ୍ଣ ଜୀବନଶୈଳୀ, ପିଲାଙ୍କ ଉନ୍ନତ ପାଠପଢ଼ା, ଉନ୍ନତ ସ୍ୱାସ୍ଥ୍ୟସେବା ପାଇଁ ଧନୀ ଦେଶ ଛାଡୁଥିବା ରିପୋର୍ଟରେ କୁହାଯାଇଛି। ଧନୀ ଲୋକ ଭାରତ ଛାଡ଼ି ବିଦେଶରେ ବସବାସ କରିବା କ୍ରମାଗତଭାବେ ବୃଦ୍ଧିପାଉଛି। ତେବେ ଦେଶ ଛାଡୁଥିବା ଧନୀଙ୍କୁ ନେଇ ସେତେଟା ଚିନ୍ତା କରିବାର ଆବଶ୍ୟକତା ନାହିଁ। କାରଣ ଯେଉଁ ପରିମାଣର ଧନୀ ଦେଶ ଛାଡୁଛନ୍ତି, ତା'ଠାରୁ ବହୁ ଅଧିକ ପରିମାଣର ନୂତନ ଧନୀ ସୃଷ୍ଟି ହେଉଛନ୍ତି। ବିଶ୍ୱ ଧନୀ ତାଲିକାର ୧୦ମ ସ୍ଥାନରେ ଭାରତ ରହିଛି, ଏଠାରେ ୩୨୬,୪୦୦ ଧନୀ ଥିବା ବେଳେ ଦ୍ୱିତୀୟ ସ୍ଥାନରେ ଥିବା ଚୀନ୍‌ରେ ୮୬୨,୪୦୦ ଧନୀ ଅଛନ୍ତି। ରିପୋର୍ଟ ଅନୁଯାୟୀ, ଧନୀଙ୍କ ପ୍ରବାସର ବୈଶ୍ୱିକ ତୁଳନାରେ ଚୀନ ସର୍ବାଗ୍ରେ ଥିବା ବେଳେ ଦ୍ୱିତୀୟରେ ବ୍ରିଟେନ୍ ଓ ତୃତୀୟରେ ଭାରତ ରହିଛି। ୟୁଏଇ ସହ ଆମେରିକା ଓ ସିଙ୍ଗାପୁରକୁ ପ୍ରବାସୀ ଭାରତୀୟ ଯାଇଥାନ୍ତି।

## ବିନା ଯୁଦ୍ଧରେ ହାରିବ ଚୀନ, ସମୁଦ୍ର ତଳେ ଲୁଚିଥିବା ଖଣିଜ ପାହାଡ଼ ଉପରେ ଭାରତକୁ ମିଳିବ ଅଧିକାର

**ନୂଆଦିଲ୍ଲୀ:** ହିନ୍ଦ ମହାସାଗରରେ ସମୁଦ୍ର ତଳେ ଲୁଚି ରହିଥିବା ଅଫାନସ୍ୱ ନିକିତିନ ସିମାଉଣ୍ଟ ପାହାଡ଼ ଉପରେ ଭାରତକୁ ମିଳିବ ଅଧିକାର। ସମୁଦ୍ର ଭିତରେ ଲୁଚିଥିବା ପ୍ରଚୁର ପରିମାଣର ଖଣିଜ ସମ୍ପଦ ଉପରେ ଚୀନ ଅଧିକାର ବିସ୍ତାର କରିବାକୁ ଉଦ୍ୟମ କରୁଥିବାବେଳେ ଏହା ପୂର୍ବରୁ ବିନା ଯୁଦ୍ଧରେ ବିଜୟୀ ହେବାକୁ ଯାଉଛି ଭାରତ। କୁଟନୈତିକ ସ୍ତରରେ ସିମାଉଣ୍ଟ ପାହାଡ଼ରେ ଭରି ରହିଥିବା ପ୍ରାକୃତିକ ସମ୍ପଦକୁ ହାସଲ କରିବ ଭାରତ। ହିନ୍ଦ ମହାସାଗର ତଳେ ଲୁଚି ରହିଛି ଏହି ପାହାଡ଼। ୩ ହଜାର ବର୍ଗ କିଲୋମିଟର ଅଞ୍ଚଳରେ ପରିବ୍ୟାପ୍ତ ଏହି ପାହାଡ଼ରେ ଭରି ରହିଛି ପ୍ରଚୁର ପରିମାଣର କୋବାଲ୍ଟ। ଏହି ପାହାଡ଼କୁ ନେଇ ଭାରତ ଏବଂ ଶ୍ରୀଲଙ୍କା ମଧ୍ୟରେ ପୂର୍ବରୁ ଛକାପଞ୍ଝା ଲାଗି ରହିଥିଲା। ଭାରତ ଏଠାରେ ଉତଖନନ କରିବାକୁ ଚାହୁଁଥିଲା। କିନ୍ତୁ ସଫଳ ହୋଇ ନ ଥିଲା। ଭାରତ ଏଥିପାଇଁ ଜମାଇକାସ୍ଥିତ ଅନ୍ତର୍ଜାତୀୟ ସିବେଡ୍(ସମୁଦ୍ରଶଯ୍ୟା) କର୍ତ୍ତୃପକ୍ଷଙ୍କ ନିକଟରେ ଆବେଦନ କରିଥିଲା। କିନ୍ତୁ ଶ୍ରୀଲଙ୍କା ଏହି ଖଣିଜ ସମ୍ପଦ ଉପରେ ନିଜର ଅଧିକାର ଦାବି କରିପାରେ ବୋଲି ଦର୍ଶାଇ କର୍ତ୍ତୃପକ୍ଷ ଭାରତର ଅନୁରୋଧକୁ ଖାରଜ କରିଦେଇଥିଲେ। ତେବେ ଭାରତ ପାଇଁ ଏବେ ଶ୍ରୀଲଙ୍କାଠାରୁ କୌଣସି ବିପଦ ନାହିଁ। ବରଂ ଶ୍ରୀଲଙ୍କାକୁ ଋଣ ଜାଲରେ ଫସାଇଥିବା ଚୀନଠାରୁ ରହିଛି ବିପଦ। ଚୀନ ବି ଏହି ପାହାଡ଼ ଉପରେ ନଜର ପକାଇଛି। ସାରା ବିଶ୍ୱରେ ମୋବାଇଲ ଫୋନଠାରୁ ଆରମ୍ଭ କରି ମୋଟରଯାନ ଏବଂ ଅସ୍ତ୍ରଶସ୍ତ୍ର ନିର୍ମାଣରେ କୋବାଲଟ ବ୍ୟବହାର କରାଯାଉଛି। ଭାରତ ୧୫ ବର୍ଷ ପର୍ଯ୍ୟନ୍ତ ଏହି ପାହାଡ଼ରେ ସର୍ବେକ୍ଷଣ କରିବା ଲାଗି ଅନ୍ତର୍ଜାତୀୟ ସମୁଦ୍ର ଶଯ୍ୟା କର୍ତ୍ତୃପକ୍ଷଙ୍କଠାରୁ ଅନୁମତି ଲୋଡ଼ିଥିଲା। ଅନ୍ୟପଟେ ସାରା ବିଶ୍ୱରେ କୋବାଲ୍ଟ କ୍ଷେତ୍ରରେ ଚୀନର ପ୍ରାଧାନ୍ୟ ଅଧିକ ରହିଛି। ବିଶ୍ୱର ୭୦ ପ୍ରତିଶତ କୋବାଲ୍ଟ ଚୀନ ନିକଟରେ ରହିଛି। ସମୁଦ୍ର ତଳୁ କୋବାଲ୍ଟ ଉତଖନନ ସମ୍ପର୍କରେ ଭାରତର ଜଣେ ଅଧିକାରୀ କହିଛନ୍ତି, ଭାରତ ତୁରନ୍ତ ଉତଖନନ କରିବାକୁ ଚାହୁଁନାହିଁ। ସେହି ଅଞ୍ଚଳରେ ଭାରତ ନିଜର ଅଧିକାର ବିସ୍ତାର କରିବାକୁ ଚାହୁଁଛି। କାରଣ ଚୀନ ଏହାକୁ ନିଜ କବ୍ଜାକୁ ନେବା ପୂର୍ବରୁ ଭାରତ ନିଜର ଅଧିକାର ଜାହିର କରିବାକୁ ଚାହୁଁଛି। ଏଥିପାଇଁ ଭାରତର ଦାବି ବର୍ତ୍ତମାନ ସୁଦ୍ଧା ଦୃଢ଼ ରହିଛି। କାରଣ ଏହି ଅଞ୍ଚଳ କୌଣସି ଦେଶର ଆର୍ଥିକ କ୍ଷେତ୍ର ବାହାରେ ରହିଛି। ବିଶେଷଜ୍ଞଙ୍କ ଅନୁସାରେ, ଭାରତ ସମୁଦ୍ର ତଳେ ନିଜର ଉତଖନନ କ୍ଷମତା ବୃଦ୍ଧି କରୁଛି। ୨୦୨୧ରେ ଭାରତ ଡିପ୍ ଓସିଅନ ମିଶନ ଆରମ୍ଭ କରିଥିଲା, ଯାହାଦ୍ୱାରା ସମୁଦ୍ର ଭିତରେ ଗବେଷଣା କରାଯାଇପାରିବ। ସମୁଦ୍ର ତଳେ ଲୁଚି ରହିଥିବା କୋବାଲ୍ଟ ଖଣିଜ ଉପରେ ଭାରତର ନଜର ରହିଛି। କାରଣ ଭାରତ ୨୦୭୦ ମସିହା ସୁଦ୍ଧା ଦେଶକୁ ଅଙ୍ଗାରକାମ୍ଳ ନିର୍ଗମନରୁ ମୁକ୍ତ କରିବାକୁ ଚାହୁଁଛି। ତେଣୁ ଭାରତ ପାଇଁ କୋବାଲ୍ଟର ଆବଶ୍ୟକତା ବେଶୀ ରହିଛି। ଏସବୁ ମଧ୍ୟରେ ଶ୍ରୀଲଙ୍କା ଗଣମାଧ୍ୟମରେ ପ୍ରକାଶ ପାଇଛି ଏକ ରିପୋର୍ଟ, ଯେଉଁଥିରେ ଭାରତ ଏହି ମାମଲାରେ ଚୀନକୁ ପରାଜିତ କରି ସିମାଉଣ୍ଟ ପାହାଡ଼ ଉପରେ ନିଜର ଅଧିକାର ଜାହିର କରିବା ରାସ୍ତା ସୁଗମ ହୋଇଥିବା ଦର୍ଶାଯାଇଛି। ରିପୋର୍ଟରେ କୁହାଯାଇଛି ଯେ, ଶ୍ରୀଲଙ୍କା ରାଷ୍ଟ୍ରପତି ଭାରତକୁ ଉକ୍ତ ପାହାଡ଼ରେ ଉତଖନନ ଅଧିକାର ଦେବାକୁ ସହମତି ପ୍ରକାଶ କରିଛନ୍ତି। ଫଳରେ ଏଣିକି ଅନ୍ତର୍ଜାତୀୟ ସମୁଦ୍ର ଶଯ୍ୟା କର୍ତ୍ତୃପକ୍ଷ ଭାରତକୁ ଅନୁମତି ଦେବାରେ ସମସ୍ୟା ହୋଇ ନ ପାରେ। ଭାରତର ଆଦାନୀ ଗ୍ରୁପ ଏବଂ ତାଇୱାନର ଏକ କମ୍ପାନୀ ୟୁମିକୋର କୋବାଲ୍ଟ ଉତଖନନ ପାଇଁ ହାତ ମିଳାଇଛନ୍ତି। ଭାରତ ଏବଂ ତାଇୱାନ ମିଶି ଏହି ଅଞ୍ଚଳରୁ ଚୀନକୁ ବାହାର କରିବାକୁ ପ୍ରଚେଷ୍ଟା ଚଳାଇଛନ୍ତି। ଏଥିପାଇଁ ଭାରତର ବିଦେଶ ମନ୍ତ୍ରୀ ଏସ. ଜୟଶଙ୍କର ଖୁବଶୀଘ୍ର ଶ୍ରୀଲଙ୍କା ଗସ୍ତରେ ଯିବାର କାର୍ଯ୍ୟକ୍ରମ ରହିଛି। ଏହି ଅବସରରେ ଉକ୍ତ ପ୍ରସଙ୍ଗରେ ଆଲୋଚନା ହୋଇପାରେ ବୋଲି ରିପୋର୍ଟରେ କୁହାଯାଇଛି।

# ୪୩% କମିଛି ବିଦେଶୀ ପୁଞ୍ଜି ନିବେଶ

**ନୂଆଦିଲ୍ଲୀ :** ୨୦୨୩ରେ ବୈଶ୍ୱିକ ସ୍ତରରେ ପ୍ରତ୍ୟକ୍ଷ ବିଦେଶୀ ପୁଞ୍ଜି (ଏଫ୍‌ଡିଆଇ) ନିବେଶ ୨% କମିଥିବା ବେଳେ ଭାରତରେ ଏହା ୪୩% (୨ ହଜାର ୮ଶହ କୋଟି ଡଲାର) କମିଥିବା ସଂଯୁକ୍ତ ରାଷ୍ଟ୍ର ବ୍ୟାପାର ଏବଂ ବିକାଶ ସମ୍ମେଳନ (ୟୁଏନ୍‌ସିଟିଏଡି) ରିପୋର୍ଟରେ ପ୍ରକାଶ ପାଇଛି। ଏଫ୍‌ଡିଆଇ କ୍ଷେତ୍ରରେ ୨୦୨୨ରେ ଭାରତ ଅଷ୍ଟମ ସ୍ଥାନରେ ଥିବା ବେଳେ ୨୦୨୩ରେ ୧୫ତମ ସ୍ଥାନକୁ ଖସିଛି। ତେବେ ଏଫ୍‌ଡିଆଇ ଗ୍ରିନ୍‌ଫିଲ୍ଡ ପ୍ରକଳ୍ପ ଓ ଆନ୍ତର୍ଜାତିକ ପ୍ରକଳ୍ପ ଆର୍ଥିକ କାରବାରରେ ଭଳି ଦୁଇ ପ୍ରକାର ଏଫ୍‌ଡିଆଇରେ ଭାରତ ଶୀର୍ଷ ୫ ଦେଶ ମଧ୍ୟରେ ରହିଛି। ୨୦୨୪ରେ ଏଫ୍‌ଡିଆଇ ନିବେଶ



ଆଶା ଆହ୍ୱାନପୂର୍ଣ୍ଣ ଥିବା ବେଳେ ପୂର୍ବବର୍ଷ ଅନୁଯାୟୀ ସାମାନ୍ୟ ବୃଦ୍ଧି ହୋଇପାରେ। ୨୦୨୨ରେ ଭାରତର ଏଫ୍‌ଡିଆଇ ପ୍ରବାହ ୧୦% ବୃଦ୍ଧି ହୋଇ ୪ ହଜାର ୯ଶହ କୋଟି ଡଲାରରେ ପହଞ୍ଚିଥିଲା। ପୂର୍ବ ବର୍ଷ ତୁଳନାରେ, ଭାରତ ୨୦୨୩ରେ ଗ୍ରିନ୍‌ଫିଲ୍ଡ ପ୍ରକଳ୍ପ ଘୋଷଣା ପାଇଁ ଚତୁର୍ଥ ବୃହତ୍ତମ ଆୟୋଜକ ଦେଶ ହେବା ପାଇଁ ଗୋଟିଏ ସ୍ଥାନ ଖସିଗଲା। ଆନ୍ତର୍ଜାତିକ ପ୍ରକଳ୍ପ କାରବାରରେ ଏହା ଦ୍ୱିତୀୟ ସ୍ଥାନରେ ରହିଲା। ଏଫ୍‌ଡିଆଇ ପ୍ରତ୍ୟାହାର ଦୃଷ୍ଟିରୁ ୨୦୨୨ରେ ଭାରତର ମାନ୍ୟତା ୨୩ତମ ସ୍ଥାନରୁ ୨୦୨୩ରେ ୨୦ତମ ସ୍ଥାନକୁ ବୃଦ୍ଧି ପାଇଛି। ୟୁଏନ୍‌ସିଟିଏଡି ରିପୋର୍ଟରେ କୁହାଯାଇଛି ଯେ ଶ୍ରେଷ୍ଠ ୨୦ ଦେଶ ମଧ୍ୟରେ ଏଫ୍‌ଡିଆଇ ପ୍ରବାହର ସର୍ବ ବୃହତ୍ ଅବନତି ଫ୍ରାନ୍ସ, ଅଷ୍ଟ୍ରେଲିଆ, ଚୀନ୍, ଆମେରିକା ଏବଂ ଭାରତରେ ପଞ୍ଜିକୃତ ହୋଇଛି। ବିକାଶଶୀଳ ଏସିଆରେ ଏଫ୍‌ଡିଆଇ ୮% ହ୍ରାସ ପାଇ ୬୨ ହଜାର ୧ଶହ କୋଟି ଡଲାରରେ ପହଞ୍ଚିଛି।

## ସ୍ୱିସ୍ ବ୍ୟାଙ୍କରେ ଭାରତୀୟଙ୍କ ସମ୍ପତ୍ତି ୭୦% କମିଲା



**ନୂଆଦିଲ୍ଲୀ :** ସ୍ୱିସ୍ ବ୍ୟାଙ୍କରେ ଥିବା ଭାରତୀୟଙ୍କ ସମ୍ପତ୍ତି ୨୦୨୩ରେ ୭୦% କମିଛି। ଏହା ୪ବର୍ଷର ସର୍ବନିମ୍ନ ସ୍ତର ୧.୦୪ ବିଲିୟନ ସ୍ୱିସ୍ ଫ୍ରାଙ୍କ (୯ ହଜାର ୭ଶହ ୭୧ କୋଟି ଟଙ୍କା)ରେ ପହଞ୍ଚିଥିବା ସ୍ୱିଜରଲ୍ୟାଣ୍ଡର କେନ୍ଦ୍ରୀୟ ବ୍ୟାଙ୍କ ଗୁରୁବାର ତଥ୍ୟ ପ୍ରକାଶ କରିଛି। ୨୦୨୧ରେ ୧୪ ବର୍ଷର ଉଚ୍ଚତମ ସ୍ତର ୩.୮୩ ବିଲିୟନ ସ୍ୱିସ୍ ଫ୍ରାଙ୍କ (ସ୍ୱିଜରଲ୍ୟାଣ୍ଡ ମୁଦ୍ରା)ରେ ପହଞ୍ଚିବା ପରେ କ୍ରମାଗତ ଦ୍ୱିତୀୟ ବର୍ଷରେ ଭାରତୀୟଙ୍କ ସମ୍ପତ୍ତି ହ୍ରାସ ପାଇଛି। ତେବେ ମୁଖ୍ୟତଃ ବଣ୍ଡ, ସୁରକ୍ଷା ଓ ବିଭିନ୍ନ ଆର୍ଥିକ କାରଣରୁ ଭାରତୀୟ ସମ୍ପତ୍ତି କମିଛି। ସ୍ୱିସ୍ ନ୍ୟାସ୍ନାଲ ବ୍ୟାଙ୍କ ଅଧିକାରୀଙ୍କ ଦ୍ୱାରା ଦିଆଯାଇଥିବା ସୂଚନାରୁ ଉପରୋକ୍ତ ତଥ୍ୟ ମିଳିଛି। ତେବେ ଏହି ତଥ୍ୟରେ ଭାରତୀୟଙ୍କ କଳାଧନ ସମ୍ପର୍କରେ କୌଣସି ଉଲ୍ଲେଖ କରାଯାଇନାହିଁ। ୨୦୦୬ରେ ସ୍ୱିସ୍ ବ୍ୟାଙ୍କରେ ସର୍ବାଧିକ ୬.୫ ବିଲିୟନ ସ୍ୱିସ୍ ଫ୍ରାଙ୍କ ଜମା ଥିବା ବେଳେ ୨୦୧୧, ୨୦୧୩, ୨୦୧୭, ୨୦୨୦ ଓ ୨୦୨୧ ସହିତ କିଛି ବର୍ଷକୁ ଛାଡ଼ି ଏହା କ୍ରମାଗତ କମିବାରେ ଲାଗିଛି।

# ଧାନର ଏମ୍‌ଏସ୍‌ପି ୧୧୭ ଟଙ୍କା ବୃଦ୍ଧି

**ନୂଆଦିଲ୍ଲୀ :** କେନ୍ଦ୍ରରେ କ୍ଷମତାସୀନ ନରେନ୍ଦ୍ର ମୋଦି ସରକାର ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ବା ଏମଏସପି ବୃଦ୍ଧି କରିଛନ୍ତି। ପୂର୍ବ ବର୍ଷର ଦର ଅପେକ୍ଷା କେନ୍ଦ୍ର ସରକାର ଧାନର ଏମଏସ୍ପିରେ ୧୧୭ ଟଙ୍କା ବଢ଼ାଇଛନ୍ତି। ବର୍ଦ୍ଧିତ ଦର ପରେ ଚାଷୀମାନେ ନିଜର ଧାନକୁ କ୍ୱିଣ୍ଟାଲ ପିଛା ୨୩ ଶହ ଟଙ୍କାରେ ବିକ୍ରି କରିପାରିବେ। ଏନେଇ କେନ୍ଦ୍ର କ୍ୟାବିନେଟ ନିଷ୍ପତ୍ତି ନେଇଛି। ଗତବର୍ଷ ଚାଷୀଙ୍କୁ ଧାନ ପାଇଁ ୨୧୮୩ ଟଙ୍କା ମିଳୁଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧକ୍ଷତାରେ ବସିଥିବା କେନ୍ଦ୍ର କ୍ୟାବିନେଟରେ ଧାନ ସହ ୧୪ଟି ଖରିଫ ଫସଲର ଦର ବୃଦ୍ଧି ଉପରେ ମୋହର ମାରିଥିବା କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ସୂଚନା ଦେଇଛନ୍ତି। ସେ କହିଛନ୍ତି, ପ୍ରଧାନମନ୍ତ୍ରୀ



ନରେନ୍ଦ୍ର ମୋଦିଙ୍କ ଐତିହାସିକ ତୃତୀୟ ଟର୍ମରେ କ୍ୟାବିନେଟ ବୈଠକରେ ଅନେକ ମହତ୍ତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। କ୍ୟାବିନେଟରେ ଚାଷୀଙ୍କ ସହ ଜଡ଼ିତ ମହତ୍ତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ଖରିଫ ଋତୁ ଆରମ୍ଭ ହେଉଛି। ତେଣୁ ୧୪ଟି ଖରିଫ ଫସଲର ଏମଏସ୍ପି ବୃଦ୍ଧି ପାଇଁ ଆଜି କ୍ୟାବିନେଟ ନିଷ୍ପତ୍ତି ନେଇଛି। ୨୦୧୮ରେ କେନ୍ଦ୍ରୀୟ ବଜେଟରେ ନିଷ୍ପତ୍ତି ହୋଇଥିଲା ଯେ ଏମଏସ୍‌ପି ଉତ୍ପାଦ ଖର୍ଚ୍ଚର ୧.୫ ଗୁଣ ରହିବ। ଏହାକୁ ଦୃଷ୍ଟିରେ ରଖି ନିଷ୍ପତ୍ତି ହୋଇଛି। ୨୦୧୩-୧୪ରେ ଧାନର ଏମଏସପି ୧୩୧୦ ଟଙ୍କାର ରହିଥିଲା। ହେଲେ ୨୦୨୪ରେ ଏହା ୨୩ ଶହ ଟଙ୍କାରେ ପହଞ୍ଚିଛି। ଗତବର୍ଷ ତୁଳନାରେ ଏହା ୧୧୭ ଟଙ୍କା ଅଧିକ। ଚଳିତ ବର୍ଷ ଧାନାର ଏମଏସ୍‌ପିକୁ ୫.୩୫% ବୃଦ୍ଧି କରାଯାଇଛି। ସେହିପରି ସାଧାରଣ କଟନର ଏମଏସ୍‌ପିକୁ ୭,୧୨୧ ଓ ଆଉ ଏକ ବର୍ଗର କଟନର ଏମଏସ୍‌ପି ୭୫୨୧ ଟଙ୍କା ହୋଇଛି। ଏହାର ପୂର୍ବ ଏମଏସ୍‌ପି ତୁଳନାରେ ୫୧୦ ଟଙ୍କା ଅଧିକ। ମିଲେଟ ପ୍ରଧାନମନ୍ତ୍ରୀ ମୋଦିଙ୍କ ଫୋକସରେ ରହିଛି। ଏହା ମଧ୍ୟରେ ବାଜରାର ଅଟାର (ଜୋୱାର) ଦାମ ୩,୩୭୧ ଟଙ୍କା, ରାଗିର ଦାମ ୪,୨୯୦ ଟଙ୍କା, ବାଜରାର ଦାମ ୨୬୨୫ ଟଙ୍କା ଓ ମକାର ଏମଏସ୍‌ପି ୨,୨୨୫ ଟଙ୍କାକୁ ବୃଦ୍ଧି ପାଇଛି। ଏହାବାଦ ଡାଲି ଜାତୀୟ ଦ୍ରବ୍ୟର ମଧ୍ୟ ଏମଏସ୍‌ପି ବୃଦ୍ଧି କରାଯାଇଛି। ମୁଗ ଡାଲିକର ଏମଏସ୍‌ପି ୮,୬୮୨ ଟଙ୍କା ହୋଇଥିବା ବେଳେ ମସୁର ଡାଲିର ଦାମ ୭୫୫୦ ଟଙ୍କା ହୋଇଛି। ପୂର୍ବବର୍ଷ ଅପେକ୍ଷା ଏହାର ଦାମ ୫୫୦ ଟଙ୍କା ବୃଦ୍ଧି କରାଯାଇଛି। ବିରି ଡାଲିର ଦାମ ୭,୪୦୦ ଟଙ୍କା କରାଯାଇଛି। ଏହାବାଦ ସୂର୍ଯ୍ୟମୁଖୀ ଓ ବାଦାମ ଦାମ ବି ସରକାର ବୃଦ୍ଧି କରିଛନ୍ତି। ବାଦାମ କ୍ୱିଣ୍ଟାଲ ପିଛା ଚାଷୀମାନେ ୬୭୮୩ ଟଙ୍କା ପାଇବେ। ବର୍ଦ୍ଧିତ ଏମଏସ୍‌ପି ଯୋଗୁ ଚାଷୀମାନଙ୍କୁ କେନ୍ଦ୍ର ସରକାର ଗତବର୍ଷ ତୁଳନାରେ ଅଧିକ ୩୫ ହଜାର କୋଟି ଟଙ୍କା ଦେବେ।

# 'ଶିକ୍ଷା ସୀମା ଠାରୁ ଉର୍ଦ୍ଧ୍ୱରେ'

**ନୂଆଦିଲ୍ଲୀ :** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବିହାରର ରାଜଗିରଠାରେ ନାଳନ୍ଦା ବିଶ୍ୱବିଦ୍ୟାଳୟର ନୂତନ କ୍ୟାମ୍ପସକୁ ଉଦଘାଟନ କରିଛନ୍ତି। ଭାରତ ଓ ପୂର୍ବ ଏସିଆ ଶିଖର ସମ୍ମିଳନୀ (ଇଏଏସ୍) ଦେଶଗୁଡ଼ିକର ମିଳିତ ସହଯୋଗରେ ଏହି ବିଶ୍ୱବିଦ୍ୟାଳୟ ସାକାର ରୂପ ନେଇଛି। ଉଦଘାଟନୀ ଉତ୍ସବରେ ୧୭ଟି ଦେଶର ମିଶନ ମୁଖ୍ୟଙ୍କ ସମେତ ଅନେକ ବିଶିଷ୍ଟ ବ୍ୟକ୍ତି ଯୋଗ ଦେଇଥିଲେ। ପ୍ରଧାନମନ୍ତ୍ରୀ ଏକ ଚାରା ରୋପଣ ମଧ୍ୟ କରିଥିଲେ। ତୃତୀୟ ଥର ପାଇଁ ପ୍ରଧାନମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିବାର ୧୦ ଦିନ ମଧ୍ୟରେ ନାଳନ୍ଦା ଗସ୍ତକୁ ନେଇ ଶ୍ରୀ ମୋଦୀ ଆନନ୍ଦ ପ୍ରକାଶ କରିବା ସହ ଏହା ଭାରତର ବିକାଶଯାତ୍ରା ଦିଗରେ ଏକ ସକାରାତ୍ମକ ସଙ୍କେତ ବୋଲି ଜନସାଧାରଣଙ୍କୁ ସମ୍ବୋଧିତ କରି କହିଥିଲେ। ଏଥିପାଇଁ ସେ ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ। "ନାଳନ୍ଦା କେବଳ ଏକ ନାମ ନୁହେଁ, ଏହା ଏକ ପରିଚୟ ଓ ସମ୍ମାନ। ନାଳନ୍ଦା ହେଉଛି ମୂଳ ଆଧାର, ଏହା ହେଉଛି ମନ୍ତ୍ର। ନାଳନ୍ଦା ଏକ ସତ୍ୟର ଘୋଷଣା କରୁଛି ଏବଂ ତାହା ହେଉଛି ନିଆଁରେ ପୁସ୍ତକ ଜଳିଥିଲେ ମଧ୍ୟ ଜ୍ଞାନ ନଷ୍ଟ ହୋଇପାରିବ ନାହିଁ" ବୋଲି ପ୍ରଧାନମନ୍ତ୍ରୀ କହିଥିଲେ। ନୂତନ ନାଳନ୍ଦା ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ଭାରତର ସୁବର୍ଣ୍ଣ ଯୁଗର ଶୁଭାରମ୍ଭ କରିବ ବୋଲି ସେ ଜୋର ଦେଇ କହିଥିଲେ। ପ୍ରଧାନମନ୍ତ୍ରୀ କହିଥିଲେ ଯେ ନାଳନ୍ଦାର ପ୍ରାଚୀନ ଭଗ୍ନାବଶେଷ ନିକଟରେ ଏହାର ପୁନରୁଦ୍ଧାର ଭାରତର ସାମର୍ଥ୍ୟକୁ ବିଶ୍ୱ ଆଗରେ ପରିଚିତ କରାଇବ କାରଣ ଏହା ବିଶ୍ୱକୁ କହିବ ଯେ ଦୃଢ଼ ମାନବିକ ମୂଲ୍ୟବୋଧ ଥିବା ରାଷ୍ଟ୍ରମାନେ ଇତିହାସକୁ ପୁନରୁଦ୍ଧାର କରି ଏକ ଉନ୍ନତ ବିଶ୍ୱ ସୃଷ୍ଟି କରିବାକୁ ସକ୍ଷମ। ଶ୍ରୀ ମୋଦୀ ଗୁରୁତ୍ୱାରୋପ କରି କହିଥିଲେ ଯେ ନାଳନ୍ଦା ବିଶ୍ୱ, ଏସିଆ ଏବଂ ଅନେକ ଦେଶର ଐତିହ୍ୟକୁ ବହନ କରୁଛି ଏବଂ ଏହାର ପୁନରୁଦ୍ଧାର କେବଳ ଭାରତୀୟତା ଦିଗର ପୁନରୁଦ୍ଧାରରେ ସୀମିତ ନୁହେଁ। ଆଜିର ଉଦଘାଟନୀ ଉତ୍ସବରେ ଏତେ



ସଂଖ୍ୟକ ଦେଶର ଉପସ୍ଥିତିରୁ ଏହା ସ୍ପଷ୍ଟ ହେଉଛି ବୋଲି କହି ସେ ନାଳନ୍ଦା ପ୍ରକଳ୍ପରେ ବନ୍ଧୁ ରାଷ୍ଟ୍ରମାନଙ୍କ ଅବଦାନକୁ ସ୍ୱୀକାର କରିଥିଲେ। ନାଳନ୍ଦାରେ ପ୍ରତିଫଳିତ ହେଉଥିବା ଏହାର ଗୌରବ ଫେରାଇ ଆଣିବା ପାଇଁ ବିହାରବାସୀଙ୍କ ସଂକଳ୍ପକୁ ମଧ୍ୟ ସେ ପ୍ରଶଂସା କରିଥିଲେ। ଏକଦା ନାଳନ୍ଦା ଭାରତର ସଂସ୍କୃତି ଓ ପରମ୍ପରାର ଜୀବନ୍ତ କେନ୍ଦ୍ର ଥିଲା ବୋଲି ଉଲ୍ଲେଖ କରି ପ୍ରଧାନମନ୍ତ୍ରୀ କହିଥିଲେ ଯେ, "ନାଳନ୍ଦାର ଅର୍ଥ ହେଉଛି ଜ୍ଞାନ ଓ ଶିକ୍ଷାର ନିରନ୍ତର ପ୍ରବାହ ଏବଂ ଏହା ହେଉଛି ଶିକ୍ଷା ପ୍ରତି ଭାରତର ଆଭିମୁଖ୍ୟ ଓ ଚିନ୍ତାଧାରା। ଶିକ୍ଷା ସୀମା ଠାରୁ ଉର୍ଦ୍ଧ୍ୱରେ। ଏହା ମୂଲ୍ୟବୋଧ ଓ ବିଚାର ସୃଷ୍ଟି କରିବା ସହିତ ଏହାକୁ ଆକାର ଦେଇଥାଏ। ପ୍ରଧାନମନ୍ତ୍ରୀ କହିଥିଲେ ଯେ ପ୍ରାଚୀନ ନାଳନ୍ଦା ବିଶ୍ୱବିଦ୍ୟାଳୟରେ ଛାତ୍ରଛାତ୍ରୀମାନେ ସେମାନଙ୍କ ପରିଚୟ ଏବଂ ଜାତୀୟତା ନିର୍ବିଶେଷରେ ନାମ ଲେଖାଇଥିଲେ। ନବନିର୍ମିତ ନାଳନ୍ଦା ବିଶ୍ୱବିଦ୍ୟାଳୟ ପରିସରରେ ସେହି ପ୍ରାଚୀନ ପରମ୍ପରାକୁ ଆଧୁନିକ ରୂପରେ ସୁଦୃଢ଼ କରିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ନାଳନ୍ଦା ବିଶ୍ୱବିଦ୍ୟାଳୟରେ ୨୦ରୁ ଅଧିକ ଦେଶର ଛାତ୍ରଛାତ୍ରୀ ଅଧ୍ୟୟନ କରୁଥିବାରୁ ପ୍ରଧାନମନ୍ତ୍ରୀ ଆନନ୍ଦ ପ୍ରକାଶ କରିଥିଲେ ଏବଂ ଏହା 'ବସୁଧୈବ କୁଟୁମ୍ବକମ୍'ର ଉତ୍ତମ ଉଦାହରଣ ବୋଲି କହିଥିଲେ। ଶିକ୍ଷାକୁ ମାନବ କଲ୍ୟାଣର ଏକ ଉପକରଣ ଭାବରେ ଗ୍ରହଣ କରିବାର ଭାରତୀୟ ପରମ୍ପରା ଉପରେ ପ୍ରଧାନମନ୍ତ୍ରୀ ଆଲୋକପାତ କରିଥିଲେ। ଆଗାମୀ ଅନ୍ତର୍ଜାତୀୟ ଯୋଗ ଦିବସ ବିଷୟରେ ଉଲ୍ଲେଖ କରି ସେ କହିଲେ ଯେ, ଯୋଗ ଦିବସ ଏକ ଅନ୍ତର୍ଜାତୀୟ ଉତ୍ସବରେ ପରିଣତ ହୋଇଛି। ଯୋଗର ଏତେ ମାତ୍ରାରେ ବିକାଶ ସତ୍ତ୍ୱେ ଭାରତରେ କେହି ଯୋଗ ଉପରେ ଏକଚ୍ଛତ୍ରବାଦ ପ୍ରକାଶ କରିନାହାଁନ୍ତି। ସେହିଭଳି ଭାରତ ଆୟୁର୍ବେଦକୁ ସମଗ୍ର ବିଶ୍ୱ ସହ ବାଣ୍ଟିଛି ବୋଲି ସେ କହିଥିଲେ। ଦୀର୍ଘସ୍ଥାୟିତ୍ୱ ପ୍ରତି ଭାରତର ନିଷ୍ଠା ଉପରେ ମଧ୍ୟ ପ୍ରଧାନମନ୍ତ୍ରୀ ମୋଦୀ ଆଲୋକପାତ କରିଥିଲେ ଏବଂ କହିଥିଲେ ଯେ, ଭାରତରେ ଆମେ ପ୍ରଗତି ଏବଂ ପରିବେଶକୁ ଏକାଠି କରିଛୁ। ଏହା ଭାରତକୁ ମିଶନ ଲାଇଫ୍ ଏବଂ ଅନ୍ତର୍ଜାତୀୟ ସୌର ମେଣ୍ଟ ଭଳି ପଦକ୍ଷେପ ପ୍ରଦାନ କରିବାକୁ ଅନୁମତି ଦେଇଥିଲା। ସେ କହିଛନ୍ତି ଯେ ନାଳନ୍ଦା କ୍ୟାମ୍ପସ ଏହାର ଅଗ୍ରଣୀ ଅଙ୍ଗାରକାମ୍ଳ ମୁକ୍ତ ଶକ୍ତି, ଶୂନ୍ୟ ଅଙ୍ଗାରକାମ୍ଳ ନିର୍ଗମନ, ଜଳ ଅପଚୟ ମୁକ୍ତ ଏବଂ ବର୍ଜ୍ୟମୁକ୍ତ ମଡେଲ ସହିତ ଦୀର୍ଘସ୍ଥାୟୀତ୍ୱର ଭାବନାକୁ ଆଗକୁ ବଢ଼ାଇବ।

### ନିଜ ନେତାଙ୍କୁ ଲଲିପପ୍ ଦେଲା ବିଜେଡି

# ବିଧାନସଭାରେ ମିଳିବନି ପଦବୀକୁ ସମ୍ମାନ

**ଭୁବନେଶ୍ୱର :** ୨୪ବର୍ଷର ଶାସନର ପତନ ପରେ ବିଜେଡିର ମତିଭ୍ରମ ବଢ଼ିବାରେ ଲାଗିଛି। ଦଳ ଏବେ ନିଜର ନେତାମାନଙ୍କୁ ସମ୍ବିଧାନିକସ୍ୱୀକୃତି ନଥିବା ପଦବୀର 'ଲଲିପପ' ଦେଇ ସନ୍ତୁଷ୍ଟ କରିବାକୁ ପ୍ରୟାସ କରୁଛି। ବରିଷ୍ଠ ନେତା ପ୍ରସନ୍ନ ଆଚାର୍ଯ୍ୟ ଓ ପ୍ରତାପ କେଶରୀ ଦେବଙ୍କୁ ବିଜେଡି ଏଭଳି ପଦବୀ ଦେଇଛି ଯାହାକି ବିଧାନସଭାରେ ଆଇନସମ୍ମତ କିମ୍ବା ସ୍ୱୀକୃତ ନୁହେଁ ବୋଲି ଜଣାପଡ଼ିଛି। ମିଳିଥିବା ସୂଚନା ଅନୁସାରେ, ନିକଟରେ ଶଙ୍ଖ ଭବନରେ ବିଜେଡି ବିଧାୟକ ଦଳ ବୈଠକ ବସି ଦଳର ସୁପ୍ରିମୋ ନବୀନ ପଟ୍ଟନାୟକଙ୍କୁ ବିଧାୟକ ଦଳ ନେତା ଭାବେ ମନୋନୀତ କରାଯାଇଛି। ବରିଷ୍ଠ ନେତା ପ୍ରସନ୍ନ ଆଚାର୍ଯ୍ୟଙ୍କୁ ବିଧାୟକ ଦଳ ଉପନେତା, ପ୍ରମିଳା ମଲ୍ଲିକଙ୍କୁ ବିରୋଧୀ ଦଳ ମୁଖ୍ୟ ସଚେତକ ଓ ପ୍ରତାପ କେଶରୀ ଦେବଙ୍କୁ ବିରୋଧୀ ଦଳ ଉପମୁଖ୍ୟ ସଚେତକ ଭାବେ ଚୟନ କରାଯାଇଛି। ଏନେଇ ବିଧାୟକ ଦଳ ବୈଠକରେ ପ୍ରତାପ ଦେବ ଆଣିଥିବା ପ୍ରସ୍ତାବକୁ ବରିଷ୍ଠ ବିଧାୟକ ଅରୁଣ ସାହୁ ସମର୍ଥନ କରିଥିଲେ। ଚାନ୍ଦବାଲି ବିଧାୟକ ବ୍ୟୋମକେଶ ରାୟ ଏହି ପ୍ରସ୍ତାବ ଉପରେ ଧନ୍ୟବାଦ ଦେବାପରେ ନବୀନ ପଟ୍ଟନାୟକ ଉତ୍ତର ରଖିଥିଲେ। ତେବେ ବିଧାନସଭାର ରୁଲସ୍ ଅଫ ପ୍ରୋସିଜିଓରରେ ବିରୋଧୀ ଦଳର 'ଉପନେତା' କିମ୍ବା 'ଉପମୁଖ୍ୟ ସଚେତକ' ଭଳି ପଦବୀ ନଥିଲେ ମଧ ବିଜେଡି ଏହି ଅଣସାମ୍ବିଧାନିକ ପଦବୀରେ ଦଳର ଦୁଇଜଣ ନେତାଙ୍କୁ ଥଇଥାନ



କରିବାକୁ ପଛାଇ ନାହିଁ। ପୂର୍ବରୁ 'ଫାଇଭ-ଟି' ଓ ଅନ୍ୟାନ୍ୟ ଅଣସାମ୍ବିଧାନିକ ପଦବୀ ସୃଷ୍ଟି ସହ କାର୍ଯ୍ୟ କରିଥିବା ଭିକେ ପାଣ୍ଡିଆନଙ୍କ ଚାପରେ ଦୁଇ ଅଣସାମ୍ବିଧାନିକ ପଦବୀରେ ଦଳୀୟ ନେତାଙ୍କ ଥଇଥାନକୁ ବିଜେଡି ବିଧାୟକମାନେ ମୁଣ୍ଡପାତି ହଁ ମାରିଥିବା ଜଣାପଡ଼ିଛି। ବିଜେଡିର ବରିଷ୍ଠ ଉପସଭାପତି ତଥା ଅଭିଜ୍ଞସମ୍ପନ୍ନ ପୂର୍ବତନ ବିଧାୟକ ଅମରପ୍ରସାଦ ଶତପଥୀ ଏ ସମ୍ପର୍କରେ ପ୍ରତିକ୍ରିୟା ଦେଇ କହିଛନ୍ତି ଯେ, ବିଧାନସଭାରେ ବିରୋଧୀ ଦଳ ଉପନେତା କି ଉପମୁଖ୍ୟ ସଚେତକ ଭଳି କୌଣସି ବୈଧ ପଦବୀ ନାହିଁ। ବାଚସ୍ପତି ଗୃହ କାର୍ଯ୍ୟସମ୍ପାଦନ କଲାବେଳେ ସମ୍ପୃକ୍ତ ପଦବୀକୁ ସମ୍ବୋଧନ ମଧ କରିପାରିବେ ନାହିଁ। ବିରୋଧୀ ଦଳ ଚାହିଁଲେ ମନଇଚ୍ଛା ଅନେକ ପଦ ସୃଷ୍ଟି କରିପାରିବ, କିନ୍ତୁ ସେମାନଙ୍କର ସବୁ ପଦବୀ ବିଧାନସଭା ବାଚସ୍ପତିଙ୍କ ଦ୍ୱାରା ଗ୍ରହଣୀୟ ହୋଇନଥାଏ। ବାଚସ୍ପତି ଗୃହରେ ସେମାନଙ୍କୁ ଅନ୍ୟ ସାଧାରଣ ବିଧାୟକଙ୍କ ଭଳି ସମ୍ବୋଧନ କରିଥାନ୍ତି। ସେହିପରି ପୂର୍ବତନ ମନ୍ତ୍ରୀ ପଞ୍ଚାନନ କାନୁନଗୋ କହିଛନ୍ତି ଯେ, ବିରୋଧୀ ଦଳ ନେତା ଓ ବିରୋଧୀ ଦଳ ମୁଖ୍ୟ ସଚେତକ ଦୁଇଟି ପଦବୀ ପାଇଁ ଆବଶ୍ୟକ ବ୍ୟବସ୍ଥା ରହିଛି। ଏହି ଦୁଇଟି ପଦବୀରେ ଯିଏ ରୁହନ୍ତି ସେମାନଙ୍କୁ ସରକାରଙ୍କ ପକ୍ଷରୁ କ୍ୟାବିନେଟ୍ ମନ୍ତ୍ରୀ ଓ ରାଷ୍ଟ୍ରମନ୍ତ୍ରୀର ସୁବିଧାସୁଯୋଗ ମଧ ଦିଆଯାଇଥାଏ। କିନ୍ତୁ ଉପନେତା ଓ ଉପମୁଖ୍ୟ ସଚେତକ ପଦବୀ ସମ୍ବିଧାନସ୍ୱୀକୃତ ହୋଇନଥିବାରୁ ସେମାନଙ୍କ ପାଇଁ ସରକାରୀ ସୁବିଧା କିମ୍ବା ବ୍ୟବସ୍ଥା ନାହିଁ। ଗୃହ ପରିଚାଳନା ବେଳେ ବାଚସ୍ପତି ସେମାନଙ୍କୁ ବିରୋଧୀ ଦଳ ଉପନେତା କିମ୍ବା ଉପମୁଖ୍ୟ ସଚେତକ ଭାବେ ସମ୍ବୋଧନ କରିବାର ସମ୍ଭାବନା ବି କ୍ଷୀଣ। ତେଣୁ କାହାର ଉଦ୍ଭଟ ଚିନ୍ତାଧାରାରେ ଦଳର ବରିଷ୍ଠ ନେତା ପ୍ରସନ୍ନ ଆଚାର୍ଯ୍ୟଙ୍କୁ ଏଭଳି ପଦବୀରେ ଥଇଥାନ କରି ପରୋକ୍ଷରେ ଅପମାନିତ ପାଇଁ ପ୍ରୟାସ କରାଗଲା, ତାକୁ ନେଇ ସାଧାରଣରେ ଚର୍ଚ୍ଚା।

## ଭର୍ତ୍ତୃହରି ଲୋକସଭାର କାମଚଳା ବାଚସ୍ପତି



**ଭୁବନେଶ୍ୱର :** ଭର୍ତ୍ତୃହରି ମହତାବ ଲୋକସଭାର କାମଚଳା ବାଚସ୍ପତି ନିଯୁକ୍ତ ହୋଇଛନ୍ତି। ତାଙ୍କୁ କାମଚଳା ବାଚସ୍ପତି ଭାବେ ନିଯୁକ୍ତି ଦେଇଛନ୍ତି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ। ଲୋକସଭାକୁ ଲଗାତାର ୭ ଥର ନିର୍ବାଚିତ ହୋଇଛନ୍ତି ଭର୍ତ୍ତୃହରି। ସେ ୬ ଥର ବିଜେଡି ଟିକେଟରେ ଲୋକସଭାକୁ ନିର୍ବାଚିତ ହୋଇଥିବା ବେଳେ ଏଥର ବିଜେପି ଟିକେଟରେ ନିର୍ବାଚିତ ହୋଇଛନ୍ତି। ନିର୍ବାଚନ ପୂର୍ବରୁ ସେ ବିଜେଡି ଛାଡ଼ି ବିଜେପିରେ ମିଶିଥିଲେ। ସମ୍ବିଧାନର ଅନୁଛେଦ ୯୫ (୧) ଦ୍ୱାରା ପ୍ରଦତ୍ତ କ୍ଷମତାର ଉପଯୋଗ କରି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ବରିଷ୍ଠ ସାଂସଦ ଭର୍ତ୍ତୃହରି ମହତାବଙ୍କୁ ଲୋକସଭାର କାମଚଳା ବାଚସ୍ପତି ଭାବେ ନିଯୁକ୍ତି ଦେଇଛନ୍ତି। ଲୋକସଭା ବାଚସ୍ପତି ନିର୍ବାଚନ ପର୍ଯ୍ୟନ୍ତ ସେ ବାଚସ୍ପତିଙ୍କ ଦାୟିତ୍ୱ ତୁଲାଇବେ। ଜୁନ୍ ୨୬ ତାରିଖରେ ବାଚସ୍ପତି ନିର୍ବାଚନ ହେବ। ତା'ପୂର୍ବରୁ କାମଚଳା ବାଚସ୍ପତି ଭାବେ ଭର୍ତ୍ତୃହରି ମହତାବ ଲୋକସଭାକୁ ନିର୍ବାଚିତ ହୋଇଆସିଥିବା ଜନପ୍ରତିନିଧିମାନଙ୍କୁ ସାଂସଦ ଭାବେ ଶପଥ ପାଠ କରାଇବେ। ଅଷ୍ଟଦଶ ଲୋକସଭାର ନବ ନିର୍ବାଚିତ ସଦସ୍ୟମାନଙ୍କୁ ଶପଥ ପାଠ କରାଇବାରେ କାମଚଳା ବାଚସ୍ପତିଙ୍କୁ ସହଯୋଗ କରିବା ପାଇଁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଲୋକସଭା ସାଂସଦ ସୁରେଶ କୋଡିକୁନ୍ନିଲ, ଟି.ଆର ବାଲୁ, ରାଧା ମୋହନ ସିଂହ, ଫଗନ ସିଂ କୁଲସ୍ତେ ଓ ସୁଦୀପ ବନ୍ଦୋପାଧ୍ୟାୟଙ୍କୁ ମନୋନୀତ କରିଛନ୍ତି। ସମ୍ବିଧାନର ଅନୁଚ୍ଛେଦ ୯୯ ଦ୍ୱାର ପ୍ରଦତ୍ତ କ୍ଷମତାର ଉପଯୋଗ କରି ସେ ଏହି ନିଷ୍ପତ୍ତି ନେଇଛନ୍ତି।

## ମନ୍ତ୍ରୀମାନଙ୍କୁ ସଚିବାଳୟରେ ରୁମ୍ ଆବଣ୍ଟିତ

**ଭୁବନେଶ୍ୱର :** ରାଜ୍ୟରେ ପ୍ରଥମ ବିଜେପି ସରକାରର ମନ୍ତ୍ରୀମାନଙ୍କୁ ଲୋକସେବା ଭବନରେ (ସଚିବାଳୟ) ରୁମ୍ ଆବଣ୍ଟିତ ହୋଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସରକାରରେ ସାମିଲ ମୋଟ ୧୫ଜଣ ମନ୍ତ୍ରୀଙ୍କୁ ଲୋକସେବା ଭବନର ମନ୍ତ୍ରୀ କରିଡ଼ରର ପ୍ରଥମ ଓ ଦ୍ୱିତୀୟ ମହଲାରେ ଅଫିସ୍ ଚାମ୍ବର ମିଳିଛି। ତୃତୀୟ ମହଲାରେ ମୁଖ୍ୟମନ୍ତ୍ରୀ ନିଜେ ବସିବେ ଓ ଦ୍ୱିତୀୟ ମହଲାରେ ୬ଜଣ ମନ୍ତ୍ରୀଙ୍କ ଚାମ୍ବର (ଅଫିସ) ରହିବ ବୋଲି ଜଣାପଡ଼ିଛି। ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଜାରି ନିର୍ଦ୍ଦେଶନାମା ଅନୁସାରେ, ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓଙ୍କୁ ଲୋକସେବା ଭବନସ୍ଥିତ ଦ୍ୱିତୀୟ ମହଲାର ମନ୍ତ୍ରୀ କରିଡରରେ ରୁମ୍ ନମ୍ବର ୨୩ ଓ ୨୪ ଆବଣ୍ଟିତ ହୋଇଛି। ସେହିପରି ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାଏକଙ୍କୁ ଦ୍ୱିତୀୟ ମହଲାରେ ରୁମ୍ ନମ୍ବର ୨ ଓ ୩, ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କୁ ଦ୍ୱିତୀୟ ମହଲାର ରୁମ୍ ନମ୍ବର ୪ ଓ ୫, ପୂର୍ତ୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କୁ ଦ୍ୱିତୀୟ ମହଲାର ରୁମ ନମ୍ବର ୧୦ ଓ ୧୧, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କୁ ରୁମ୍ ନମ୍ବର ୧୯ ଓ ୨୦, ଇସ୍ପାତ ଓ ଖଣି ମନ୍ତ୍ରୀ ବିଭୂତି ଭୂଷଣ ଜେନାଙ୍କୁ ରୁମ ନମ୍ବର ୨୧ ଓ ୨୨ ଆବଣ୍ଟିତ ହୋଇଛି। ସେହିପରି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କୁ ଲୋକସେବା ଭବନର ପ୍ରଥମ ମହଲାର ମନ୍ତ୍ରୀ କରିଡ଼ରରେ ରୁମ୍ ନମ୍ବର ୧୬,୧୭ ଓ ୧୮ ନମ୍ବର ରୁମ୍ ଆବଣ୍ଟିତ ହୋଇଛି। ରାଜସ୍ୱ ଓ ବିପର୍ଯ୍ୟୟ



ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀଙ୍କୁ ପ୍ରଥମ ମହଲାର ରୁମ ନମ୍ବର ୧୯,୨୦ ଓ ୩ ନମ୍ବର ରୁମ୍ ଦିଆଯାଇଛି। ଖାଦ୍ୟଯୋଗାଣ ଓ ଖାଉଟି ବ୍ୟାପାର ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କୁ ପ୍ରଥମ ମହଲାର ରୁମ ନମ୍ବର ୧ ଓ ୨, ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶରାମ ସିଂ ଖୁଣ୍ଟିଆଙ୍କୁ ପ୍ରଥମ ମହଲାର ରୁମ ନମ୍ବର ୮ ଓ ୧୩, ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କୁ ପ୍ରଥମ ମହଲାର ରୁମ୍ ନମ୍ବର ୬ ଓ ୭, ସମବାୟ ମନ୍ତ୍ରୀ ପ୍ରଦୀପବଳ ସାମନ୍ତଙ୍କୁ ପ୍ରଥମ ମହଲାର ରୁମ୍ ନମ୍ବର ୧୧ ଓ ୧୨, ଏମଏସଏମଇ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକଙ୍କୁ ପ୍ରଥମ ମହଲାର ରୁମ ନମ୍ବର ୧୪ ଓ ୧୫ ଏବଂ ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁଙ୍କୁ ପ୍ରଥମ ମହଲାର ରୁମ୍ ନମ୍ବର ୪ ଓ ୫ ଆବଣ୍ଟିତ ହୋଇଛି। ଏହିସବୁ ରୁମ୍ ଆବଣ୍ଟିତ ହେବାପରେ ଖୁବଶୀଘ୍ର ମନ୍ତ୍ରୀମାନଙ୍କ ହିସାବରେ ସରକାରଙ୍କ ପକ୍ଷରୁ ଆବଶ୍ୟକ ମରାମତି ଓ ନବୀକରଣ କାର୍ଯ୍ୟ କରାଯିବ। ତା'ପରେ ମନ୍ତ୍ରୀମାନେ ଏଠାରେ ନିଜର କାର୍ଯ୍ୟ ଆରମ୍ଭ କରିବେ। ତେବେ ଚଳିତମାସ ଶେଷ ସୁଦ୍ଧା ଅବା ରଥଯାତ୍ରା ସୁଦ୍ଧା ମନ୍ତ୍ରୀମାନଙ୍କୁ ନିଜ ନିଜ ଅଫିସ୍ ଚାମ୍ବରରେ କାର୍ଯ୍ୟ ଆରମ୍ଭ କରିବାକୁ କୁହାଯାଇଥିବା ଜଣାପଡ଼ିଛି।

### କନିଷ୍ଠ ଶିକ୍ଷକ ନିଯୁକ୍ତି ଅନିୟମିତତା ମାମଲାରେ ହାଇକୋର୍ଟଙ୍କ ରାୟ

# ମେରିଟ୍ ଲିଷ୍ଟ ଆଧାରରେ ନିଯୁକ୍ତି ଦିଅ

**କଟକ :** କନିଷ୍ଠ ଶିକ୍ଷକ ନିଯୁକ୍ତି ଅନିୟମିତତା ମାମଲାର ରାୟ ପ୍ରକାଶ କରିଛନ୍ତି ହାଇକୋର୍ଟ। ମେରିଟ୍ ଲିଷ୍ଟ ଆଧାରରେ ଶିକ୍ଷକ ନିଯୁକ୍ତି କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏହି ମାମଲାର ଶୁଣାଣି କରି ଓସେପାର ମେରିଟ ଲିଷ୍ଟକୁ କାଏମ ରଖିଛନ୍ତି ହାଇକୋର୍ଟ। ଜଣିକିଆ ଖଣ୍ଡପୀଠଙ୍କ ରାୟ ସଂଶୋଧନ କରିଛନ୍ତି ଡିଭିଜନ ବେଞ୍ଚ। ମେରିଟ ସହ ପ୍ରିଫରେନ୍ସକୁ ଗୁରୁତ୍ୱ ଦେଇ ନିଯୁକ୍ତି ଦେବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଗୁଣାତ୍ମକ ଶିକ୍ଷା ପାଇଁ ଗୁଣାତ୍ମକ ଶିକ୍ଷାଦାନ ବ୍ୟବସ୍ଥା ତଥା ମେଧାବୀ ଶିକ୍ଷକଙ୍କ ଆବଶ୍ୟକତା ରହିଛି। ଏହି ଯୁକ୍ତିକୁ ହାଇକୋର୍ଟ ଗ୍ରହଣ କରିଛନ୍ତି। ହାଇକୋର୍ଟଙ୍କ ଏହି ରାୟ ପରେ ବର୍ଷ ବର୍ଷ ଧରି ଚାକିରି ଅପେକ୍ଷାରେ ଥିବା ବହୁ ଆଶାୟୀ ଖୁବ୍ ଉତ୍ସାହିତ ହୋଇ ପଡ଼ିଛନ୍ତି। ଓସେପା ପକ୍ଷରୁ ୨୦ ହଜାର କନିଷ୍ଠ ଶିକ୍ଷକ ପଦରେ ନିଯୁକ୍ତି ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ୨୦୨୩ ସେପ୍ଟେମ୍ବର ୧୩ରୁ ଏଥିପାଇଁ ଆବେଦନ ଆହ୍ୱାନ କରାଯାଇଥିଲା। ୨୦୨୩ ଅକ୍ଟୋବର ୧୦ ତାରିଖ ଆବେଦନର ଶେଷ ତାରିଖ ଥିଲା। ବିଭିନ୍ନ ପରୀକ୍ଷା ପରେ ମେରିଷ୍ଟ ଲିଷ୍ଟ ଫଳାଫଳ ପ୍ରକାଶ ପାଇଥିଲା।



ପରବର୍ତ୍ତୀ ପର୍ଯ୍ୟାୟରେ ସାର୍ଟିଫିକେଟ ଯାଞ୍ଚ ପାଇଁ ଦିନ ଧାର୍ଯ୍ୟ ହୋଇଥିଲା। କିନ୍ତୁ ନିଯୁକ୍ତି ବିଜ୍ଞପ୍ତି ନିୟମ ଅନୁସାରେ ମେରିଟ ଲିଷ୍ଟ ତାଲିକା ପ୍ରକାଶିତ ହୋଇ ନ ଥିବା ଅଭିଯୋଗ ହୋଇଥିଲା। ଆବେଦନକାରୀଙ୍କ ମୂଳ ଅଭିଯୋଗ ଅନୁଯାୟୀ ପ୍ରାୟ ୨୦ ହଜାର ଊର୍ଦ୍ଧ୍ୱ କନିଷ୍ଠ ଶିକ୍ଷକଙ୍କ ପାଇଁ ଓସେପା ତରଫରୁ ବିଜ୍ଞପ୍ତି ପ୍ରକାଶ କରାଯାଇଥିଲା। ସେଥିରେ ଥିବା ଧାରା ୮.୩ ଅନୁଯାୟୀ, ଚୟନ ପ୍ରକ୍ରିୟା ସମ୍ପୂର୍ଣ୍ଣ ଜିଲ୍ଲା ଭିତରେ ସୀମିତ ରହିବ। କାରଣ ଏହା ଜିଲ୍ଲାଭିତ୍ତିକ କ୍ୟାଡର। ଏଥିରେ ନିଯୁକ୍ତି ପାଉଥିବା କନିଷ୍ଠ ଶିକ୍ଷକଙ୍କ ଚାକିରି ଆରମ୍ଭ ସହ ଶେଷ ବି ସେହି ଜିଲ୍ଲାରେ ହେବ। ତେଣୁ ଚୟନ ପ୍ରକ୍ରିୟା ବି ଜିଲ୍ଲାୱାରୀ କରିବାର ଆବଶ୍ୟକତା ରହିଛି ବୋଲି ଆବେଦନ ପତ୍ରରେ ଉଲ୍ଲେଖ କରାଯାଇଥିଲା। ମାତ୍ର ଓସେପା ଏହି ନିୟମକୁ ସମ୍ପୂର୍ଣ୍ଣ ଉଲ୍ଲଙ୍ଘନ କରି ରାଜ୍ୟବ୍ୟାପି ସିଙ୍ଗଲ ମେରିଟ ଲିଷ୍ଟ ପ୍ରକାଶ କରିଥିଲା। ଯାହା ନିଯୁକ୍ତି ବିଜ୍ଞପ୍ତିର ସର୍ତ୍ତ ଉଲ୍ଲଙ୍ଘନ କରିଥିଲା। ଏହାକୁ ନେଇ ଆବେଦନକାରୀମାନେ ହାଇକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ଏହି ପ୍ରକ୍ରିୟାକୁ ତୁରନ୍ତ ବାତିଲ କରିବାକୁ ସେମାନେ ହାଇକୋର୍ଟରେ ଗୁହାରି କରିଥିଲେ। ଗତ ମାର୍ଚ୍ଚ ୧୨ ତାରିଖରେ ହୋଇଥିବା ଶୁଣାଣିରେ ଓସେପାର ମେରିଟ୍ ଲିଷ୍ଟ ସହ ଜିଲ୍ଲାୱାରୀ ମେରିଟ୍ ଲିଷ୍ଟ ବି ଖାରଜ କରି ଦେଇଥିଲେ ହାଇକୋର୍ଟ। ଏଥିସହ ନିଯୁକ୍ତି ସର୍ତ୍ତାବଳୀ ଅନୁଯାୟୀ ସାନି ମେରିଟ୍ ଲିଷ୍ଟ ପ୍ରସ୍ତୁତ କରିବା ପାଇଁ ହାଇକୋର୍ଟର ଜଣିକିଆ ଖଣ୍ଡପୀଠ ରାୟ ଦେଇଥିଲେ। ଆଜି ଏହି ରାୟକୁ ସଂଶୋଧନ କରି ଓସେପା ମେରିଟ ଲିଷ୍ଟକୁ କାଏମ ରଖିଛନ୍ତି ଡିଭିଜନ ବେଞ୍ଚ। ଏହାକୁ ନେଇ ବହୁ ଆଶାୟୀ ଖୁବ୍ ଉତ୍ସାହିତ ଅଛନ୍ତି। ବହୁ ସଂଘର୍ଷ ପରେ ଗୁଣାତ୍ମକ ଶିକ୍ଷାର ବିଜୟ ହୋଇଥିବା କହିଛନ୍ତି। ଏଥିସହ ସେମାନେ ଖୁବ୍ ଶୀଘ୍ର ନିଯୁକ୍ତି ପାଇବେ ବୋଲି ଆଶା ରଖିଛନ୍ତି।

## ରଙ୍ଗେଇଲୁଣ୍ଡା ବିମାନ ବନ୍ଦରରୁ ସପ୍ତାହରେ ଦୁଇଥର ବଦଳରେ ଥରେ ଉଡିବ ବିମାନ



**ଗୋପାଳପୁର :** ବହୁ ଆଡମ୍ବରରେ ଲଘୁକ୍ରିୟା ରୂପକ ପାଲଟିବାକୁ ଯାଉଛି ରଙ୍ଗେଇଲୁଣ୍ଡା ବିମାନ ବନ୍ଦରରୁ ବିମାନ ଉଡ଼ାଣ ପ୍ରକିୟା। ଏଣିକି କେବଳ ସପ୍ତାହରେ ଥରେ ବୁଧବାର ଦିନ ଭୁବନେଶ୍ୱର-ବ୍ରହ୍ମପୁର ବିମାନ ସେବା ଲୋକେ ପାଇବେ ବୋଲି ଇଣ୍ଡିଆ ୱାନ ଏୟାର ପକ୍ଷରୁ ସୂଚନା ଦିଆଯାଇଛି। ଅନ୍ୟପଟେ ପ୍ରତି ରବିବାର ଚାଲୁଥିବା ବିମାନ ଉଡାଣ ସେବା ବନ୍ଦ ନେଇ ଅପରେସନାଲ ଅସୁବିଧା ବୋଲି ସଫେଇ ଦିଆ ଯାଉଥିବା ବେଳେ ବିମାନ ଚଳାଚଳରେ କ୍ଷତି ହେଉଥିବାରୁ ଏହାକୁ ସପ୍ତାହରେ ଦୁଇ ଦିନ ବଦଳରେ ଥରୁଟିଏ ଚଳାଚଳ କରାଯାଉଥିବା ଏକ ବିଶ୍ୱସ୍ତ ସୂତ୍ରରୁ ଜଣାପଡିଛି। ଭୁବନେଶ୍ୱରରୁ ବ୍ରହ୍ମପୁର ଓ ବ୍ରହ୍ମପୁରରୁ ଭୁବନେଶ୍ୱର ଯିବାଆସିବା ନିମନ୍ତେ ଗତ ଏପ୍ରିଲ ୫ ତାରିଖରୁ ବିମାନ ସେବା ଆରମ୍ଭ କରାଯାଇଥିଲା। ଏହା ମଧ୍ୟରେ ଏଥି ନିମନ୍ତେ ଗୋଟିଏ ରୁଟ ପାଇଁ ଜଣ ପିଛା ୧୨୬୦ ଟଙ୍କା ଭଡା ଆଦାୟ କରା ଯାଉଥିଲା ଏବଂ ବିମାନର ଉଡାଣ ସମୟ ପ୍ରାୟ ୧ ଘଣ୍ଟା ରହିବା ସହ ୯ ସିଟ୍ ବିଶିଷ୍ଟ ବିମାନ ଚଳାଚଳର ବ୍ୟବସ୍ଥା କରା ଯାଇଥିଲା। କିନ୍ତୁ ଅନେକ ସମୟରେ ବିମାନରେ ପର୍ଯ୍ୟାପ୍ତ ସଂଖ୍ୟକ ଯାତ୍ରୀ ହେଉନଥିଲା। ତଥାପି ଇଣ୍ଡିଆ ୱାନ ଏୟାର ପକ୍ଷରୁ ବିମାନ ଚଳାଚଳ ଜାରି ରହିଥିଲା।

# ପାରାଦ୍ୱୀପର ବହୁବିଧ ସମସ୍ୟା ସାଂସଦ ଓ ମନ୍ତ୍ରୀଙ୍କ ପ୍ରତି ବଡ଼ ଆହ୍ୱାନ

**ପାରାଦୀପ, (ଦେବୀ ପ୍ରସାଦ ସାହୁ) :** ପାରାଦ୍ୱୀପ ବନ୍ଦରକୁ ଭିତ୍ତିକରି ପାଖାପାଖି ୧୬,୧୭ଟି ଛୋଟ ବଡ଼ ଶିଳ୍ପ ସଂସ୍ଥା ଗଢି ଉଠିଥିବା ବେଳେ ସମସ୍ୟା କିନ୍ତୁ ଅନେକ ଦୀର୍ଘଦିନ ଧରି ପ୍ରଶାସନ ଏ ସବୁ ସମସ୍ୟା ପ୍ରତି ଯେମିତି ଆଖି ବୁଜି ଦେଇଛି। ଯେମିତିକି ପାରାଦ୍ୱୀପ ର ମୁଖ୍ୟ ସମସ୍ୟା ଭିତରେ ସ୍ୱାସ୍ଥ୍ୟ ସେବା ବହୁଦିନ ଧରି ପାରାଦ୍ୱୀପ ସୁପର ସ୍ପେଶଲିଷ୍ଟ ହସ୍ପିଟାଲ ଦାବି ହୋଇଆସୁଥିଲେ ମଧ ସେ ଦାବିକୁ ଅଣଦେଖା କରାଯାଉଛି ଏବଂ ଅଠରବାଙ୍କୀ ଯେଉଁ ବିଜୁ ମେମୋରିଆଲ ହସ୍ପିଟାଲ ଅଛି ଆବଶ୍ୟକୀୟ ଡାକ୍ତର, ପରୀକ୍ଷା ନିରୀକ୍ଷା ପାଇଁ ଯନ୍ତ୍ରପାତି ନଥିବା ଯୋଗୁଁ ବିଭିନ୍ନ କାରଖାନାରେ କାର୍ଯ୍ୟ କରୁଥିବା ଶ୍ରମିକ ଏବଂ ମୁଖ୍ୟ ରାସ୍ତାରେ ବନ୍ଦର ଓ କାରଖାନାକୁ ଯା ଆସ କରୁଥିବା ଭାରିଯାନ ଦ୍ୱାରା ଦୁର୍ଘଟଣାର ଶିକାର ହୋଇ କଟକ ରେଫର୍ ଛଡା ଆଉ କିଛି ଉପାୟ ନାହିଁ। ଆଉ ଏକ ସମସ୍ୟା ହେଲା ଟ୍ରାଫିକ ସମସ୍ୟା। ପାରାଦ୍ୱୀପର ପ୍ରବେଶ ପଥ ଭୂତମୁଣ୍ଡାଇ ଠାରୁ ଅଠରବାଙ୍କୀ ପର୍ଯ୍ୟନ୍ତ ରାସ୍ତାର ଉଭୟ ପାର୍ଶ୍ୱରେ ଜବର ଦଖଲ ବଢିବା ସହିତ ବେଆଇନ ପାର୍କିଂ ବିଭିନ୍ନ ଶିଳ୍ପ ସଂସ୍ଥାକୁ ଯାଉଥିବା ଟ୍ରକର ଲମ୍ବା ଲାଇନ୍ ଓ ପ୍ରାୟ ଗୋଟିଏ ଦୁଇଟି ଜାଗା ଛାଡି ଦେଲେ ଟ୍ରାଫିକ ପୋଷ୍ଟ ମାନ ନଥିବା କାରଣରୁ ଦୁର୍ଘଟଣା ଯୋଗୁଁ ସହ ସହ ଜୀବନ ଯିବା



ସହ ବହୁ ପରିବାର ବେସାହାରା ହୋଇଯାଉଛି। ପାରାଦ୍ୱୀପ ପ୍ରଦୂଷଣ ମାତ୍ରାରେ ବି କମ୍ ନାହିଁ, ବହୁ ଶିଳ୍ପ ସଂସ୍ଥା ଗଢ଼ିବା ଦ୍ୱାରା ପ୍ରଦୂଷଣ ମାତ୍ରା ଢେର୍ ବଢ଼ିଯାଇଛି ଯାଦ୍ୱାରା ବିଭିନ୍ନ ସଂକ୍ରମଣ ସହିତ କ୍ୟାନ୍ସର, ହୃଦଘାତ ଆଜମା ଭଳି ରୋଗୀ ସଂଖ୍ୟା ବଢିବାରେ ଲାଗିଛି। ବେକାରୀ ସମସ୍ୟା ଆଉ ଏକ ବଡ ରୁପ ନେଇଛି, ନିଜର ଭିଟାମାଟିକୁ କିଛି ରୋଜଗାର ନିଶାରେ ଶାଗ ମାଛ ଦରରେ ଶିଳ୍ପ ସଂସ୍ଥାକୁ ଟେକିଦେଇଥିବା ବେଳେ ବାହାର ରାଜ୍ୟର କଣ୍ଟ୍ରାକ୍ଟର, ଲୋକମାନଙ୍କୁ ନିଯୁକ୍ତି ଦେଉଥିବା ବେଳେ ସ୍ଥାନୀୟ ଲୋକଙ୍କୁ ଉପେକ୍ଷା କରାଯାଉଛି। ପାରାଦ୍ୱୀପକୁ ବିଭିନ୍ନ ପ୍ରାନ୍ତରୁ ଲୋକ ଆସୁଥିବା ବେଳେ ବିଭିନ୍ନ ପର୍ଯ୍ୟଟନ ସ୍ଥଳୀ ସହ ବିସ୍ତୀର୍ଣ୍ଣ ବେଳାଭୂମି ଥିବାସତ୍ତ୍ୱେ ସେଭଳି କୌଣସି ଆଖିଦୃଶିଆ ଉନ୍ନତି କରଣ କରାଯାଇନାହିଁ। ବିଭିନ୍ନ ଶିଳ୍ପ ସଂସ୍ଥାର ସିଏସ୍ଆର ପାଣ୍ଠି ଯାହା ସ୍ଥାନୀୟ ଅଞ୍ଚଳରେ ଖର୍ଚ୍ଚ ହେବାକଥା ତାହା ଦିଗହରା ଯୋଗୁଁ ସ୍ଥାନୀୟ ଅଞ୍ଚଳର ବିକାଶ ହୋଇପାରୁନି। ପାରାଦ୍ୱୀପରେ ଉଭୟ କେନ୍ଦ୍ରୀୟ ରାଜ୍ୟ ସରକାରଙ୍କ ବଡ଼ ବଡ଼ ଉଦ୍ୟୋଗ ଗଢି ଉଠିବା ସହ ଉଭୟ ରାଜ୍ୟ ଓ କେନ୍ଦ୍ରରେ ମାନନୀୟ ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ସରକାର ଚାଲିଛି ଏବଂ ନୂତନ ବିଧାୟକ ଭାବେ ସମ୍ପଦ ସ୍ୱାଇଁ ନିର୍ବାଚିତ ହୋଇ ରାଜ୍ୟ ସରକାରଙ୍କ ମନ୍ତ୍ରୀ ମଣ୍ଡଳରେ ଗୁରୁତ୍ୱପୂର୍ଣ୍ଣ ଶିଳ୍ପ ମନ୍ତ୍ରୀ ଭାବେ ଦାୟିତ୍ୱ ଭାର ନେଇଛନ୍ତି। ସେହିପରି ଜଣେ ଦକ୍ଷ ସାଂସଦ ଭାବେ ପରିଚିତ ବିଭୁ ପ୍ରସାଦ ତରାଇ ପୁଣି ଥରେ ସଂସଦକୁ ନିର୍ବାଚିତ ହୋଇଛନ୍ତି। ତେଣୁ ସ୍ଥାନୀୟ ଅଞ୍ଚଳର ସମସ୍ୟା ଓ ଜନସାଧାରଣଙ୍କ ସମସ୍ୟାକୁ କେତେ ଗୁରୁତ୍ୱ ଶହ ନେଇ ସମାଧାନ କରୁଛନ୍ତି ତାହା ଦେଖିବାର ବାକି ରହିଲା।

### ରଥଯାତ୍ରାରେ ଶୃଙ୍ଖଳିତ ପରିବହନ ସେବା ପାଇଁ ସମନ୍ୱୟ ବୈଠକ

# ଅଧିକ ଭଡ଼ା ଆଦାୟ କଲେ କାର୍ଯ୍ୟାନୁଷ୍ଠାନ

**ଭୁବନେଶ୍ୱର :** ବିଶ୍ୱପ୍ରସିଦ୍ଧ ରଥଯାତ୍ରାରେ ଶ୍ରୀକ୍ଷେତ୍ର ପୁରୀକୁ ଲକ୍ଷ ଲକ୍ଷ ଶ୍ରଦ୍ଧାଳୁଙ୍କ ସୁଅ ଛୁଟିବ। ଶ୍ରଦ୍ଧାଳୁଙ୍କ ସୁଗମ ପରବହନକୁ ଆଖି ଆଗରେ ରଖି ରାଜ୍ୟ ପରିବହନ ପ୍ରାଧିକରଣ ପକ୍ଷରୁ ଏକ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରାଧିକରଣର ମୁଖ୍ୟାଳୟରେ ରାଜ୍ୟ ପରିବହନ ଆୟୁକ୍ତ ଅମିତାଭ ଠାକୁରଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଜାତୀୟ ରାଜପଥ କର୍ତ୍ତୃପକ୍ଷ, ପୋଲିସ କର୍ତ୍ତୃପକ୍ଷ, ପୁରୀ, କଟକ ଓ ଭୁବନେଶ୍ୱର ଆଞ୍ଚଳିକ ପରିବହନ ଅଧିକାରୀ ଏବଂ ବସ୍ ମାଲିକ ସଙ୍ଘ ପ୍ରତିନିଧିମାନେ ଉପସ୍ଥିତ ଥିଲେ। ଏତେ ସଂଖ୍ୟକ ଶ୍ରଦ୍ଧାଳୁ ଯେପରି ପୁରୀରେ ସୁବିଧାରେ ପହଞ୍ଚିବେ ଓ ଫେରିବେ ତାର ବିଭିନ୍ନ ଦିଗ ଉପରେ ଆଲୋଚନା କରାଯାଇ ସର୍ବସମ୍ମତିକ୍ରମେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଗୁଡ଼ିକ ଗ୍ରହଣ କରାଯାଇଛି। ପ୍ରତିବର୍ଷ ଭଳି ଚଳିତ ଥର ମଧ ରଥଯାତ୍ରା, ବାହୁଡ଼ା ଯାତ୍ରା ଓ ସୁନାବେଶ ନିମନ୍ତେ ଅନ୍ୟରୁଟ୍ ଗାଡ଼ିଗୁଡ଼ିକୁ ପୁରୀ ନିମନ୍ତେ ସ୍ୱତନ୍ତ୍ର ପରମିଟ୍ ପ୍ରଦାନ କରାଯିବ। ଆଗ୍ରହୀ ବସ୍ ମାଲିକମାନେ ଏଥିନିମନ୍ତେ ଆବେଦନ କରିବେ ଏବଂ ଏସଟିଏ ମୁଖ୍ୟାଳୟରେ ସିଙ୍ଗଲ ୱିଣ୍ଡୋ ବ୍ୟବସ୍ଥାରେ ଏହାକୁ ଅନୁମୋଦନ ମିଳିବ। ବିଶେଷକରି, କଟକ-ଭୁବନେଶ୍ୱରରୁ ଅଧିକ ସଂଖ୍ୟକ ବସ୍ ପୁରୀ ଚଳାଚଳ କରିବା ଉପରେ ଗୁରୁତ୍ୱ ଦିଆଯିବ। ସେହିଭଳି ନିର୍ଦ୍ଧାରିତ ବସ୍ ଭଡ଼ାଠାରୁ କୌଣସି ବସ୍ ଯାତ୍ରୀଙ୍କଠାରୁ ଅଧିକ ଭଡ଼ା ଦାବି କରିବାର ଅଭିଯୋଗ ଯେଭଳି ନ ଆସେ ସେ ଦିଗରେ ବସ ମାଲିକ ସଙ୍ଘ ଧ୍ୟାନ ଦେବାକୁ କହିଛନ୍ତି ପରିବହନ ଆୟୁକ୍ତ। ଅଧିକ ଭଡ଼ା ଆଦାୟ କଲେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। କେବଳ ବସ୍ ନୁହେଁ, ମାଳତୀପାଟପୁର କିମ୍ବା ତାଳବଣିଆରୁ ବଡ଼ଦାଣ୍ଡକୁ ଯାଉଥିବା ଅଟୋ କିମ୍ବା ଅନ୍ୟାନ୍ୟ




ଗାଡ଼ି ଯେପରି ମନଇଚ୍ଛା ଭଡ଼ା ଦାବି ଏ କରିବେ ସେ ଦିଗରେ ପୁରୀ ପୋଲିସ ଓ ପୁରୀ ଆରଟିଓ ବିଶେଷ ଧ୍ୟାନ ଦେବାକୁ ନିଷ୍ପତ୍ତି ହୋଇଛି। ବସ୍ ରହଣି ସ୍ଥାନରେ ଅସ୍ଥାୟୀ ବିଶ୍ରାମାଗାର ସହ ପ୍ରଶାସନ ତରଫରୁ ଖାଦ୍ୟ, ପାନୀୟ ବଣ୍ଟନର ବ୍ୟବସ୍ଥା କରାଯିବ। ରାସ୍ତାଘାଟ ଆଲୋକୀକରଣକୁ ସୁନିଶ୍ଚିତ କରାଯିବ। ବସ ଗୁଡିକରେ ଫାଷ୍ଟଏଡ୍ କିଟ୍ ଓ ପର୍ଯ୍ୟାପ୍ତ ପରିମାଣର ଓଆରଏସ ମହଜୁଦ୍ ରହିବ ଓ ତାହା ଏସଟିଏ ପକ୍ଷରୁ ଯୋଗାଇ ଦିଆଯିବ। ଏହାସହ ରଥଯାତ୍ରା ସମୟରେ ସ୍ପେଶାଲ ପରମିଟ ପାଇଥିବା ବସଗୁଡିକୁ ଟୋଲଗେଟରେ ଫି ଛାଡ଼ ନେଇ ବସ୍ ମାଲିକମାନଙ୍କ ଦୀର୍ଘଦିନର ଏକ ଦାବିକୁ ମଧ ଆଜି ଏସଟିଏ ଗ୍ରହଣ କରିଛି। ଏ ସଂକ୍ରାନ୍ତରେ ବୈଠକରେ ଉପସ୍ଥିତ ଏନଏଚଆଇ କର୍ତ୍ତୃପକ୍ଷଙ୍କୁ ଦିଗରେ ପଦକ୍ଷେପ ନେବାକୁ କୁହାଯାଇଛି। ବସ୍ ଷ୍ଟପ୍ ଗୁଡିକରେ ଯାତ୍ରୀମାନଙ୍କୁ ଯେଉଁ ଭଳି କେହି ହଇରାଣ ନ କରନ୍ତି ସେ ଦିଗରେ ପୋଲିସର ସହାୟତା ଲୋଡ଼ାଯାଇଛି। ଅସାମାଜିକମାନଙ୍କ ଉପରେ କଡ଼ା ନଜର ରଖାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସ୍ୱତନ୍ତ୍ର ଟିମ୍ ଗଠନ କରି ଯାତ୍ରୀଙ୍କ ସୁବିଧାକୁ ପୁରୀ, ଭୁବନେଶ୍ୱର, କଟକ ସମେତ ଅନ୍ୟାନ୍ୟ ସହରର ବସଷ୍ଟାଣ୍ଡରେ ତଦାରଖ କରାଯିବ। ଏହା ସହ ପୁରୀର ତାଳବଣିଆରେ ସିସିଟିଭି ମଧ ଲାଗିବ। ରାଜ୍ୟ ବାହାର ଯାତ୍ରୀବାହୀ ଗାଡିଗୁଡିକ ମାଳତୀପାଟପୁରରେ ରହିବେ। ଯାତ୍ରୀ ଓ ଯାତ୍ରୀବାହୀ ଗାଡ଼ିମାନଙ୍କ ସୁବିଧା ନିମନ୍ତେ ରଥଯାତ୍ରା ସମୟରେ ପୁରୀରେ ଆରଟିଓଙ୍କ ପକ୍ଷରୁ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍ ଖୋଲାଯିବ। ଏହାସହ ଗାଡ଼ି ମରାମତି ନିମନ୍ତେ ବିଭିନ୍ନ କମ୍ପାନୀଙ୍କ ସହଯୋଗ, କ୍ରେନ୍ ଓ ଆମ୍ବୁଲାନ୍ସ ସୁବିଧା ମଧ କରାଯିବ। ଶୃଙ୍ଖଳିତ ଟ୍ରାଫିକ ବ୍ୟବସ୍ଥା ଉପରେ ବିଶେଷ ଧ୍ୟାନ ଦିଆଯିବ। ଜାତୀୟ ରାଜପଥରେ ଗହଳି ଆଶଙ୍କା ଥିବା ସ୍ଥାନ ବିଶେଷକରି ପଳାଶୁଣି, ହଂସପାଳ ଭଳି ପଏଣ୍ଟ ଗୁଡ଼ିକରେ ସ୍ୱତନ୍ତ୍ର ଟିମ୍ ଦାୟିତ୍ୱରେ ରହିବେ। ସମସ୍ତ ବିଭାଗ, ଗାଡ଼ି ମାଲିକ ଓ କର୍ମଚାରୀଙ୍କ ସହଯୋଗରେ ଜନସାଧାରଣଙ୍କୁ ଉତ୍ତମ ସେବା ପ୍ରଦାନ ପାଇଁ ସମସ୍ତ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଛନ୍ତି ପରିବହନ ଆୟୁକ୍ତ। ଏହାସହ ରଥଯାତ୍ରା ସମୟରେ ବେପରୁଆ ଗାଡ଼ି ଚାଳନାକୁ ରୋକିବାକୁ ଭୁବନେଶ୍ୱରରୁ ପୁରୀ ମଧ୍ୟରେ ଇଣ୍ଟେଲିଜେଣ୍ଟ ଏନଫୋର୍ସ ସିଷ୍ଟମ କାର୍ଯ୍ୟକାରୀ ହେବ। ସମନ୍ୱୟ ବୈଠକକୁ ଅତିରିକ୍ତ ପରିବହନ କମିଶନର ଲାଲମୋହନ ସେଠୀ ପରିଚାଳନା କରିଥିବାବେଳେ ଯୁଗ୍ମ ପରିବହନ କମିଶନର ପ୍ରଦୀପ କୁମାର ମହାନ୍ତି ଧନ୍ୟବାଦ ଦେଇଥିଲେ।

କାହା କଥାରେ ଯଦି କୌଣସି
ଭୁଲ୍ କିମ୍ବା ଠିକ୍
ହୋଇଯାଉଥାନ୍ତା, ତେବେ
ଦୁନିଆ ସ୍ୱର୍ଗ ପାଲଟି ଯାଇଥାନ୍ତା।



EKANAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

ଭୁବନେଶ୍ୱର, ୨୪ - ୩୦ ଜୁନ୍, ୨୦୨୪

# ନବୀନ ବୁଝିଲେନି

ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କ୍ଷମତାରୁ ହଟିବା ପରେ ଦୈନିକ ନୂଆ ନୂଆ ରୋଚକ ତଥ୍ୟ ସାମ୍ନାକୁ ଆସୁଛି। ଯେମିତିକି ଜୁନ ୧୨ ତାରିଖ ଓଡିଶାରେ ବିଜେପି ସରକାରର ଶପଥ ଗ୍ରହଣ ଉତ୍ସବରେ ବିନା ଭିକେ ପାଣ୍ଡିଆନଙ୍କ ସହାୟତାରେ ସେ ସଭାମଞ୍ଚକୁ ଆସିଲେ ଓ ସମସ୍ତଙ୍କ ସହ ମିଶିଲେ ଓ କଥା ହେଲେ ତାହା ପ୍ରତି ଓଡ଼ିଆଙ୍କୁ ଭାବିବା ପାଇଁ ସୁଯୋଗ ଦେଇଛି। ସେଇଭଳି ବିଧାନସଭାରେ ନିଜ ଶପଥ ଗ୍ରହଣ ସମୟରେ ସେ ଅତି ଫୁର୍ତ୍ତି ଓ ଆନନ୍ଦରେ ବୁଲୁଥିଲେ କେହି କେବେ କହିବ କି ନବୀନ ଅସୁସ୍ଥ ଥିଲେ! ବିଜେଡିର ପରାଜୟ ଓ ଓଡିଶାରେ ବିଜେପିର ନୂଆ ଶାସନ ପରେ ନବୀନ ନିବାସରେ ନବୀନ ବାବୁ ବିଜେତା ଓ ପରାଜିତ ପ୍ରାର୍ଥୀ ମାନଙ୍କ ସହ ଏକୁଟିଆ ଦୀର୍ଘ ସମୟ ବସି ଆଲୋଚନା କରୁଥିଲା ବେଳେ କୌଣସି ଶାରୀରିକ ସମସ୍ୟା ଥିବା ଅନୁଭୂତ ହେଉନାହିଁ। ତେବେ ଦୀର୍ଘ ଚାରିବର୍ଷ ହେଲା ତାଙ୍କ ଅସୁସ୍ଥତା ଖବର ବାହାରକୁ ଆସୁଥିଲା କିପରି ? କିଏ ଏଭଳି ମିଥ୍ୟା ଅପପ୍ରଚାରର କାହାଣୀ ଲେଖୁଥିଲା। କଣ ପାଇଁ ନବୀନ ବାବୁ ଗୃହବନ୍ଦୀ ରହି ଭିକେ ପାଣ୍ଡିଆନଙ୍କୁ ଚଳନ୍ତି ପ୍ରତିମା ଭଳି ରାଜ୍ୟ ବୁଲାଉଥିଲେ ଭଳି ଅନେକ ପ୍ରଶ୍ନ ସାମ୍ନାକୁ ଆସୁଛି। କାହିଁକି ସାଧାରଣ ଜନତାଙ୍କ ଠାରୁ ଆରମ୍ଭ କରି ବିଜେଡି ନେତୃମଣ୍ଡଳୀଙ୍କ ଗୋଟିଏ ଧାରଣା ଦିଆଯାଉଥିଲା ଯେ, ନବୀନ ବାବୁ ଅସୁସ୍ଥ ଓ ତାଙ୍କ ନିର୍ଦ୍ଦେଶ କ୍ରମେ ପାଣ୍ଡିଆନ ରାଜ୍ୟ ଚଳାଉଛନ୍ତି। ଏଭଳି ନାଟକ ପଛରେ ନିଜେ ନବୀନ ନାହାନ୍ତି ତ ? ଚର୍ଚ୍ଚା ହେଉଛି ନବୀନ ଅୟସେ ଆରାମ କରୁଥିଲେ ଓ ପାଣ୍ଡିଆନ ରାଜ୍ୟ ଭ୍ରମଣ କରୁଥିଲେ। ନବୀନଙ୍କ ବର୍ତ୍ତମାନର ଆଚରଣ ଓ ଗତ କିଛି ମାସ ତଳର ଆଚରଣ ମଧ୍ୟରେ ଆକାଶ ପାତାଳ ପାର୍ଥକ୍ୟ ବାରି ହୋଇପଡୁଛି। କେହିକେହି କହୁଛନ୍ତି ତାଙ୍କ ପ୍ରତି ଅତ୍ୟାଚାର କରାଯାଇ ସେଭଳି ଅସ୍ୱାଭିକ ଅବସ୍ଥା ସୃଷ୍ଟି କରାଯାଇଥିଲା। ନିର୍ବାଚନରେ ପରାଜୟ ବରଣ ନବୀନଙ୍କୁ ସେ ଅତ୍ୟାଚାର ମଧ୍ୟରୁ ମୁକ୍ତି ଦେଇଥିବା ଆଲୋଚନା ମଧ୍ୟ ହେଉଛି। ତେବେ ପ୍ରଶ୍ନ ଉଠୁଛି, ପାଣ୍ଡିଆନ କଣ ଏଭଳି କାର୍ଯ୍ୟ କରୁଥିଲେ ? ଯଦି ଏହା ହଁ ହୁଏ ତେବେ ନିର୍ବାଚନ ପରାଜୟ ପାଇଁ ବିଜେଡିର ବହୁ ନେତା ପାଣ୍ଡିଆନଙ୍କୁ ଦାୟୀ କରୁଥିଲା ବେଳେ ପୁଣି ନବୀନ ପାଣ୍ଡିଆନଙ୍କୁ କ୍ଲିନଚିଟ ଦେଲେ କିପରି! କଣ ଏପରି ଗୂଢ଼ ସମ୍ପର୍କ ପାଣ୍ଡିଆନ ଓ ନବୀନଙ୍କ ଭିତରେ ରହିଛି ଯାହାର ସୁରାକ କେହି ପାଉନାହାନ୍ତି ? କିନ୍ତୁ ନବୀନ ଓ ପାଣ୍ଡିଆନଙ୍କୁ ଏବେ ମାଡ଼ ଭୟ ଘାରିଛି। କାରଣ ହେଉଛି ଯେଉଁ ପ୍ରଣବ ପ୍ରକାଶ ଦାସ ଓ ଭିକେ ପାଣ୍ଡିଆନଙ୍କୁ ନେଇ ନବୀନ ବେଫିକର ଥିଲେ ସେ ଦୁହେଁ ହିଁ ବିଜେଡି ବିପର୍ଯ୍ୟୟର କାରଣ। ତଥାପି ଚେତୁନାହାନ୍ତି ନବୀନ ପଟ୍ଟନାୟକ। ସେଇ ପୁରୁଣା ଅଭ୍ୟାସରେ ନୂଆ ଚିତ୍ର ଆଙ୍କି ସମ୍ମାନ ବଞ୍ଚାଇବା ଚିନ୍ତାରେ ଅଛନ୍ତି। କାରଣ ବିଧାୟକ ଦଳ ବୈଠକରେ ନବୀନ ଯେଭଳି ପୋଲିସ ସୁରକ୍ଷା ଖୋଜିଲେ ତାହା ସମସ୍ତଙ୍କୁ ଚକିତ କରୁଛି। କାହାକୁ ଡରୁଛନ୍ତି ନବୀନ ? ଦଳୀୟ ନେତାଙ୍କୁ ନା ପାଣ୍ଡିଆନଙ୍କ ପାଇଁ ଦଳ ପରାଜିତ ବୋଲି କହୁଥିବା ବିଜେଡି ବିଦ୍ରୋହୀଙ୍କୁ ଡର!

ଯାହାହେଉ ପାଣ୍ଡିଆନଙ୍କ ଉପସ୍ଥିତି ବିନା ନବୀନ ଯେଭଳି ସମ୍ପୂର୍ଣ୍ଣ ସୁସ୍ଥ ରହି କାର୍ଯ୍ୟ ନିର୍ବାହ କରୁଛନ୍ତି ତାହାକୁ ଦେଖିଲେ କୌଣସି ଲୋକ ଭାବିବ ନାହିଁ ଯେ ସେ କେବେ ଅସୁସ୍ଥ ଥିଲେ ବୋଲି। ବିଧାନସଭା ହେଉ କି ଶଙ୍ଖ ଭବନ ସବୁଠି ନବୀନ ଫୁଲ ଫିଟ ଥାଇ କାର୍ଯ୍ୟ କରିପାରୁଛନ୍ତି। ହେଲେ କେଉଁଠି ନା କେଉଁଠି ବିଜେଡି ସଂଗଠନକୁ ନେଇ

ସମ୍ପାଦକୀୟ



ତାରକ ମହାନ୍ତି

ଶଙ୍କାରେ ଅଛନ୍ତି ନବୀନ। ଯାହା ଶୁଣାଗଲାଣି ବିଜେଡିର କୋଡିଏ ବିଧାୟକ ବିଜେପି ଆଡକୁ ଢଳୁଛନ୍ତି। ଅନ୍ୟପକ୍ଷେ ପାଣ୍ଡିଆନଙ୍କ ଆତ୍ମଗୋପନ ଓ ସଂଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଓରଫ ବବି ବାବୁଙ୍କୁ ବିଜେଡିର ଗୋଟିଏ ଗୋଷ୍ଠୀ ତୀବ୍ର ବିରୋଧ କରୁଛନ୍ତି। ଏପରିକି ଶଙ୍ଖ ଭବନରେ ବବିଙ୍କୁ କିଛି ବିଜେଡି ନେତା କ୍ରୀତଦାସ କହି ଛିଗୁଲେଇବା ଆରମ୍ଭ କରିଦେଇଛନ୍ତି। ଏହାରି ମଧ୍ୟରେ ନବୀନ ବାବୁ ବିରୋଧୀ ଦଳ ନେତା ଆସନ ଅଳଙ୍କୃତ କରିବେ। ହେଲେ ସେ ଶାସକ ବିଜେପି ଦଳକୁ କେଉଁ ପ୍ରଶ୍ନବାଣରେ ଛନ୍ଦିବେ ତାହା ମଧ୍ୟ ଏକ ପ୍ରଶ୍ନବାଚୀ। କାରଣ ୨୪ ବର୍ଷ ନବୀନଙ୍କ ଶାସନ କାଳରେ ରାଜ୍ୟରେ ଦୁର୍ନୀତି ଓ ଭ୍ରଷ୍ଟାଚାର ଯେଭଳି ବୃଦ୍ଧି ପାଇଥିଲା ତାହାର କି ଉତ୍ତର ରଖିବେ ନବୀନ। ନବୀନ ନିଜ ଶାସନ ଆରମ୍ଭରୁ ଓଡିଶାବାସୀଙ୍କୁ ଯେଉଁ ବିକାଶ ମଡେଲ ଦେଖାଇଥିଲେ ତାହା କେତେ ସଫଳ ହୋଇଛି ରାଜ୍ୟବାସୀ ଦେଖିସାରିଛନ୍ତି। ନୂଆ ନୂଆ ଚିତ୍ର ଦେଖାଇ ଭୋଟ ହାତେଇବା ବ୍ୟତୀତ ଅଧିକ କରିଛନ୍ତି ବୋଲି ଅନୁଭବ ହେଉନାହିଁ। ତାଙ୍କରି ଅମଳରେ ମହାନଦୀ ଶୁଖିଲା ପଡିଲା। ଗୋଟିଏ ବି ନୂଆ ଶିଳ୍ପାଞ୍ଚଳ ପ୍ରତିଷ୍ଠା ହୋଇପାରିଲାନାହିଁ। ବରଂ କୋଣାର୍କ ଟିଭି, ଅଏଲ ଓଡିଶା ଭଳି ଅନେକ ଶିଳ୍ପ ବନ୍ଦ କରାଗଲା। ସୂତାକଳ ହେଉ କି ଚିନିକଳ ସବୁଠି ତାଲା ଝୁଲୁଛି। କେନ୍ଦ୍ରୀୟ ଯୋଜନାରେ ନିଜର ଷ୍ଟିକର ମାରି କେବଳ ଭୋଟ ରାଜନୀତିର ପ୍ରଚାର ପ୍ରସାର କରାଇ ଯୋଜନାର ଅଭିନବ ନାଁ ପ୍ରକାଶ କରାଗଲା। ସବୁ କ୍ଷେତ୍ରରେ ବ୍ୟାପକ ପିସି କାରବାର ଯୋଗୁଁ ରାଜ୍ୟର ଯେଭଳି ବିକାଶ ହେବା କଥା ତାହା ହୋଇପାରିଲାନି। କେବଳ ନିଜ ଦଳର ଉପରୁ ତଳ ସ୍ତର ନେତା ନିଜର ପକେଟ ଗରମ କରିଚାଲିଲେ। ଯାହା ଫଳରେ ବିଜେଡିକୁ ଭୋଟ ମିଳୁଥିଲା ଓ ରାଜ୍ୟ ଗରିବ ହୋଇଚାଲିଥିଲା। ଏତିକି ବୁଝିବାକୁ ଓଡ଼ିଶାର ଲୋକଙ୍କୁ ୨୫ ବର୍ଷ ଲାଗିଲା। ଖଣି, ଖାଦାନ, ନଈ, ନାଳ, ବାଲିଠୁ ଆରମ୍ଭ କରି ମାଟି ତଳେ ଗଚ୍ଛିତ ପ୍ରାକୃତିକ ସମ୍ପଦର ଭରପୁର ଲୁଟ ଚାଲିଲା। କେଉଁଠି ଡଙ୍କାରୀ ପାହାଡ଼ ବିକ୍ରି ତ ଆଉ କେଉଁଠି କେନାଲ ଗୁଡିକ ଜବରଦଖଲ କରାଗଲା। ନବୀନ ଶାସନର ଦୁର୍ବଳ ଦିଗକୁ ଖୋଜି ଅଣଓଡ଼ିଆ ଅଫିସର ଓଡିଶାକୁ ଲୁଟିଚାଲିଲେ, ହେଲେ ନବୀନ ନେଲେନାହିଁ କୌଣସି କାର୍ଯ୍ୟାନୁଷ୍ଠାନ। ବରଂ ସିଏ ନିଜେ ଅଣଓଡ଼ିଆଙ୍କ କବଳରେ ପଡି ଓଡ଼ିଶାର ବିନାଶ ଦୃଶ୍ୟ ଅନୁଭବ କରିପାରୁନଥିଲେ। ନିଜର ଚୌକି ମୋହ ନବୀନଙ୍କୁ ଏଭଳି ଅନ୍ଧ କରି ରଖିଥିଲା ଯେ, ରାଜ୍ୟରେ ଶାସନ କିଭଳି ଚାଲିଛି ତାହାକୁ ସେ ଦୃଷ୍ଟି ଦେଉନଥିଲେ। ସାଧାରଣ ଲୋକ କାହାକୁ ଗୁହାରି କରିବେ ତାହା ମଧ୍ୟ ସମ୍ଭବ ହେଉନଥିଲା। ଯେହେତୁ ସେ ନିଜ ଦଳର ମନ୍ତ୍ରୀ ନେତାଙ୍କୁ ସାକ୍ଷାତ କରୁନଥିଲେ ସେତେବେଳେ ସାଧାରଣ ଲୋକଟିଏ ତାଙ୍କୁ କଣ ସାକ୍ଷାତ କରିପାରିବ ? ନିର୍ବାଚନ ପୂର୍ବରୁ ଅଣଓଡ଼ିଆ ଅଫିସରଙ୍କ ପାଇଁ ଓଡ଼ିଆ ଅସ୍ମିତା ସଂକଟରେ ପଡ଼ିଥିବା ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବକ୍ତବ୍ୟ ଓଡ଼ିଶାର ଲୋକଙ୍କ ମନକୁ ଛୁଇଁଲା। ଏହାପରେ ବିଜେପି ଏହି ପ୍ରସଙ୍ଗକୁ ପ୍ରଚାର ସମୟରେ ଏଭଳି କହିଲେ ଯେ, ଯେଉଁଥିରେ ନବୀନଙ୍କ ଚେହେରା ମଳିନ ହୋଇଗଲା। କାରଣ ନିର୍ବାଚନର ବର୍ଷେ ପୂର୍ବରୁ ଭିକେ ପାଣ୍ଡିଆନଙ୍କୁ ନବୀନ ସାରା ଓଡିଶା ବୁଲି ସଭା କରିବାକୁ ନିର୍ଦ୍ଦେଶ ଦେଇଥିଲେ କହୁଥିଲେ ପାଣ୍ଡିଆନ। ଏତେବଡ ମଞ୍ଚରେ ଏକା ପାଣ୍ଡିଆନ ଓ ଆଉ କୌଣସି ନେତା ଉପସ୍ଥିତ ନରହିବାକୁ ନେଇ ଲୋକଙ୍କ ସନ୍ଦେହ ବଢିଥିଲା। କାରଣ ବିଜେଡିର ବରିଷ୍ଠ ନେତା ସଭା ଆୟୋଜନ କରୁଥିଲା ବେଳେ ନେତା ସାଜିଥିଲେ ପାଣ୍ଡିଆନ। ଏଥିପୂର୍ବରୁ ୫ଟି ନାମରେ ସବୁ ବିଭାଗକୁ ଅକ୍ତିଆର କରିସାରିଥିଲେ ସେ। ଚାକିରୀରେ ଥାଇ ଦଳୀୟ ସର୍ବୋଚ୍ଚ ନେତାଙ୍କ ଭଳି ନିଷ୍ପତ୍ତି ନେଉଥିଲେ ଓ ବିଜେଡିର ସବୁ ନେତା କେବଳ ହାଁ ଜି କହୁଥିଲେ। ନିର୍ବାଚନର କେଇମାସ ଆଗରୁ ଚାକିରିରୁ ସ୍ୱେଚ୍ଛାକୃତ ଅବସର ନେଇ ଫୁଲ ଟାଇମ ନେତା ହୋଇଗଲେ ପାଣ୍ଡିଆନ। ତାଙ୍କ କଥାରେ ଦଳ ଚାଲୁଥିଲା ବେଳେ ନବୀନ ନିବାସରେ ଷଷ୍ଠ ଥର ମୁଖ୍ୟମନ୍ତ୍ରୀ ହୋଇ ଇତିହାସ ରଚିବାର ସ୍ୱପ୍ନ ଦେଖୁଥିଲେ ନବୀନ। ସେ ବୁଝିପାରିଲେନି ଯେ ଗଛ ଭିତର ମଞ୍ଜା ଘୁଣ ଖାଇ ଦୁର୍ବଳ ହେଲାଣି। ଅତ୍ୟଧିକ ଆତ୍ମବିଶ୍ୱାସ ନବୀନଙ୍କୁ ପରାଜୟର ଦ୍ୱାର ଦେଖାଇଲା। ତାଙ୍କ ଶାସକୀୟ ଔଦ୍ଧତ୍ୟକୁ ଗ୍ରହଣ କଲେନି ଆଉ ଓଡ଼ିଶାବାସୀ ଓ ବିଜେପିର ଜିତାପଟ ହୋଇଗଲା। ତଥାପି ନବୀନ ବୁଝୁନାହାନ୍ତି ଯେ ଓଡ଼ିଆ ଅସ୍ମିତାର ପରାକ୍ରମ କଣ।

**ଯୋଗାଯୋଗ ଠିକଣା**

ଏକମାତ୍ର, ପ୍ଲଟ୍-୧୮୬, ଲେନ୍-୨, ବିମାନଘାଟୀ ଅଞ୍ଚଳ
ଭୁବନେଶ୍ୱର-୭୫୧୦୨୦, ଓଡ଼ିଶା
ଦୂରଭାଷ : ୦୯୩୩୮୨୨୫୯୩୦, ୯୪୩୭୧୩୩୭୭୭

# ଧର୍ମ ଓ ଧାର୍ମିକ



ଡ. ମୌସୁମୀ ପରିଡା

ଧର୍ମକୁ ନେଇ ସମସ୍ୟା ମୂଳରୁ ଚାଲିଆସିଛି ସେ ବିଭେଦ ସୃଷ୍ଟି ପାଇଁ ହେଉ ବା ନିଜ ମହନୀୟତା ପ୍ରତିପାଦିତ କରିବା ପାଇଁ। କିନ୍ତୁ କଳିର ମୂଳ ମଂଜି ହେଉଛି ଧର୍ମ, ଏକଥା ବୁଝିବାକୁ ଆଉ ବାକି ନାହିଁ। ଅବଶ୍ୟ ଭିନ୍ନ ଭିନ୍ନ ଧର୍ମର ସାଂସ୍କୃତିକ ଓ ପାରମ୍ପରିକ ସୌନ୍ଦର୍ଯ୍ୟ ସହିତ ନିଜସ୍ୱ ସ୍ୱତନ୍ତ୍ରତା ବଜାୟ ରହିଥାଏ। ଏଥିପାଇଁ କିଛି ବର୍ଗଙ୍କ ପାଇଁ ସମସ୍ୟା ସୃଷ୍ଟି ହୋଇଥାଏ ତ କିଛି ଲୋକଙ୍କୁ ସୁହାଇଲା ପରି ସମସ୍ୟାମାନ ତିଆରି କରାଯାଇଥାଏ। ଫଳରେ ଆଜି ମଣିଷ ଭିତରେ ନାନା ପ୍ରକାରର ବିଦ୍ୱେଷ! ଏକ ଗଣତାନ୍ତ୍ରିକ ରାଷ୍ଟ୍ରରେ ପ୍ରତ୍ୟେକ ଧର୍ମକୁ ସମ୍ମାନ ଦେବା ସମ୍ବିଧାନିକ ନିୟମ। କାହାର ଧର୍ମୀୟ ଭାବନାକୁ କ୍ଷତାକ୍ତ କରିବା ଅନୁଚିତ ସେ ଯେଉଁ ବିଶ୍ୱାସରେ ଆଧାରିତ ହୋଇଥାଉ ନା କାହିଁକି! ପ୍ରତ୍ୟେକ ଧର୍ମ ମାନବତାର ଭିତ୍ତିଭୂମି ଉପରେ ପ୍ରତିଷ୍ଠିତ, ହିଂସା-ଆଧାରିତ ନୁହେଁ। କିନ୍ତୁ ଧର୍ମ ଆଜି ଧାର୍ମିକ ପରିହାସ ଓ ହିଂସାର ଶିକାର ହୋଇ ହୀନ ମଣିଷପଣିଆକୁ ପ୍ରମାଣିତ କରୁଛି। ସ୍ୱଧର୍ମକୁ କଳୁଷିତ କରିବାକୁ କିଛି ଭ୍ରଷ୍ଟାଚାରୀ ଆଗେଇ ଆସିଛନ୍ତି।

ଧର୍ମର ଅବମାନନା କରିବା ସମସ୍ତଙ୍କ ଅଭ୍ୟାସରେ ପରିଣତ। ନିଜେ ନିଜ ଧର୍ମକୁ କଳୁଷିତ କରିବା ସହିତ ଅନ୍ୟ ଧର୍ମକୁ ଆରୋପ କରିବା ମଧ୍ୟ ବର୍ତ୍ତମାନ ମନ୍ଦ ଉଦ୍ଦେଶ୍ୟରେ ପରିଣତ ହେଲାଣି। ଯାହାଫଳରେ ଅଶାନ୍ତିକର ପରିବେଶ ଚାରିଆଡେ। ବାସ୍ତବରେ ଧର୍ମ କ୍ଷତି କରେନାହିଁ। ଭିନ୍ନ ଭିନ୍ନ ମାର୍ଗରେ ଈଶ୍ୱରାଭିମୁଖୀ କରାଏ। ସବୁର ଲକ୍ଷ୍ୟ ସମାନ। କେବଳ କ୍ରିୟା ଭିନ୍ନ। ବାସ୍ତବତାକୁ ନବୁଝି ଉଦ୍ଦେଶ୍ୟପ୍ରଣୋଦିତ ଭାବେ ନିଜ ଧର୍ମକୁ ସମାଲୋଚନା କରିବା ଓ ଅପମାନ କରିବା କେତେଦୂର ଯୁକ୍ତିଯୁକ୍ତ ତାହା ତର୍କର ବିଷୟ। ଯେଉଁ ଧର୍ମକୁ ବିଶ୍ୱବାସୀ ଗ୍ରହଣ କରିବାକୁ ଇଚ୍ଛୁକ ସେ ଧର୍ମରେ ହେଉଥିବା ବିଭ୍ରାଟ ବିଶ୍ୱବାସୀଙ୍କୁ ଚକିତ କରିବା ସ୍ୱାଭାବିକ। ସନ୍ଦେହ ଉପୁଜିଛି ଆମ ଧର୍ମକୁ ନେଇ ଯାହା ଅତୀତରେ ଉତ୍କୃଷ୍ଟ ପ୍ରତିପାଦିତ ହୋଇଆସିଛି।

ନିମ୍ନରେ ଦିଆଯାଇଥିବା ମତରୁ ଜାଣିହେବ ହିନ୍ଦୁ ଧର୍ମର ଗ୍ରହଣୀୟତା କେତେ! ସାରା ବିଶ୍ୱକୁ ଆଲୋକିତ କରିଥିବା ସନାତନ ଧର୍ମ ଆମ ଦୃଷ୍ଟିରେ କେଉଁଠି! ପ୍ରକୃତରେ ଆମେ ଆମ ଧର୍ମକୁ ନେଇ କେତେ ଗର୍ବିତ! ଯଦି ନା, କାହିଁକି? ସେଥିପାଇଁ କିଏ ଦାୟୀ? ତା ପୂର୍ବରୁ ଜାଣିବା ଉଚିତ୍ ହିନ୍ଦୁଧର୍ମର ମୂଲ୍ୟାୟନ କଣ ଆନ୍ତର୍ଜାତୀୟ ସ୍ତରରେ?

ହିନ୍ଦୁଧର୍ମ ୟୁରୋପର ଶାସକ ଧର୍ମ ହେବ। ୟୁରୋପର ପ୍ରସିଦ୍ଧ ମହାନଗରରେ ହିନ୍ଦୁମାନେ ହିଁ ପ୍ରମୁଖ- ମାଇକେଲ୍ ନୋଷ୍ଟ୍ରାଡାମସ୍, ୧୫୦୩-୧୫୬୬। ଆଜି ନହେଲେ ବି ଦିନେ ନା ଦିନେ ଆମକୁ ହିନ୍ଦୁଧର୍ମ ଗ୍ରହଣ କରିବାକୁ ହେବ କାରଣ ଏହା ହିଁ ପ୍ରକୃତ ଧର୍ମ- ଜୋହାନ କୈଥ, ୧୭୪୯-୧୮୩୨। ହିନ୍ଦୁଧର୍ମ ଓ ହିନ୍ଦୁମାନେ ଦିନେ ନା ଦିନେ ସାରା ପୃଥିବୀକୁ ଶାସନ କରିବେ କାରଣ ଏହା ଜ୍ଞାନ ଓ ବୁଦ୍ଧିର ସମିଶ୍ରଣ- ଲିଓ ଟଲଷ୍ଟୟ, ୧୮୨୮-୧୯୧୦। ହିନ୍ଦୁମାନେ କେବଳ ଶାନ୍ତି ଓ ସମନ୍ୱୟ ବିଷୟରେ କଥା ହୁଅନ୍ତି-କୋଷ୍ଟା ଲୋବନ୍ ୧୮୪୧-୧୯୩୧। ହିନ୍ଦୁଧର୍ମକୁ ଭଲଭାବେ ବୁଝିବା ପର୍ଯ୍ୟନ୍ତ କେତେ ପିଢି ଅତ୍ୟାଚାର ଓ ହତ୍ୟାକାଣ୍ଡର ସମ୍ମୁଖୀନ ହେବାକୁ ଯାଉଛନ୍ତି? କିନ୍ତୁ ଦିନେ ନା ଦିନେ ସାରା ପୃଥିବୀ ହିନ୍ଦୁଧର୍ମ ଦ୍ୱାରା ଅନୁପ୍ରାଣିତ ହେବ। ସେହିଦିନଠାରୁ ପୃଥିବୀ ମଣିଷମାନଙ୍କ ବସବାସ ଓ ବଂଚିବା ପାଇଁ ଉପଯୁକ୍ତ ସ୍ଥାନ ଭାବେ ପରିଗଣିତ ହେବ- ହର୍ବଟ ୱେଲ୍ସ, ୧୮୪୬-୧୯୪୬।

ଦିନେ ଏ ପୃଥିବୀ ହିନ୍ଦୁତ୍ୱକୁ ଗ୍ରହଣ କରିବ। ପାଶ୍ଚାତ୍ୟ ଦେଶଗୁଡିକ ନିଶ୍ଚିତ ଭାବେ ହିନ୍ଦୁତ୍ୱରେ ରୂପାନ୍ତରିତ ହେବେ। ଜ୍ଞାନୀମାନଙ୍କ ଧର୍ମ ହିନ୍ଦୁଧର୍ମ ସହିତ ସମାନ- ବର୍ଣ୍ଣାଡ ଶ', ୧୮୫୬-୧୯୫୦। ସେ(?) କରନ୍ତି ଯାହା ଇହୁଦୀମାନେ କରିପାରନ୍ତିନାହିଁ। ସେ ଜ୍ଞାନ ଓ ଶକ୍ତି ଦ୍ୱାରା ଏହାକୁ କଲେ। ଶାନ୍ତିରେ ଜୀବନଯାପନ କରିବାର ସାମର୍ଥ୍ୟ ଏକମାତ୍ର ହିନ୍ଦୁଧର୍ମର ଅଛି- ଆଲବର୍ଟ ଆଇନଷ୍ଟାଇନ୍, ୧୮୭୯-୧୯୫୫। ମୁଁ ହିନ୍ଦୁଧର୍ମ ବିଷୟରେ ପଢିଛି। ମୁଁ ଅନୁଭବ କରିଛି ଯେ ଏହା ସମଗ୍ର ପୃଥିବୀର ମାନବଜାତିର ଧର୍ମ। ହିନ୍ଦୁଧର୍ମ ୟୁରୋପସାରା ବିସ୍ତୃତ ହେଉଛି। କିଛି ମେଧାବୀ ଛାତ୍ର ହିନ୍ଦୁଧର୍ମକୁ ନେଇ ଅଧ୍ୟୟନରତ। ଦିନ ଆସିବ ଯେବେ ହିନ୍ଦୁଧର୍ମ ସମଗ୍ର ପୃଥିବୀର ନେତୃତ୍ୱ ନେବ- ବର୍ଟ୍ରାଣ୍ଡ ରସେଲ୍, ୧୮୭୨-୧୯୭୦।

ଏସବୁ ମତକୁ ଅନୁଧ୍ୟାନ କଲେ ଜଣାଯିବ ଦୀପତଳ ଅନ୍ଧାର। ଅନ୍ୟମାନେ ହିନ୍ଦୁଧର୍ମର ସାରକଥାକୁ ବୁଝିପାରୁଛନ୍ତି ଅଥଚ ଆମେମାନେ ନିଜ ମଥା ଉପରର ବିଶାଳ ଗଛ ଛାଇକୁ ବେଖାତିର୍ କରି ବାସ୍ତବତାର ପ୍ରଖର ଖରାରେ ଶିଝି ଆଧୁନିକତାର ଡିଣ୍ଡିମ ପିଟୁଛୁ। ଚଳିତ ୨୦୨୨ ନଭେମ୍ବର ସୁଦ୍ଧା ବିଶ୍ୱର ଜନସଂଖ୍ୟା ଆଠଶହ କୋଟି ଟପିବାକୁ ଅଛି। ସଂଖ୍ୟାନୁଯାୟୀ ହିନ୍ଦୁମାନେ ସମଗ୍ର ବିଶ୍ୱର ଚତୁର୍ଥ ସ୍ଥାନରେ। ହିନ୍ଦୁଧର୍ମକୁ ନେଇ ପାଶ୍ଚାତ୍ୟ ଛାତ୍ରମାନେ ଗବେଷଣା କରୁଛନ୍ତି। ଗ୍ରହଣ କରୁଛନ୍ତି ତା ଭିତରର ଶକ୍ତି, ଜ୍ଞାନ ଓ ସଂଭାବନମୟତାକୁ। ଅଥଚ ହିନ୍ଦୁମାନେ ନିଜ ଧର୍ମକୁ ବିକି ଭାଂଗି ଅପମାନିତ କରିବାର କୌଣସି ବାହାନା ଛାଡୁନାହାନ୍ତି। କିଛି ଘଟଣା ଲୁଚିଯାଉଛି, କିଛି ଘଟଣାକୁ ଚପାଇଦିଆଯାଉଛି। କାରଣ ସତ୍ୟ ସବୁବେଳେ ଭୟଙ୍କର। ରାଧାକ୍ରିଷ୍ଣନଙ୍କ ମତରେ -ସତ୍ୟ ହେଉଛି ଏମିତି ଜିନିଷ ଯାହାକୁ ଆମେ ଲୁଚାଉ।

ବିଭିନ୍ନ ପର୍ବପର୍ବାଣୀ ପାଳନ କରିବା ଆଳରେ ଭଗବାନ୍ଙ୍କୁ ଜୋକର୍ ବନାଇବାର ସୁଯୋଗ ଛାଡନ୍ତି ନାହିଁ କିଛି ଭ୍ରଷ୍ଟ ଓ ଦୁର୍ଦ୍ଧାନ୍ତ ଭକ୍ତ। କେଉଁଠି ଗଣେଶଙ୍କୁ ହାଫ୍ ପ୍ୟାଂଟ୍ ପିନ୍ଧାଇ ଦିଆଯାଇ ସ୍କୁଲ୍ ପିଲା ବନେଇ ପୂଜା କରାଯାଏ ତ କେଉଁଠି ଦକ୍ଷିଣୀ ଫିଲ୍ମ ନାୟକ ଚନ୍ଦନ କାଠର ଚୋରା ବେପାରୀ ପୁଷ୍ପରାଜ ଷ୍ଟାଇଲ୍‌ରେ ମଣ୍ଡପରେ ବସାଇ ଦିଆଯାଏ। ପୋଲିସ୍ ପୋଷାକରେ ମୋବାଇଲ୍ ବି ଧରାଇ ଦିଆଯାଏ ବିଘ୍ନହର୍ତ୍ତାଙ୍କ ହାତରେ। ସେତିକି ନୁହେଁ ପ୍ରିୟ ନେତାଙ୍କ ବେଶରେ ବି ସଜ୍ଜିତ କରାଇ ଦର୍ଶକମାନଙ୍କୁ ଆକୃଷ୍ଟ କରାଯାଏ ପ୍ରତିଦ୍ୱନ୍ଦ୍ୱିତା ଭାବେ। କେବେକେବେ ବାଇକ୍ ଉପରେ ଶିବ, ପାର୍ବତୀ ଗଣେଶଙ୍କୁ ନେଇ ଯାଉଥିବାର ଉଦ୍ଭଟ ଚିତ୍ର ବି ଦେଖିବାକୁ ମିଳେ ପୁରପଲ୍ଲୀରେ। ସେଭଳି ମୃଣ୍ମୟୀ ପ୍ରତିମା ଦେଖି ମନରେ ଭକ୍ତି ଭାବ ଉପୁଜିବା ଅସଂଭବ।

ପୁଣି ଠାକୁର ପୂଜା ଆଳରେ ଚାନ୍ଦାଭେଦା, ଖିଆପିଆ, ନିଶାସେବନ ଏସବୁ ସାଧାରଣ କଥା ଯାହା ଦ୍ୱାରା ଆମେ ହିଁ ଆମ ଭଗବାନ୍ଙ୍କୁ ବାରବାର ଅପମାନିତ କରୁଛେ। ଆଜିକାଲି ମୂର୍ତ୍ତି ପୂଜାର ଲୋକପ୍ରିୟତା ବଢୁଛି। ମଣ୍ଡପରେ ଭାଲୁକୁଣୀଙ୍କଠାରୁ ଆରଂଭ କରି କାର୍ତ୍ତିକେୟ, ମାର୍ଗଶୀର ମାସରେ ଲକ୍ଷ୍ମୀଙ୍କ ମୂର୍ତ୍ତି ବନାଇ ଡିଜେର ତାଳେତାଳେ ହିନ୍ଦୀ ଫିଲ୍ମ ଗୀତରେ ଉଦ୍ଦଣ୍ଡ ନାଚିବା ଭିନ୍ନ ପରମ୍ପରା ସୃଷ୍ଟି କରୁଛି। ଆଗରୁ ଏତେସବୁ ମୂର୍ତ୍ତି ପୂଜା ନଥିଲା। ଭକ୍ତି ଆଳରେ ଉଦ୍ଭଟତା, କିନ୍ତୁ ପ୍ରତିବାଦ କାହାର ବି ନାହିଁ। ଭଗବାନ୍ଙ୍କ ଅସ୍ତିତ୍ୱକୁ ନେଇ ସନ୍ଦେହ ପ୍ରକଟ କରୁଛେ। ଭାବୁଛେ ନରସିଂହଙ୍କ ପରି ସେ ଖମ୍ବରୁ ବାହାରି ଦୁର୍ଦ୍ଦାନ୍ତମାନଙ୍କ ସଂହାର କରନ୍ତେ। ଯେଣୁ ସେ ଦଣ୍ଡିତ କରୁନାହାନ୍ତି ତେଣୁ ସେ ନାହାନ୍ତି। ତେଣୁ ତାଙ୍କୁ ନେଇ ଯେପରି ଖେଳିଲେ ବି ଭୟ ନାହିଁ। କିନ୍ତୁ ଧର୍ମ ଓ ଆସ୍ଥାକୁ ଏଭଳି ନିନ୍ଦିତ କରିବା ସାଂଘାତିକ ଅପରାଧ। ଏଥିପାଇଁ କଠୋର କାର୍ଯ୍ୟାନୁଷ୍ଠାନ ଆବଶ୍ୟକ।

ଧର୍ମ ନିକୃଷ୍ଟତାକୁ ପ୍ରମାଣ କରେନାହିଁ କି କାହାକୁ ଅପମାନ କରିବା ଶିଖାଏ ନାହିଁ। ବାସ୍ତବତାକୁ ନବୁଝି ସତ୍ୟ ଓ ଜ୍ଞାନକୁ ଉପଲବ୍ଧି ନକରି ଅନ୍ୟମାନଙ୍କ ସହିତ ଭଗବାନ୍ଙ୍କୁ ଦୋଷାରୋପ କରିବା କେବଳ ମୂଢ଼ତା। ଯାହା ମାନବ ଧର୍ମ ପ୍ରତି ଭୟାବହ। ଆମ ଭକ୍ତି ଓ ମାନବତାର ନିକୃଷ୍ଟତମ ଉଦାହରଣ ଆହୁରି ଅନେକ। ଯେଉଁ ଧର୍ମ ମାଟି, ଆକାଶ, ଜଳ, ବାୟୁ, ଅଗ୍ନି, ସୂର୍ଯ୍ୟ, ଗଛ, ପଥରକୁ ପୂଜା କରିବାକୁ ଶିଖାଏ ସେ ଧର୍ମ ସାରା ବିଶ୍ୱକୁ ଏକତ୍ର ସୂତ୍ରରେ ବାନ୍ଧିବାକୁ ଯଥେଷ୍ଟ। ଯେ ଜଡ ଓ ଜୀବ ଭିତରେ ଈଶ୍ୱରଙ୍କୁ ଆରୋପିତ କରିପାରେ ସେ ମହନତା ଓ ଉଦାରତାର ଅଂଶବିଶେଷ। ସେ ବିଶାଳତାକୁ ହୃଦୟଙ୍ଗମ କରିବାକୁ ବି ହୃଦୟଟିଏ ଆବଶ୍ୟକ।

କହିବା ବାହୁଲ୍ୟ ମୃଣ୍ମୟୀ ଦେବାଦେବୀଙ୍କର ବିସର୍ଜନ ବି ଭାବ ଓ ଭକ୍ତିହୀନ ଭାବେ ହେଉଛି। ମଣିଷ ନିଜ ସଂପର୍କୀୟର ଶବକୁ ମଧ୍ୟ ସମ୍ମାନର ସହିତ ସଂସ୍କାର କରେ। କିନ୍ତୁ ଯେଉଁ ଶରୀରରେ ସେ ଭଗବାନ୍ଙ୍କୁ ଆହ୍ୱାନ ପୂର୍ବକ ଷୋଡଶ ଉପଚାରରେ ପୂଜା ଅର୍ଚ୍ଚନା କରି ନୈବେଦ୍ୟ ବାଢେ ତାଙ୍କୁ କଣ ଏଭଳି ବିସର୍ଜନ କରିବା ଉଚିତ୍ ପୋଲରୁ ତଳକୁ ଟେକା ପଥର ଫିଙ୍ଗିବା ପରି! ସାମାଜିକ ଗଣମାଧ୍ୟମରେ ଏସବୁର ଚିତ୍ର ଦେଖି ମନ ଆନ୍ଦୋଳିତ ହେବା ସ୍ୱାଭାବିକ।

ଚଳିତ ବର୍ଷ ରଥଯାତ୍ରାକୁ ନେଇ ହୋଇଥିବା ଟଣାଓଟରା ଅଳ୍ପ ବହୁତେ ଅନେକଙ୍କର ଦୃଷ୍ଟି ଆକର୍ଷଣ କରିଛି। ଭକ୍ତି କଣ ପ୍ରତିଯୋଗିତା, ଅନେକଙ୍କ ମନରେ ପ୍ରଶ୍ନ ଆସିଛି। କୌଣସି ଯାଗାରେ ରଥଯାତ୍ରା ବେଳେ ପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଚାରମାଳକୁ ଅଣାଯିବାବେଳେ ଦୁଇକଡରେ ଥିବା ପଣ୍ଡାଙ୍କ ସହ ଦାରୁବିଗ୍ରହ ତଳେ ପଡିଯାଇଛନ୍ତି ( ଇଷ୍ଟାଗ୍ରାମ୍)! ଅନ୍ୟ ଏକ ସ୍ଥାନରେ ଜଗନ୍ନାଥଙ୍କର ଏଭଳି ବିକୃତ ଭାବେ ପହଣ୍ଡି କରାଯାଉଛି ଯେପରି ସେ ଭଗବାନ୍ ନୁହନ୍ତି କାଠ କଣ୍ଢେଇ! ଏସବୁ ସଂସ୍କୃତି ମାଧ୍ୟମରେ ଅପସଂସ୍କୃତି। ଏଥିପ୍ରତି ପ୍ରଶାସନର ଦୃଷ୍ଟି ଦେବା ଉଚିତ୍। ବିହିତ ପଦକ୍ଷେପ ନନେଲେ ଏଭଳି କୁଭାବନା ବୃଦ୍ଧି ପାଇବ। ବିଶୃଂଖଳିତ ହେବେ ଲୋକମାନେ। ଧର୍ମ ଆମର ଅଭିମାନ, ଗୌରବ ବହନ କରୁ। କଳଙ୍କର ଦାଗ ନବସୁ ଆମ ସଂସ୍କୃତିରେ। ଏସବୁର ବିଭ୍ରାଟ ମଣିଷ ଭିତରର ଆସ୍ଥାକୁ ମାରି ନଦେଉ।

କୌଣସି ଧର୍ମ ଏଭଳି ପ୍ରଶ୍ରୟ ଦିଏନାହିଁ। କୌଣସି ବିଧ୍ୱଂସକାରୀ ଧର୍ମକୁ ମାନିବା ପାଇଁ କେହି ବାଧ୍ୟ ନୁହନ୍ତି। କିନ୍ତୁ କୌଣସି ଧର୍ମକୁ ଅସମ୍ମାନ କରିବାର ଅଧିକାର ବି କାହାର ନାହିଁ। ଏସବୁ ବାଦ୍ ମାନବତା ଆମର ଧର୍ମ ହେଉ ଯାହା ଇତର ପ୍ରାଣୀଙ୍କଠାରୁ ମଣିଷକୁ ଭିନ୍ନ ପ୍ରମାଣିତ କରେ। ପ୍ରତି ଧର୍ମ ମାନବତାର କଥା କହୁ। ପରସ୍ପର ଭିତରେ ଶାନ୍ତି, ପ୍ରୀତି, ଏକତା ଓ ଭାଇଚାରା ପ୍ରତିଷ୍ଠିତ ହେଉ। ତେବେ ସିନା ଧର୍ମ ଓ ଧାର୍ମିକମାନଙ୍କର ବିଜୟ ହେବ! କିମଧିକମ୍!

ଜଗତସିଂହପୁର
ଭ୍ରାମ୍ୟଭାଷ : ୯୪୩୭୩୧୭୦୨୬

# ପାଠ୍ୟକ୍ରମରେ ଐତିହାସିକ ତଥ୍ୟର ପରିବର୍ତ୍ତନ !



ଅସିତ ମହାନ୍ତି

ଇତିହାସ ସହିତ ପ୍ରତ୍ୟେକ ସମାଜର ଏକ ଅନନ୍ୟ ପ୍ରେମ-ଘୃଣା ସମ୍ପର୍କ ଅଛି, ସେ ଭାରତୀୟ ସମାଜ ହେଉ କିମ୍ବା ପାଶ୍ଚାତ୍ୟ ସମାଜ। ଇତିହାସର ଯେଉଁ ପାର୍ଶ୍ୱକୁ ଜଣକୁ ଭଲ ଲାଗେ, ଅର୍ଥାତ ସରକାରଙ୍କର ଅନୁରୂପ ହୋଇଥାଏ, ତାକୁ ପସନ୍ଦ କରାଯାଇଥାଏ ଏବଂ ଯେଉଁ ପାର୍ଶ୍ୱକୁ ସରକାର ନାପସନ୍ଦ କରିଥାନ୍ତି, ତାକୁ ଘୃଣା ଚକ୍ଷୁରେ ଦେଖିଥାନ୍ତି। ଏହି କାରଣରୁ ସମସ୍ତେ ବର୍ତ୍ତମାନର ପରିପ୍ରେକ୍ଷୀରେ ଇତିହାସ ଫ୍ରେମ୍ କରିବାକୁ ଚାହୁଁଛନ୍ତି। ଇତିହାସକୁ ବୁଝିବା ଏବଂ ଗ୍ରହଣ କରିବା ପାଇଁ ଆବଶ୍ୟକ ନୈତିକ ଶକ୍ତି କେବଳ ବହୁତ କମ୍ ସମାଜରେ ଉପସ୍ଥିତ। ବ୍ରିଟିଶମାନେ ବର୍ତ୍ତମାନ ଉପନିବେଶ ଶାସନର କିଛି ଘଟଣା ପାଇଁ ଦୁଃଖ ପ୍ରକାଶ କରୁଛନ୍ତି, କିନ୍ତୁ ସେମାନେ ତଥାପି ଗ୍ରହଣ କରିବାକୁ ପ୍ରସ୍ତୁତ ନୁହଁନ୍ତି ଯେ ଉପନିବେଶ ନିୟମ ଭୁଲ ଥିଲା। ତେଣୁ, ଇତିହାସ ହେଉଛି ଏକ ସବଜେକ୍ଟିଭ୍ ଦୃଷ୍ଟିକୋଣ, ଯାହା ଉପରେ ବିଭିନ୍ନ ବର୍ଗର ଭିନ୍ନ ଭିନ୍ନ ମତ ଥାଇପାରେ। ଯେହେତୁ ଆମ ସମାଜ ଏକ ବର୍ଗ ବିଭାଜିତ ସମାଜ, ତେଣୁ ପ୍ରତ୍ୟକ ବର୍ଗ (ବର୍ଗ , ଅର୍ଥାତ ଶୋଷକ ଶ୍ରେଣୀ ଏବଂ ଶୋଷିତ ଶ୍ରେଣୀ) ତା ହିସାବରେ ରାଜନୀତି କରିବାକୁ ପସନ୍ଦ କରନ୍ତି। ପ୍ରତ୍ୟକ ଶ୍ରେଣୀ ସମାଜରେ ବାସ କରୁଥିବା ଲୋକମାନଙ୍କ ମସ୍ତିଷ୍କରେ ସେହି ଧାରଣା ଏବଂ ବିଚାର ଗଢିତୋଳିବାକୁ ଚେଷ୍ଟା କରନ୍ତି, ଯାହା ଫଳରେ ଲୋକମାନେ ସମାଜ ଭିତରେ ଏକ ଚିନ୍ତାର ପରିମଣ୍ଡଳ ସୃଷ୍ଟି କରିବାରେ ସହାୟକ ହୋଇଥାନ୍ତି। ସେହି ଚିନ୍ତନ ବିଜ୍ଞାନ ଆଧାରରେ ହେଉ ବା ଅବୈଜ୍ଞାନିକ, ସେଥିରେ କୌଣସି ସମସ୍ୟା ନାହିଁ। ଦେଶ ସ୍ୱାଧୀନ ହେବା ପରଠାରୁ ଏହା ହୋଇଆସୁଛି। ଯେତେବେଳେ ଇଂରେଜମାନେ ଭାରତକୁ ସାଶନ କରୁଥିଲେ, ସେତେବେଳେ ମଧ୍ୟ ସେମାନେ ଭାରତୀୟ ମାନଙ୍କୁ ପ୍ରକୃତ ଇତିହାସକୁ ଲୁଚାଇ ରଖୁଥିଲେ। ବର୍ତ୍ତମାନ ଇଂରେଜ ନାହାନ୍ତି, ସେମାନଙ୍କ ସ୍ଥାନରେ ଜାତି ଏବଂ ଧର୍ମ ଆଧାରରେ ପୁଞ୍ଜିବାଦୀ ରାଜନୀତି କରୁଥିବା ନେତାମାନେ ସେହି ସମାନ କାର୍ଯ୍ୟ କରୁଛନ୍ତି। ତେଣୁ ପ୍ରତ୍ୟକ ରାଜନୈତିକ ଦଳକୁ ସେମାନଙ୍କ ଦର୍ଶନ ଏବଂ ବିଚାର ହିସାବରେ ଇତିହାସ ଦରକାର। ଯାହା ବର୍ତ୍ତମାନ ଆମେ ଭାରତୀୟ ରାଜନୀତି ଦେଖିବାକୁ ପାଉଛୁ। ଏହି ମହତ୍ୱପୂର୍ଣ୍ଣ ବିଷୟଟିକୁ ଯଦି କୌଣସି ରାଜନୀତି ର ଛାତ୍ର ଭୁଲ ବୋଲି କହିଥାନ୍ତି, ତାହେଲେ ବୁଝାଯିବ ଯେ ସେ ମିଥ୍ୟା କହୁଛନ୍ତି। ଏହି ପରିପ୍ରେକ୍ଷୀରେ ନ୍ୟାସନାଲ କାଉନସିଲ୍ ଅଫ୍ ଏଜୁକେସନାଲ୍ ରିସର୍ଚ୍ଚ ଆଣ୍ଡ ଟ୍ରେନିଂ (ଏନ୍‌ସିଇଆରଟି)ର ଶ୍ରେଣୀ ୧୦ ଏବଂ ୧୨ ର ଇତିହାସ ପାଠ୍ୟପୁସ୍ତକରେ କିଛି ପରିବର୍ତ୍ତନ ଦେଖିବାକୁ ମିଳିଛି। ନିଃସନ୍ଦେହ, ଗୋଟିଏ ପାର୍ଶ୍ୱ ଏହି ପରିବର୍ତ୍ତନଗୁଡ଼ିକୁ ଭୁଲ ବୋଲି କହୁଛି ଏବଂ ଐତିହାସିକ ତଥ୍ୟରୁ ବିଚ୍ଛିନ୍ନ ହୋଇଛି, କିନ୍ତୁ ବାସ୍ତବତା ହେଉଛି ଉଭୟ ପକ୍ଷ ଏକ ସୁବିଧାଜନକ ଇତିହାସ ଚାହୁଁଛନ୍ତି, ଯାହା ବର୍ତ୍ତମାନର ଆଲୋଚନା ସହିତ ଅନୁରୂପ ଅଟେ। କ'ଣ ଶିକ୍ଷା ଦିଆଯିବା ଉଚିତ୍ ଏବଂ ପାଠ୍ୟପୁସ୍ତକରେ କ'ଣ ଶିକ୍ଷା ଦିଆଯିବା ଉଚିତ୍ ନୁହେଁ, ସେ ବିଷୟରେ ଏକ ନିରନ୍ତର ଆଲୋଚନା ହୋଇଛି, କାରଣ ବିଦ୍ୟାଳୟର ପାଠ୍ୟପୁସ୍ତକ ହେଉଛି ସେହି ମାଧ୍ୟମ, ଯାହା ମାଧ୍ୟମରେ ସୁବିଧାଜନକ ଆଲୋଚନା ଆଗକୁ ନିଆଯାଇପାରିବ। ଯେତେବେଳେ ଗୋଟିଏ ଆଲୋଚନା ଆପଣଙ୍କ ପାଇଁ ସୁବିଧାଜନକ ଏବଂ ଅନ୍ୟ ଗୋଷ୍ଠୀ ପାଇଁ ଅସୁବିଧାଜନକ ହୁଏ ସେତେବେଳେ ବିବାଦ ଘଟେ। କିନ୍ତୁ ବିଷୟଟି ହେଉଛି, କାହାକୁ ଭଲ ଲାଗିବା ବା ଭଲ ନଲାଗିବା ଉପରେ ଐତିହାସିକ ତଥ୍ୟକୁ କଣ ପରିବର୍ତ୍ତନ କରାଯାଇପାରେ?

ବର୍ତ୍ତମାନ, ଇତିହାସ ପାଠ୍ୟପୁସ୍ତକରେ କରାଯାଇଥିବା କିଛି ପରିବର୍ତ୍ତନ ସହିତ ଜଡିତ ବିବାଦ ମଧ୍ୟ ସମାନ ପ୍ରସଙ୍ଗରେ ଦେଖାଯିବା ଉଚିତ, ଯେତେବେଳେ ଗୋଟିଏ ବିଭାଗର ସୁବିଧାଜନକ ଦୃଷ୍ଟିକୋଣ ଅନ୍ୟ ବିଭାଗର ବକ୍ତବ୍ୟ ସହିତ ମେଳ ଖାଉ ନାହିଁ। ଯଦି ଦେଖାଯାଏ, ଏହି ପ୍ରକାର ବିବାଦ ପ୍ରଥମ ଥର ପାଇଁ ହୋଇନାହିଁ। ଭାରତର ଶିକ୍ଷାଗତ ଇତିହାସରେ ଏପରି ବିବାଦ ପୂର୍ବରୁ ଘଟିଥିଲା। ଅର୍ଥାତ ବର୍ଗ ବିଭାଜିତ ସମାଜରେ ଦୁଇଟି ଦୃଷ୍ଟିକୋଣ ଦେଖିବାକୁ ମିଳିଥାଏ . ଗୋଟିଏ ହେଉଛି ଶୋଷକ ଶ୍ରେଣୀର ବିଚାର ଏବଂ ଚିନ୍ତନ ଅର୍ଥାତ ଏହା ଜୀବନର ସମସ୍ତ ଦିଗକୁ ବ୍ୟାପ୍ତ କରିଥାଏ। ଅର୍ଥାତ ସାହିତ୍ୟ , କଳା, ଅର୍ଥନୀତି ଏବଂ ରାଜନୀତି . ଠିକ ସେହିପରି ଶୋଷିତ ଶ୍ରେଣୀର ମଧ୍ୟ। ଏହି ଦୁଇଟି ଚିନ୍ତନ ମଧ୍ୟରେ ଦ୍ୱନ୍ଦ। ୨୦୦୫ ରେ, ଗୋଟିଏ ଦଳ ଦାବି କରିଥିଲା ଯେ ୨୦୦୦ ରେ ତତ୍କାଳୀନ ସରକାରଙ୍କ ଦ୍ୱାରା ଏନ୍‌ସିଇଆରଟି ଇତିହାସ ପୁସ୍ତକରେ କରାଯାଇଥିବା ପରିବର୍ତ୍ତନ ବିଦ୍ୟାଳୟ ପାଠ୍ୟକ୍ରମକୁ ଭ୍ରଷ୍ଟ କରିଦେଇଥିଲା, ଯାହା ବର୍ତ୍ତମାନ ଶୁଦ୍ଧ କରାଯାଉଛି।

ସାମ୍ପ୍ରତିକ କଟକଣା ଉପରେ ନାରାଜ ଦଳ ସେହି ସମାନ ଥିଲା ଯାହା ୨୦୦୫ ରେ ସ୍କୁଲ ପାଠ୍ୟକ୍ରମକୁ ଶୁଦ୍ଧ କରୁଥିଲା। ତେଣୁ ବର୍ତ୍ତମାନର ପରିବର୍ତ୍ତନ ପ୍ରଥମ ଘଟଣା ନୁହେଁ। ଇତିହାସ ଚିତ୍ରଣରେ ଶାସକ-କେନ୍ଦ୍ରିକ ଏବଂ ଦିଲ୍ଲୀ-କେନ୍ଦ୍ରିକ ବୋଲି ପାଠ୍ୟ ପୁସ୍ତକଗୁଡ଼ିକ କ୍ରମାଗତ ଭାବରେ ଅଭିଯୋଗ ହୋଇଛି। ବର୍ତ୍ତମାନ ବିଷୟଟି ହେଉଛି – ଯଦି ବୈଜ୍ଞାନିକ ପଦ୍ଧତି ଉପାୟରେ ବିଷୟଟିକୁ ଚର୍ଚ୍ଚା କରାଯାଏ ତେବେ ବର୍ତ୍ତମାନ ଯେଉଁ ପରିବର୍ତ୍ତନ କରାଯାଇଛି ସେଥିରେ ପୁରା ସମାଜକୁ କଣ ଅସୁବିଧା ହେଉଛି ? ପ୍ରଥମେ ଜାଣିବା ଯେ, ଏହି ପରିବର୍ତ୍ତନ ଟି କଣ ଏବଂ ଏହାର ପ୍ରଭାବ ସମାଜ ଉପରେ କଣ ରହିଛି ?

୨୦୧୪ ମସିହାରୁ ଏନ୍‌ସିଇଆରଟି ପାଠ୍ୟପୁସ୍ତକର ଚତୁର୍ଥ ପର୍ଯ୍ୟାୟ ସଂଶୋଧନ ଏବଂ ଅଦ୍ୟତନରେ ବିଦ୍ୟାଳୟ ପାଠ୍ୟକ୍ରମରେ ହୋଇଥିବା ଭୟଙ୍କର ପରିବର୍ତ୍ତନ ବିରୁଦ୍ଧରେ ସାରା ଦେଶରେ ବିରୋଧ ଜାରି ରହିଛି। ଆଧୁନିକ ବିଜ୍ଞାନର ଦୁଇଟି ମୌଳିକ ନୀତି, ଡାରଓ୍ୱିନ୍‌ଙ୍କ ବିବର୍ତ୍ତନ ତତ୍ତ୍ୱ ଏବଂ ମେଣ୍ଡେଲିଭ୍‌ଙ୍କ ପର୍ଯ୍ୟାୟ ଟେବୁଲ୍, ଦଶମ ବିଜ୍ଞାନ ସିଲାବସ୍‌ରୁ ଅପସାରିତ ହୋଇଛି। ଦୁଇ ପ୍ରତିଷ୍ଠିତ ମୁସଲମାନ କବି ଇକବାଲ ଏବଂ ଫୈଜ ଅହମ୍ମଦ ଫୈଜଙ୍କ କବିତାଗୁଡ଼ିକୁ ହଟାଇ ଦିଆଯାଇଛି। ମୋଗଲ ଏବଂ ସୁଲତାନୀ ସମୟର ଇତିହାସ ସର୍ବନିମ୍ନକୁ ହ୍ରାସ କରାଯାଇଛି। ହୁମାୟୁନ୍, ଶାହାଜାହାନ୍, ଆକବର, ଜାହାଙ୍ଗୀର ଏବଂ ଔରାଙ୍ଗଜେବ ଭଳି ମୋଗଲ ସମ୍ରାଟଙ୍କ କୃତିତ୍ୱ ବିଷୟରେ ବିସ୍ତୃତ ଦୁଇ ପୃଷ୍ଠାର ସାରଣୀକୁ ମଧ୍ୟ ହଟାଇ ଦିଆଯାଇଛି। ଶୀତଳ ଯୁଦ୍ଧ ଏବଂ ଅଣ-ସମନ୍ୱିତ ଆନ୍ଦୋଳନର ଯୁଗକୁ ମଧ୍ୟ ହଟାଇ ଦିଆଯାଇଛି। ଗୁଜୁରାଟରେ ଅଳ୍ପସଂଖ୍ୟକ ବିରୋଧୀ ଦଙ୍ଗାର ସବିଶେଷ ତଥ୍ୟ ଏକାଦଶ ଶ୍ରେଣୀର ସମାଜ ବିଜ୍ଞାନ ପାଠ୍ୟକ୍ରମରୁ ହଟାଇ ଦିଆଯାଇଛି। ଅଯୋଧ୍ୟା (ରାମ ମନ୍ଦିର -ବାବ୍ରି ମସଜିଦ)ର ଚାରୋଟି ପୃଷ୍ଠା ଦୁଇଟି ପୃଷ୍ଠାରେ ଛେଦନ କରାଯାଇଛି। ଏବଂ ଏହା ବଦଳରେ ସୁପ୍ରିମକୋର୍ଟଙ୍କ ନିଷ୍ପତ୍ତି ଉପରେ ଧ୍ୟାନ ଦିଆଯାଇଛି ଯେଉଁଠାରେ ବିବାଦୀୟ ଢାଞ୍ଚା ଥରେ ଠିଆ ହୋଇଥିବା ସ୍ଥାନରେ ରାମ ମନ୍ଦିର ନିର୍ମାଣ ପାଇଁ ବାଟ ଫିଟିଥିଲା, ଯାହା ଡିସେମ୍ବର ୧୯୯୨ ରେ ଆରଏସଏସ-ବିଜେପି କର୍ମୀଙ୍କ ଦ୍ୱାରା ଭାଙ୍ଗି ଦିଆଯାଇଥିଲା। ବାବ୍ରି ମସଜିଦକୁ 'ଏକ ତିନି-ଗମ୍ବୁଜ ଢାଞ୍ଚା' ଭାବରେ ବର୍ଣ୍ଣନା କରାଯାଇଛି, ଯାହାକି ଶ୍ରୀ ରାମଙ୍କ ଜନ୍ମସ୍ଥାନରେ ୧୫୨୮ ମସିହାରେ ନିର୍ମିତ ହୋଇଥିଲା, କିନ୍ତୁ ଏହାର ସଂରଚନାରେ ଏହାର ଭିତର ତଥା ବାହ୍ୟରେ ହିନ୍ଦୁ ପ୍ରତୀକ ଏବଂ ପ୍ରତିମୂର୍ତ୍ତିର ସ୍ପଷ୍ଟ ପ୍ରଦର୍ଶନ ରହିଥିଲା। ବାବ୍ରି ଭାଙ୍ଗିବା ଉପରେ ସମସ୍ତ ଖବରକାଗଜ କ୍ଲିପିଂ ହଟାଇ ଦିଆଯାଇଛି। ହରିୟାଣାର ଏକ ଇଣ୍ଡସ୍ ଭ୍ୟାଲି ସାଇଟରେ ପ୍ରତ୍ନତାତ୍ତ୍ୱିକ ଉତ୍ସରୁ ମିଳିଥିବା ପ୍ରାଚୀନ ଡିଏନ୍‌ଏର ସାମ୍ପ୍ରତିକ ଅଧ୍ୟୟନଗୁଡ଼ିକ ଆର୍ଯ୍ୟମାନେ ଏଠାରେ ପହଞ୍ଚିଥିବା ଦାବିକୁ ଖଣ୍ଡନ କରିଛନ୍ତି ଯେ ହରପାନ୍ ଏବଂ ବୈଦିକ ଲୋକ ସମାନ ଲୋକ ଥିଲେ କି ନାହିଁ ତାହା ଉପରେ ଅଧିକ ଅନୁସନ୍ଧାନ ଆବଶ୍ୟକ କହି ପାଠ୍ୟ ପୁସ୍ତକଗୁଡ଼ିକରେ ଗୁରୁତ୍ୱପୂର୍ଣ୍ଣ ତଥ୍ୟଗୁଡିକୁ ବଦଳାଇ ଦିଆଯାଇଛି। ଏହା ଶିକ୍ଷଣ ପ୍ରକ୍ରିୟାକୁ ବିକୃତ କରିବା ଏବଂ ବିଦ୍ୟାଳୟ ଶିକ୍ଷାକୁ ଧ୍ୱଂସ ଆଡକୁ ଠେଲିବା ଛଡା ଆଉ କିଛି ନୁହେଁ। ଯଦିଓ ଅଧିକାରୀମାନେ ଦାବି କରିଛନ୍ତି ଯେ ଶିକ୍ଷାକୁ ସଫ୍ରୋନାଇଜ୍ (ଭଗୁଆକରଣ) କରିବାର କୌଣସି ଉଦ୍ଦେଶ୍ୟ ନାହିଁ ଏବଂ ଏହିପରି ଅଦ୍ୟତନଗୁଡିକ ନିୟମିତ ଭାବରେ ଘଟେ, ସତ୍ୟ ହେଉଛି ଏହି ସଂପୂର୍ଣ୍ଣ ରୂପାନ୍ତର-ରୂପାନ୍ତର ଶିକ୍ଷାକୁ ଏହାର ମୂଳତତ୍ତ୍ୱ, ଧର୍ମନିରପେକ୍ଷ-ବୈଜ୍ଞାନିକ-ଯାହା ଯୁକ୍ତିଯୁକ୍ତ-ତଥ୍ୟ ଭିତ୍ତିକ ଶିକ୍ଷାର ଅବଶିଷ୍ଟାଂଶ ରହିବା ଆବଶ୍ୟକ ଜାଣିଶୁଣି ନଷ୍ଟ କରିଦେବା , ଯାହାର ଉଦ୍ଦେଶ୍ୟ ହେଉଛି ଫାସିଷ୍ଟ ସଂସ୍କୃତିକୁ ମଜବୁତ କରିବା ଏବଂ ସେମାନଙ୍କୁ ଅନ୍ଧବିଶ୍ୱାସର ରହସ୍ୟମୟ ପଥରେ ନେବା ପାଇଁ ବୈଜ୍ଞାନିକ ଯୁକ୍ତିଯୁକ୍ତ ମାନସିକତାରୁ ଛାତ୍ରମାନଙ୍କୁ ବଞ୍ଚିତ କରିବା। "ଶିକ୍ଷା-ପ୍ରେମୀ ଲୋକ, ଶିକ୍ଷାବିତ୍, ବୁଦ୍ଧିଜୀବୀ, ଶିକ୍ଷକ, ଛାତ୍ର ଏବଂ ଜନସାଧାରଣ ଏହି ବିରୋଧୀ ନୀତି ବିରୁଦ୍ଧରେ ଦେଶବ୍ୟାପୀ ଶକ୍ତିଶାଳୀ ଆନ୍ଦୋଳାନ କୁ ତୀବ୍ର କରନ୍ତୁ, ତଥାକଥିତ ଜାତୀୟ ଶିକ୍ଷା ନୀତି ୨୦୨୦ ପଛରେ ଥିବା ଲୁକ୍କାୟିତ ଏଜେଣ୍ଡାକୁ ପ୍ରକାଶ କରନ୍ତୁ ଏବଂ ଆସୁଥିବା ବିପର୍ଯ୍ୟୟକୁ ରୋକନ୍ତୁ।"

ସୁଜନପୁର, ଯାଜପୁର
ଭ୍ରାମ୍ୟଭାଷ : ୯୩୪୮୭୬୮୮୧୨

## ଧାରାବାହିକ ଉପନ୍ୟାସ

# ମୌନ ଯୋଗୀ

ପୁଷ୍ପାରାଣୀ ପଟେଲ



ଭାଗ-୧୯

**ପୂର୍ବାଭାଷ**

*ସ୍ନିଗ୍ଧା ଓ ପୂରବୀ ଆଜି ଖୋଲି ଦେଇଥିଲେ ପରସ୍ପରକୁ ପରସ୍ପର ନିକଟରେ। ପୂରବୀ ଶୁଣୁଥିଲା ଓ ସ୍ନିଗ୍ଧା ବଖାଣି ଚାଲିଥିଲା ନିଜକୁ, ସେ ଭୋଗିଥିବା କିଛି ଦୁଃଖକୁ-କିଛି ସୁଖକୁ। ପୂରବୀ ଭାବୁଥିଲା, 'ଆହା, କେତେ ଦୁଃଖ ଜମାଟ ବାନ୍ଧିଛି ସ୍ନିଗ୍ଧାର କୋମଳ ମନଟିରେ ସତେ। ବାପାଙ୍କର ବିଶ୍ୱାସକୁ, ଭଲ ପାଇବାକୁ ପାଇବା ପାଇଁ ଏତେ ପରିଶ୍ରମ କରି ପ୍ରଥମ ସ୍ଥାନ ଅଧିକାର କଲା ପରେ ମଧ୍ୟ କଣ ସେ ଜିତି ପାରିଲାକି ତା' ବାପାଙ୍କର ବିଶ୍ୱାସକୁ ? 'କାହିଁ ପାରିଲାନି ତ !' ତେବେ କ'ଣ ହେଲା ଆଗକୁ .... !!*

*(ପୂର୍ବପ୍ରକାଶ ଉତ୍ତାରୁ)*

*"ହାଏ ... ପୂରବୀ ! ମୁଁ କେତେ ମିଛରେ ନିଜ ଭିତରେ ଗୁଡେଇ ହେଉଥିଲି ଏତେ ଦିନ। ଦେଖିପାରି ନଥିଲି, ମୋ' ବାପାଙ୍କ ଭିତରେ ଲୁଚିଥିବା ସେଇ ସାଧାରଣରୁ ଅତି ସାଧାରଣ ବାପାଙ୍କୁ ମୋ'ର। ଭେଟିଲି, ଯେତେବେଳେ ଶୁଣିଲି ସବୁ ସାଧାରଣ ବାପାଙ୍କ ପରି ସେ ବି କହୁଥିଲେ, 'ଝିଅ ଘିଅ ! ଯେତେ ଶୀଘ୍ର ଦାୟିତ୍ୱ ମୁକ୍ତ ହେଇଯିବ, ସେତେ ଭଲ।'*

*ମନ, ମସ୍ତିଷ୍କ ସବୁ ଆନ୍ଦୋଳିତ ହେଇ ଉଠିଲା ବାପାଙ୍କ କଥା ଶୁଣି। ହୁଏତ ବିଦ୍ରୋହ ବି କଲା ତେବେ ନିଜ ଭିତରେ। ମୋ' ନିଜ ମନର ପ୍ରଶ୍ନସବୁ ଜମାଟ ବାନ୍ଧି ପାହାଡ ପରି କଠିଣ ରୂପ ନେଉଥିଲା ମୋ' ଭିତରେ। କାହା ପାଖରୁ ବା ଉତ୍ତର ଆଶା କରନ୍ତି, ମୋ'ର ଯେ ପ୍ରଶ୍ନ କରିବାର ହିଁ ସାମର୍ଥ୍ୟ ନଥିଲା। ଛୋଟଟି ବେଳୁ ସଂସ୍କାରୀ, ସୁଶିଳ ଝିଅଟିଏର ମୁକୁଟ ପିନ୍ଧାଇ ସେମାନେ ଯେ ଛଡାଇ ନେଇଥିଲେ ମୋ'ର ସ୍ୱର ମୋ' ପାଖରୁ।*

*ତା' ବୋଲି ମୋ' ପ୍ରଶ୍ନର ମୁଁ ଉତ୍ତର ପାଇଲିନି ବୋଲି ତ ନୁହଁ। ପାଇଲି, ଯେବେ ଯାଇ ବସିଲି ବିବାହ ବେଦୀରେ। ତାଲା ପକାଇଲି ମୋ'ର ସେଇ ଦୁର୍ମୂଲ୍ୟ ସାର୍ଟିଫିକେଟ୍ ମାନଙ୍କୁ ଘରର ପୁରୁଣା କାଠ ଆଲମାରୀ ଭିତରେ ଓ ଚୁପ୍ ଚାପ୍ ଯାଇ ବସିଲି ଜଣେ ଅଜଣା ଅଶୁଣା ମଣିଷର ଡାହାଣ କଡରେ, ତା'ର ଓ ତା' ପରିବାରର ଦାୟିତ୍ୱକୁ ମୁଣ୍ଡରେ ମୁଣ୍ଡାଇ।*

*- ଉତ୍ତର କ'ଣ ଜାଣ ?*

*- ମୁଁ ଏ ସମାଜର ସବୁ ଝିଅଙ୍କ ପରି ଏକ ସାଧାରଣ ଝିଅ ହିଁ, ଯାହାର ଜନ୍ମ ପରଠୁ ସଭିଏଁ ଗୋଟିଏ କଥା ଘୋଷି ରଖିଥାନ୍ତି ମନରେ, 'ଝିଅ ଜନମ ଚୁଲି ମୁଣ୍ଡକୁ'। ମୋ' ବାପା ବି ଏ ସମାଜର ସବୁ ବାପାଙ୍କ ପରି ଏକ ସାଧାରଣ ବାପା, ଯିଏ ଝିଅ ଜନ୍ମ ହେବା ପରଠାରୁ ଦାୟିତ୍ୱ ବୋଝରେ ଚାପି ହେଇଯାନ୍ତି। ଝିଅକୁ ସୁରକ୍ଷିତ ଭବିଷ୍ୟତ ଦେବା ନ୍ୟାୟରେ ଖୋଜି ବୁଲନ୍ତି ବରପାତ୍ର।*

*ମୁଁ କ'ଣ ଭୁଲ କହୁଛି, ପୂରବୀ ?*

*(ପୂର୍ବପ୍ରକାଶ ଉତ୍ତାରୁ)*

ଯେବେ ବାପା, ମାଆଙ୍କ ପାଖରେ ଏ ଦୁଃଖ କହିଲି, ସେମାନେ କହିଲେ - ଏସବୁ କଥା ଏବେ ଉଠେଇଲେ, ଜ୍ୱାଇଁଙ୍କ ମନ ଖରାପ ହେବ। ତୋ' ଭାଗ୍ୟରେ ଯାହା ଥିଲା, ସେୟା ଘଟିଲା। କାହାକୁ ଦୋଷ ଦେଇ ଲାଭ କ'ଣ! ଏମିତି ଭଲ ପିଲାଟିଏ ମିଳିବା ବି କମ୍ ଭାଗ୍ୟର କଥା ନୁହଁ। ଯାହା ମିଳିଛି, ତା'କୁ ନେଇ ଖୁସି ହ! ସମ୍ପତ୍ତି ବହୁତ ଅଛି ତୋ' ଶ୍ୱଶୁରଙ୍କର। କିଛି ଅସୁବିଧା ହେବନି।

- ଆଃ... କେତେ ଛୋଟ ମାନସିକତା ଆମ ସମାଜର ! ଏ ସମାଜର, ଆମ ଭଳି ସାଧାରଣ ବର୍ଗ ମଣିଷଙ୍କର।

ମୋ' ମନ, ଏକଥା ଶୁଣି ପୁରାପୁରି ଭାଙ୍ଗିଗଲା ପୂରବୀ। ସେଇଦିନ ହିଁ ମୁଁ ଦୃଢ଼ ନିଷ୍ପତ୍ତି କରି ନେଇଥିଲି, ମୋ' ସ୍ୱପ୍ନମାନଙ୍କୁ ମୁଁ ନିଜେ ପୂରଣ କରିବି। ସ୍ୱାମୀ ନାମକ ପୁରୁଷଟିର ସହାୟତା ବିନା ବି ମୋ' ଝିଅକୁ ମୁଁ ଗୋଟିଏ ସୁନ୍ଦର ପରିପୂର୍ଣ୍ଣ ଜୀବନ ଦେବି। ନିଶ୍ଚୟ ଦେବି।

ଦୁଇହଜାର ପନ୍ଦର ମସିହା।

ଅନେକ ବର୍ଷର ପରିଶ୍ରମ। କଠିନ ଅଧ୍ୟବସାୟ।

ଏବେ ସମୟ ଥିଲା ପଟ ପରିବର୍ତ୍ତନର। ଆଉ ଏକ ପୁନର୍ଜନ୍ମ ମୋ'ର। ଏଥରକ ମୋ' ଭାଗ୍ୟ ମୋତେ ଟାଣିନେଲା। ଆଉ ଏକ ନୂଆ ସହର।

ଓଡ଼ିଶାର ପଶ୍ଚିମ ଉପକୂଳର ଏକ ଆଦିବାସୀ ଅଧ୍ୟୁଷିତ ଜିଲ୍ଲା ସୁନ୍ଦରଗଡ। ଅବସ୍ଥିତି ସିନା ସୁନ୍ଦରଗଡ ଜିଲ୍ଲା, ସହରଟିରେ କିନ୍ତୁ ସାରା ଓଡ଼ିଶା ତଥା ଓଡ଼ିଶା ବାହାର ରାଜ୍ୟର ଲୋକଙ୍କର ଭିଡ। ଆହୁରି ବି ବେଶ୍ ଶାନ୍ତ, ସୁନ୍ଦର ଓଡ଼ିଶା ବାହାର ରାଜ୍ୟର ଲୋକଙ୍କର ଭିଡ। ଆହୁରି ବି ବେଶ୍ ଶାନ୍ତ, ସୁନ୍ଦର ଓ ଉନ୍ନତ ଏଇ ଇସ୍ପାତ କଳର ଚାରିପାଖରେ ଗଢ଼ି ଉଠିଥିବା ଇସ୍ପାତ ନଗରୀ।

ଖୁବ୍ ଭଲ ଲାଗୁଥିଲା ମୋ'ତେ! ଅନୁଭବ ହେଉଥିଲା, ଆଜିଯାଏଁ ହଜାଇ ଆସିଥିବା ସ୍ୱପ୍ନସବୁ ଏଥରକ ମୋ' ହାତ ମୁଠାରେ। ଏଇଠି ... ଏଇ ସହରରେ ମୁଁ ମୋ' ଝିଅକୁ ଦେଇପାରିବି ଏକ ସ୍ୱପ୍ନିଳ ଭବିଷ୍ୟତ।

'ଅଧ୍ୟାପିକାର ସରକାରୀ ଚାକିରି। ରହିବା ପାଇଁ ନିଜର ଘର। ଝିଅ ନିଜ ପାଖରେ।' - ଏହାଠାରୁ ଅଧିକ କ'ଣ ବା ଦେଇପାରିଥାନ୍ତା ମୋ'ତେ ମୋର ଭାଗ୍ୟ।

ହାଏ ... ପୂରବୀ! ଆମେ ଭାବିଥାଉ କ'ଣ, ଅଥଚ ଅଦୃଷ୍ଟ ଆମ ପାଇଁ ସଜାଡି ରଖିଥାଏ କ'ଣ!!

ପୂରବୀ : କ'ଣ ହେଲା ଯେ ?

ସ୍ନିଗ୍ଧା : ସେତେବେଳେଯାଏଁ ମୋ' ସ୍ୱପ୍ନ ତୁଟି ନଥିଲା। ମୁଁ ଭାବୁଥିଲି - 'ଓଃ... ମା' ଠିକ୍ କହୁଥିଲେ। ବିବେକ ଚାକିରି ନଲେ କ'ଣ ବା



ହେଇଗଲା। ଧନୀ ଘରର ପୁଅ ବୋଲି ସିନା, ରାଉରକେଲାରେ ନିଜର ଘର ଅଛି। ଓ ମୁଁ ଏତେ ନିଶ୍ଚିନ୍ତରେ ରହିବା କଥା ଭାବି ପାରୁଛି। ନ ହେଇଥିଲେ ଆଜି ବୋଧେ ଦରମାର ଅଧା ଟଙ୍କା ଯାଆନ୍ତା ଘରଭଡାରେ। ତା'ପରେ ବି କଣ ଶାନ୍ତି ମିଳିଥାନ୍ତା ? ନା...! ଘର ମାଲିକ ମାନେ କ'ଣ କେବେ ଭଡାଟିଆଙ୍କୁ ଶାନ୍ତିରେ ରହିବାକୁ ଦେଇପାରନ୍ତି !

ଆଜିଠାରୁ ଭୁଲିଯିବି ପୁରୁଣା କଥା। ସେମାନେ ମୋ'ତେ ପାଠ ପଢ଼ାଇଲେ। ଚାକିରି କରି ନିଜ ଗୋଡରେ ଠିଆ ହେବାର ସ୍ୱାଧୀନତା ଦେଲେ। ଏ ନୂଆ ସହରରେ ମୁଣ୍ଡ ଉପରେ ସୁରକ୍ଷାର ଛାତଟିଏ ଦେଲେ। ତା ପରେ ବି ଯଦି ମୁଁ ତାଙ୍କ ପାଇଁ ଅକୃତଜ୍ଞ ରହେ, ତେବେ ତ ମୋ' ଶିକ୍ଷା ମୂଲ୍ୟହୀନ। ମୋ' ନଜରରେ ମୁଁ ହିଁ ନ୍ୟୁନ ହେଇଯିବି ସବୁଦିନ ପାଇଁ।

ଏମିତି କେତେ କ'ଣ ସକରାତ୍ମକ ଚିନ୍ତାଧାରା ଓ କୃତଜ୍ଞତାର ଭାବ ଖେଳି ବୁଲୁଥିଲା ମୋ' ମନ ଭିତରେ।

ଅଥଚ କେବଳ ଗୋଟିଏ ସପ୍ତାହ ପୂରବୀ ... ହିଁ, ଗୋଟିଏ ସପ୍ତାହ ... ଏବଂ ବଦଳିଗଲା ମାନଚିତ୍ର। ଓଲଟିଗଲା ମୋ' ସ୍ୱପ୍ନର ପୃଥିବୀ। ଦୋହଲିଗଲା ପାଦତଳର ଚଟାଣ। ଉଡିଗଲା ମୁଣ୍ଡ ଉପରର ସୁରକ୍ଷାର ଛାତ!

ମୁଁ ସେଇ ନୂଆ ସହରରେ ବାସହରା ହେଇଗଲି। ସମ୍ପୂର୍ଣ୍ଣ ଏକାକୀ ଓ ନିଃସଙ୍ଗ।

ପୂରବୀ : କ'ଣ ଏମିତି ଘଟିଗଲା ଯେ ? ମୁଁ ବୁଝି ପାରୁନାହିଁ କିଛି ବି!

ସ୍ନିଗ୍ଧା : ଥାଉ ପୂରବୀ! ସେ ସମୟ ମୋ' ଜୀବନର ଏକ ସଂଘର୍ଷମୟ ଅଧ୍ୟାୟ। ଯେତେଥର ସେସବୁ ପୃଷ୍ଠାକୁ ମୁଁ ଓଲଟାଇଛି, ସେତିକିଥର ମୁଁ କେବଳ କ୍ଷତାକ୍ତ ଓ ରକ୍ତାକ୍ତ ହିଁ ହେଇଛି। ତେଣୁ ଚାଲ ... ଏବେଳରେ ତା'କୁ ମନେ ପକେଇବାନି। ଉହ୍ୟ ରଖିଦେବା ସେ ସଂଘର୍ଷକୁ ମୋ' ଜୀବନ ଉପନ୍ୟାସରୁ।

କେବଳ ଏତିକି ଜାଣିଥାଅ - ସେଇ ଘରେ ଲୁଚାଇ ରଖିଥିଲେ ସେମାନେ ତାଙ୍କ ଆଭିଜାତ୍ୟର ଅନ୍ୟ ଏକ ଦିଗ। ଯାହା ସମାଜ ଆଗରେ ଉନ୍ମୋଚିତ ହେଇଯିବାର ଭୟ ତାଙ୍କୁ ଏମିତି ଘାରିଲା ଯେ, ସେମାନେ ମୋର ଦୁଃସ୍ଥିତି କଥା ଥରୁଟିଏ ପାଇଁ ମଧ୍ୟ ଭାବିଲେ ନାହିଁ। ଏପରିକି ମୋ'ତେ ଘରୁ ବାହାରିଯିବା ପାଇଁ କହିବାକୁ ମଧ୍ୟ ପଶ୍ଚାତପଦ ହେଲେନି।

ପୂରବୀ : ଓଃ ...! ତୁମେ କ'ଣ କଲ ସ୍ନିଗ୍ଧା!

ସ୍ନିଗ୍ଧା : ବାହାରି ଆସିଲି ପୂରବୀ ସେମାନଙ୍କ ସେଇ ମିଛି ଚାକଚକ୍ୟରେ ଭରା ଦରିଦ୍ର ଘରୁ। ମୋ' ବାପାଙ୍କ ଭଳି ମୁଁ ଖୁବ୍ ସ୍ୱାଭିମାନୀ ପୂରବୀ। ସେଇ ଘର ସାଥିରେ ତୁଟାଇ ଦେଇଆସିଲି ସେମାନଙ୍କ ସହିତ ବାନ୍ଧି ରହିଥିବା ଯାବତୀୟ ସମ୍ପର୍କ।

*(କ୍ରମଶଃ)*

## ବିଭିନ୍ନ କବିତା



### ଛି

ସୁଧୀର ମେହେର



ମୁଁ,
ସେଇମାନଙ୍କୁ ଘୃଣା କରେ,
ଯେଉଁ ମାନେ ସାମ୍ନାରେ ନ କହି
ପଛରେ ସମାଲୋଚନା କରନ୍ତି
ଓ ଅନ୍ୟର ଖୁଣ ବାଛନ୍ତି।
ଭାବିଛ କି-
ତମେ ହିଁ ଦୁନିଆର ସର୍ବଶ୍ରେଷ୍ଠ,
ତମର ଭୁଲ୍ ଭକଟ କିଛି ନାହିଁ!
ମାନୁଛି,
ଦିନ ଭଲ ଚାଲିଛି,
ତମର ପତିଆରା ପାଖରେ
ମୁହଁ ଖୋଲିବାକୁ କାହାର ଯୁ' ନାହିଁ
ତା'ମାନେ ନୁହେଁ ଯେ-ତମେ ହିଁ ସବ୍
ଜାନତା,
ତମେ ହିଁ ସର୍ବ ଶ୍ରେଷ୍ଠ।
ସମୟର ଚକ୍ର ବୁଲୁଛି ହୋ ଭାଇ!
କିଏ ଜାଣେ -
କାହା ପାଳି କେତେବେଳେ!

ଖରା ଛାଇ ର ଜୀବନ,
ଅହଂକାର ତେଜ.....
ମଣିଷକୁ ଭଲ ପାଇ ଶିଖ।
କାହାକୁ ଖାତିର୍ ନ କରୁଛ ତ ନାଇ
ଜଣକୁ ତ ଡର,
ଯିଏ -ଶୂନ୍ୟରେ ତୀର ସଜେଇ
ଜଗି ବସିଛି
ତେଣାକାଟି ଖସେଇ ଦେବାକୁ
ପ୍ରତିଟି ନୀଳ ଅହଂକାର।
ତା'ର
ତୀରମୁନକୁ ସାବଧାନ।

*ଚିଟୈଗୁଡା, ଜୁନାଗଡ଼,*
*କଳାହାଣ୍ଡି,ପିନ୍-୭୬୬୦୧୪*
*ସଂପର୍କ :୯୫୮୩୫୮୮୮୭*

### ତଥାପି ଚିରଞ୍ଜୀବୀ

ଡ଼. ଦୀପକ କୁମାର ମିଶ୍ର



ଆଜିଯାଏ ଛେଦିପାରିନି ସେହି ଜିହ୍ୱା
ଯିଏ ଦିନରାତି କୁତ୍ସାରଟନା କରି
ଭିଣିଦେଇଚି ମୋର ସମଗ୍ର
ଅର୍ଜିତ ଅସ୍ତିତ୍ୱ,
ଏଯାବତ୍ ଭାଙ୍ଗିପାରିନି ସେହି ହାତ
ଯିଏ ଫି' ମୁହୂର୍ତ୍ତରେ
ଗାଲରେ ଚାପୁଡ଼ାଟିଏ ମାରି
ବିନା ପଶ୍ଚାତାପରେ ଟୁକୁରାଟୁକରା କରି
ହାଣିଦେଇଚି ମୋର ସବୁତକ ସ୍ୱତଃ।

ସାମଗ୍ରିକ ହିଂସ୍ରିକ ଆଖିମାନଙ୍କର
ନିରବଧି ଆକ୍ରମଣରେ
ମୋର ସବୁ ଆତ୍ମା ଏବେ ଦିବଂଗତ
ପର୍ଯ୍ୟାୟକ୍ରମେ ଯେଉଁମାନଙ୍କୁ ଡାକିଆଣି
ରୋପଣ କରିଥିଲି
ମୋର ମୃତ ପ୍ରାଣମାନଙ୍କରେ
କ୍ରମାନୁସାରେ ସଂଘଠିତ
ସୁଚିନ୍ତିତ ପ୍ରତିଟି ନିର୍ମମ ହତ୍ୟା ପରେ।

ମୁଁ ଜାଣେ
ଚିର ନିଷ୍ପେସିତ ମୋର ସ୍ଥିତି ଅବସ୍ଥିତି
ତଥାପି ନିଜକୁ ନିଜେ କହେ
ଭବ ଚିରଞ୍ଜୀବୀ
ଶ୍ମଶାନକୁ ବାଟ କଢ଼େଇ ନେଇଥିବା
ପ୍ରତିଟି ରାସ୍ତାକୁ
ଆନୁମାନିକ ସଂଯୋଗ କରିଚି
ଏକ ଅମୃତର ଆର୍ଯ୍ୟାବର୍ତ୍ତ ସହ।

କହିପାରିବିନି ମୁଁ କେତେ ହାରିଚି
ବା କେତେ ଜିତିଚି
ତଥାପି ପ୍ରତିଟି ଅଭିନୟ ପଶ୍ଚାତ୍
ପାଉଡ଼ର ପୋଛି ମୁହଁକୁ ଦେଖିଲେ
ପୁଣି ଏକ ଆତ୍ମା ଖୋଜିବାକୁ ପଡ଼େ
ସଦ୍ୟ ମୃତ ପ୍ରାଣଟିର ପୁନର୍ବିନ୍ୟାସ ପାଇଁ।

*ଭୁବନେଶ୍ୱର*
*ଭ୍ରାମ୍ୟଭାଷ : ୮୨୮୦୨୧୧୦୦୦*

### ମୋ ସମୟ ବନ୍ଧା ପଡ଼ିଛି

ଡକ୍ଟର ମନୋରଞ୍ଜନ ବିଷୋୟୀ



ମୋ ନିର୍ଜନତାର
ଅପୂର୍ବ ସଂଗୀତ
ସମୟ ଗାଉଛି ।

କିନ୍ତୁ ମୋ ନୀରବତା
ସମୟଠୁ ହିଁ କିଛି ଶବ୍ଦ
ଉଧାର ମାଗିଛି ।

ମୋ ଅପମାନର ସମୟକୁ
ନିରୋଳା ଅଭିମାନରେ
ସଜାଇ ରଖିଛି ।

ଏବେ କିନ୍ତୁ ସମୟ
ମୋ ଜୀବନକୁ
ମେଘ ପରି ଢାଙ୍କି ରଖିଛି ।

ଆଉ ବେଳ ଅବେଳରେ
ଲୁହ ହୋଇ
ବର୍ଷା ପରି ଝରି ପଡୁଛି ।

ସେ ବର୍ଷାରେ
ମୋ ଇଚ୍ଛାର ପ୍ରବାହିତ ଧାରା
ସମୟର ବନ୍ଧୁର ଶଯ୍ୟାରେ
ବାରମ୍ବାର ମଥା ପିଟୁଛି ।

ମୋ ଜୀବନର ପ୍ରତିଟି ସମୟ
ଦେହ ଆଉ ମନ
ଏବେ ଫିକା ପଡ଼ି ସାରିଛି ।

ତଥାପି ମୋ ସ୍ୱପ୍ନ
ଅବୁଝା ବାଳୁତ ପରି
ସଫଳତା ପାଇବାକୁ
ସମୟ ପାଖରେ ହାତ ପାତିଛି।

*ଦାମୋଦରପୁର, ଗଂଜାମ*
*ସଂପର୍କ: ୮୮୯୫୧୪୧୭୨୭*

## କାନ୍ଥ ଘଣ୍ଟା

ଗାୟତ୍ରୀ ଦାଶ

ଜଳ ସ୍ରୋତରେ ଭାସି ଭାସି ଯାଉଥିବା ପତ୍ର ବା କୁଟା କାଠି ମଝିରେ ମଝିରେ ବାଧା ଆସିଲେ ଅଟକି ଯାଆନ୍ତି ଓ ପୁନର୍ବାର ବଢ଼ନ୍ତା ସ୍ରୋତର ଚାପରେ ଆଗକୁ ଚାଲନ୍ତି। ଠିକ୍ ସେମିତି ଦୈନନ୍ଦିନ ଜୀବନ ସ୍ରୋତରେ ଆଖିବୁଜା ଧାଉଁଥିବା ବେଳେ ଅନେକ ମୁହୂର୍ତ୍ତରେ ନନା ବୋଉ ମନ ଭିତରକୁ ଧସେଇ ଆସି ଯାଆନ୍ତି ସ୍ଥାନ କାଳ ଯାହା ହେଉନା କାହିଁକି। ସେମାନଙ୍କୁ ଆଡେଇ ତ ହୁଏନି ବରଂ ଜାବୁଡ଼ି ଧରିବାକୁ ମନ କହେ। ଯେମିତି ଆଜି କାନ୍ଥଘଣ୍ଟାରେ ବ୍ୟାଟେରୀ ବଦଳାଉଥିବା ସମୟରେ ମନକୁ ଆସିଗଲା ମୋ ନନାଙ୍କର ଘଣ୍ଟା ପ୍ରତି ଥିବା ଅସମ୍ଭବ ଅନୁରକ୍ତି।

ଛୋଟ ସମୟରୁ ଦେଖିଛି, ଘରକୁ ବନ୍ଧୁ ବାନ୍ଧବ ଅଥବା ଚିହ୍ନା ଜଣା କେହି ଆସିଥିଲେ ନନା ସେମାନଙ୍କ ସହିତ ଧୁମ୍ ଗପୁଥିବେ। କିନ୍ତୁ ମଝିରେ ମଝିରେ କାନ୍ଥ ଘଣ୍ଟା ଆଡେ ଦୃଷ୍ଟି ପହଁରେଇ ଆଣୁଥିବେ। ଯେମିତି ସମୟ ହେଇଯିବ ଆଲୋଚନାର ବିଷୟବସ୍ତୁ ଯେତେ ରୋଚକପୂର୍ଣ୍ଣ ହେଇଥିଲେ ମଧ୍ୟ "ଯିବା, ଯିବା, ବେଳ ହୋଇଗଲା "କହି ବିନା ଦ୍ୱିଧାରେ ଗପ ଅଧାରୁ ଉଠି ଯାଇ ଅଫିସ୍ ଯିବାର ପ୍ରସ୍ତୁତିରେ ଲାଗିଯିବେ। ଗପର ମଜା ଉଠାଉଥିବା ସାଥୀ ମାନେ ହଠାତ୍ ମୁହଁ ଶୁଖାଇ ଦିଅନ୍ତି। କିନ୍ତୁ ନନାଙ୍କ ଆଖିରେ ସେସବୁ ପଡେନି। ତାଙ୍କ କହିବା କଥା ପ୍ରତ୍ୟେକ କାମର ନିର୍ଦ୍ଧାରିତ ସମୟ ଥାଏ ଓ ସେହି ଅନୁସାରେ ହେବା ଉଚିତ୍। କରନ୍ତି ମଧ୍ୟ। ଅଫିସ୍, ମାର୍କେଟ, ପିଲା ମାନଙ୍କର ସ୍କୁଲ୍ କଲେଜ୍, ଷ୍ଟେସନ, ଏଆର୍ ପୋର୍ଟ, ହସ୍ପିଟାଲ୍ ଯେଉଁଠିକୁ ଯିବା ଠାରୁ ଆରମ୍ଭ କରି ଖାଇବା, ଶୋଇବା, ଖବରକାଗଜ ପଢ଼ିବା, ରେଡ଼ିଓ ଶୁଣିବା ପର୍ଯ୍ୟନ୍ତ ତାଙ୍କର ପ୍ରତ୍ୟେକ କାମ ଘଣ୍ଟା କଣ୍ଟା ସହିତ ଚାଲେ।

ଦେଖିଛି, ଭୁବନେଶ୍ୱର, କଲିକତା, ଦିଲ୍ଲୀ ଅଥବା ଯେଉଁଠି ହେଉ ଯେତେବେଳେ ହେଉ, ଖୁସିରେ ହେଉ ବା କୌଣସି ବିପଦ ଆପଦ ସମୟରେ ହେଉ, ଯଦି ବାହାରକୁ ଯିବାକୁ ଥାଏ ସମସ୍ତଙ୍କୁ କହି କହି ରେଡି କରାଇବାକୁ ହୁଏ। କିନ୍ତୁ ନନା ଜଣେ ମଣିଷ ଥିଲେ ଯେ ଭୋର୍ ୪ ଟା, ଦିନ ୨ ଟା କି ରାତି ୧୦ ଟା ଯେତେବେଳେ ବାହାରିବା କଥା ଠିକ୍ ସମୟରେ ପିନ୍ଧାପିନ୍ଧି ସାରି ସେ ବାହାରେ ଯାଇ ବସିଯିବେ। ୧୦ ମିନିଟ୍ ଆଗରୁ ତାଙ୍କ ପ୍ରସ୍ତୁତି ସରିପାରେ କିନ୍ତୁ ୦୫ ମିନିଟ୍ ଡେରି ହେବା ମୁଁ କଣ କେହି ମଧ୍ୟ ଦେଖି ନଥିବେ।

ସମୟ ତାଙ୍କର ବୋଧହୁଏ ସରି ଆସୁଥାଏ। ଯିବାକୁ ୧୨/୧୫ ଦିନ ଥାଏ ନନା ଶେଯ ଧରିଲେ। କିନ୍ତୁ ନା ମନ ଭାଙ୍ଗିଥିଲା ନା ନିତ୍ୟନୈମିତ୍ତିକ କାର୍ଯ୍ୟଧାରାରେ ସାମାନ୍ୟତମ ପରିବର୍ତ୍ତନ ଆସିଥିଲା ଶେଷ ପର୍ଯ୍ୟନ୍ତ। ଘରର କାମ ସବୁ ସାରିଦେଇ ମୁଁ ନନାଙ୍କ ପାଖରେ ଯାଇ ରାତିରେ ପହଞ୍ଚେ ଓ ତାଙ୍କ ପାଖରେ ରହେ। ଠିକ୍ ଭୋର୍ ୪ଟାରେ ନନା କାନ୍ଥଘଣ୍ଟା ଆଡେ ଚାହିଁବେ। କହିବେ, 'ଦେ, ଗ୍ୟାସ୍ ବଟିକା ଦେଇଦେ। ବେଳ ହୋଇଗଲା।' ଠିକ୍ ୪.୩୦ରେ ଦାନ୍ତ ଘଷା ଓ ପରେ ପରେ ଚ୍ୟବନ୍ ପ୍ରାଶ୍। ୫ଟାରେ ତୁଳସୀ ଅର୍କ ତ' ୫.୩୦ରେ ଚା ଓ ବିସ୍କୁଟ। ଠିକ୍ ୬.୦୦ରେ ରେଡ଼ିଓ ଖୋଲା ହେବ। ୭ଟାରେ ରେଡ଼ିଓ ବନ୍ଦ୍ ଓ ଏମିତିରେ ପ୍ରାତଃ ଭ୍ରମଣରେ ଯିବା କଥା। କିନ୍ତୁ ଅସୁସ୍ଥତା ହେତୁ ସେ କାମ ବନ୍ଦ୍ ଥିଲା। ସାରାଦିନର କାର୍ଯ୍ୟଧାରା ଏହିଭଳି ଚାଲେ। ଯଦିଓ ମୁଁ ଏହା ଭଲ ଭାବେ ଜାଣିଥିଲି କିନ୍ତୁ ଶଯ୍ୟାଶାୟୀ ସମୟରେ ମଧ୍ୟ ତାଙ୍କର ଠିକ୍ ସେଇ ପ୍ରକାରର ଦୃଢ଼ ସମୟବୋଧ ଦେଖି ମନେ ମନେ ତାଜୁବ୍ ହେଉଥିଲି। ସତରେ ପରିଣତ ବୟସରେ ମଧ୍ୟ ତାଙ୍କର ସେ ଶୃଙ୍ଖଳା ବୋଧ ମତେ ଚକିତ କରୁଥିଲା ଯେତିକି ପ୍ରେରଣା ଦେଉଥିଲା ସେତିକି।

୫/୭ ଦିନ ପରେ ଘରେ କିଛି ଜରୁରୀ ପରିସ୍ଥିତି ଆସିବାରୁ ମୁଁ ନନାଙ୍କ ପାଖରେ ରାତିରେ ରହି ନପାରି ଦିନବେଳା ରହିଲି। ସକାଳ ୯/୧୦ଟାରେ ଯାଏ। ସନ୍ଧ୍ୟା ୬/୭ଟାରେ ଘରକୁ ଫେରେ। ବାକି ସମୟରେ ଭାଇ ଭଉଣୀ ମାନେ ଜଗି ରୁହନ୍ତି। ତଥାପି ନନାଙ୍କ କଥା ଆଉ ଟିକେ ଭଲ ବୁଝିବାକୁ ବିଶେଷ କରି ରାତି ୧୨ଟାରୁ ଭୋର୍ ୫ଟା ପର୍ଯ୍ୟନ୍ତ ଆବଶ୍ୟକ ମୁତାବକ ଧ୍ୟାନ ଦେବାପାଇଁ ନର୍ସଟିଏ ରଖାଗଲା। ଝିଅଟି ଭଲ। ନାଁ ନିର୍ମଳା। ଦେଖୁ ଦେଖୁ ନନା ତାକୁ ପସନ୍ଦ କଲେ। ସେ ମଧ୍ୟ ଧୈର୍ଯ୍ୟ ସହକାରେ ବୁଝିଲା। ଦିନରେ ରହିବା ସମୟତକ ମୁଁ ତାକୁ ବିଶ୍ରାମ ନେବାକୁ ବା ଶୋଇବାକୁ ଛାଡିଦିଏ। ନନାଙ୍କ କାମ ଠିକ୍ ଠିକ୍ କରିବା ମତେ ବଳାଇଯାଏନି। ସେତେବେଳେ ମଧ୍ୟ ଖାଦ୍ୟ ଖାଇବା, ଔଷଧ ଖାଇବା, ଶୋଇବା, ଉଠିବା, ଆମ ସହିତ ଗପସପ କରିବା ସବୁ ସମୟରେ ନନାଙ୍କ ନଜର ଅଧିକାଂଶ ସମୟରେ କାନ୍ଥ ଘଣ୍ଟା ଉପରେ ରହେ। ମୁଁ




ମଧ୍ୟ ତାଙ୍କ ମନ ଜାଣି ସମୟ ଅନୁସାରେ କାମ ଗୁଡ଼ିକ କରିଦିଏ ଓ ସନ୍ଧ୍ୟା ବେଳେ ସମସ୍ତଙ୍କୁ କଣ୍ କରିବାକୁ ହେବ ବୁଝାଇ ଭାରି ମନରେ ଘରକୁ ଫେରେ। ଅପେକ୍ଷା କରେ ତା ପର ଦିନ ଭୋର୍ ୬ଟା ପର୍ଯ୍ୟନ୍ତ ନନାଙ୍କ ଫୋନକୁ ଯାହା ସେ ବିଗତ ୧୦ ବର୍ଷ ଧରି ଦୈନିକ ସକାଳେ କରିଆସୁଥିଲେ। ଫୋନ୍ ଠିକ୍ ସମୟରେ ଆସେ। ସେ ଦମ୍ଭ ଦିଅନ୍ତି ଏଇଆ କହି ଯେ 'ମୁଁ ଠିକ୍ ଅଛି।' ମୁଁ ମଧ୍ୟ ଭରସା ଦିଏ 'ନନା, ତୁମେ ଜଲଦି ଭଲ ହେଇଯିବ।' ଏମିତିରେ ଆଉ ୪/୫ ଦିନ କଟିଗଲା। ପୁଅଝିଅଙ୍କ ପରିବାର, ବନ୍ଧୁ ବାନ୍ଧବ ଓ ଚିହ୍ନା ଜଣା ସମସ୍ତଙ୍କ ମେଳରେ ନନା ଖୁସିରେ ରହିବାକୁ ଖୁବ୍ ଚେଷ୍ଟା କରୁଥାନ୍ତି। ମୁଁ ଦୃଢ଼ନିଶ୍ଚିତ ଥାଏ ନନା ଭଲ ହେଇଯିବେ।

ପୁଣି ଆସିଲା ଘଣ୍ଟାର କଥା। ସେଦିନ ସକାଳେ ମୁଁ ନନାଙ୍କ ପାଖରେ ପୂର୍ବବତ୍ ପହଞ୍ଚିଲି। ସାମାନ୍ୟ ବିମର୍ଷ ଦେଖାଯାଉଥିଲେ ସେ। ମୁହଁରେ ଜବରଦସ୍ତ ହସ ଆଣି ତାଙ୍କ ଭଲମନ୍ଦ ପଚାରିଲି। କଥାବାର୍ତ୍ତାରୁ ଜାଣିଲି, ନିର୍ମଳା, ଯେ ଏଇ କେତେଦିନ ରାତିରେ ତାଙ୍କ କଥା ବେଶ୍ ଭଲରେ ବୁଝୁଥିଲା ପୂର୍ବ ରାତିରେ ସେଭଳି କରିନାହିଁ। ମୁଁ ନିର୍ମଳା ଆଡେ ପ୍ରଶ୍ନବାଚୀ ଦୃଷ୍ଟିରେ ଚାହିଁଲି। ପଚାରିଲି- "ଦିନସାରା ତ' ଆମ ସମସ୍ତଙ୍କ ଭିତରୁ ୨/୩ଜଣ ନନାଙ୍କ ପାଖରେ ଜଗି ରହୁଛୁ। ତୁ ପ୍ରଚୁର ବିଶ୍ରାମ ନେଉଛୁ। ରାତି ୧୨ ଟାରୁ ଭୋର୍ ୪/୫ଟା ପର୍ଯ୍ୟନ୍ତ ତାଙ୍କର ଯତ୍ନ ନେବାରେ ତୋର ଅସୁବିଧା ରହିଲା କେଉଁଠି ? ତୋର ତ' କାମ ହିଁ ଏଇଆ।"

ହଠାତ୍ ନିର୍ମଳା କାନ୍ଥ ଘଣ୍ଟା ଆଡେ ହାତ ଦେଖାଇ କହିଲା – "ଆପଣ ଗୋଟେ କାମ କରି ଦିଅନ୍ତୁ ତ'। ସେ ଘଣ୍ଟାଟା ଖୋଲି ଆର ରୁମ୍‌ରେ ରଖିଦିଅନ୍ତୁ। ତାହାଲେ ଆଉ କିଛି ଅସୁବିଧା ହେବନି।"

ମୋ ପାଦ ତଳୁ ଯେମିତି ମାଟି ଖସୁଥିଲା। ନନା ଖଟ ଉପରୁ ତା ଆଡେ ଚାହିଁଥାନ୍ତି। ପେଜୁଆ ଆଖିରେ ସେ ଯେଉଁ ସାଦା ସାଦା ଭାବ ମନେ ପଡିଲେ ଏବେ ମଧ୍ୟ ମୋ ହୃଦୟକୁ ବିଦୀର୍ଣ୍ଣ କରୁଛି। ଆଜୀବନ ଘଣ୍ଟା ନନାଙ୍କ ଜୀବନ ନାଟିକା ସଦୃଶ। ଘଣ୍ଟା ସହିତ ତାଳ ଦେଇ ନନା ଚାଲୁଥିଲେ ଓ ନନା ଚାଲିଲେ ତାଙ୍କ ପଛେ ପଛେ ଚାଲି ଆମେ ଆମ ଜୀବନ ଗଢୁଥିଲୁ। ଘଣ୍ଟା ନନାଙ୍କୁ ଘୁରାଉଥିଲା। ତାଙ୍କ ଚତୁର୍ଦ୍ଦିଗରେ ଘୁରୁଥିଲୁ ଆମେ। ଆମ ସମଗ୍ର ଜୀବନ ସତ୍ତାର ପ୍ରାଣକେନ୍ଦ୍ର ଥିଲା ଘଣ୍ଟା। ଘଣ୍ଟା ଦେଖି ଚାଲି ନଥିଲେ ଆମେ କଣ୍ ଆଜି ଏ ସଂସାରରେ ପ୍ରତିଷ୍ଠିତ ହେଇ ପାରିଥାନ୍ତୁ ?

ତାଳୁରୁ ତଳିପା ମୋର ଥରୁଥାଏ। ରାଗରେ ନିର୍ମଳାକୁ ପଚାରିଲି – " କାହିଁକି ? ଘଣ୍ଟା କଣ୍ ଦୋଷ କଲା ?"

ତା'ର ଭାଗ୍ୟ ଭଲ ନଥିଲା ନିଶ୍ଚିତ। ସେ ପୁଣି ଜବାବ୍ ଦେଲା – "କିଛି ନାହିଁ ଯେ। ବାପା ରାତିସାରା ଶୋଉ ନାହାନ୍ତି ବୋଧେ। ଯେତେବେଳେ ଦେଖିବ ଘଣ୍ଟା ଆଡେ ଚାହୁଁଛନ୍ତି। ୪ଟା ହେଲା ମାତ୍ରେ ମତେ ଡାକୁଛନ୍ତି ଔଷଧ ଦେବାକୁ। ସବୁ କାମ ତାଙ୍କର ଘଣ୍ଟା କଣ୍ଟା ଅନୁସାରେ...। ସେ ପୁଣି କଣ କହି ଆସୁଥିଲା।

ହାତ ଦେଖାଇ ମୁଁ ତାକୁ ଅଟକାଇଦେଲି। ମୋ କାନକୁ ଘଣ୍ଟାର ଟିକ୍ ଟିକ୍ ଶବ୍ଦ ବ୍ୟତୀତ ଆଉ କିଛି ଶୁଭୁନଥାଏ। ନନାଙ୍କ ଜୀବନ ଧାରା ସହିତ ଘଣ୍ଟାର ଅପୂର୍ବ ସମନ୍ୱୟ ମୁଁ ଏକାନ୍ତ ଭାବେ ଅନୁଭବ କରିଛି। କହିଲି –"ତୁ ଜାଣିନାହୁଁ ବୋଧେ ଏ ଘରେ ନନା ଓ ତାଙ୍କର ଇଚ୍ଛା ହିଁ ସର୍ବମାନ୍ୟ। ଦ୍ୱିତୀୟରେ, ଏ ଘଣ୍ଟା ମୋ ନନାଙ୍କର ଅତି ଘନିଷ୍ଠ ସହଚର। ଘଣ୍ଟା ନାହିଁ ତ ନନା ନାହାନ୍ତି। ସେ ସଂପର୍କ ବୁଝିବା ପାଇଁ ତୋର ମସ୍ତିଷ୍କରେ ବୁଦ୍ଧି ନାହିଁ। ଜଣେ ଶଯ୍ୟାଶାୟୀ ହେଲେ ପରିବାରରେ ହଠାତ୍ କରି ଅସହାୟ ହୋଇଯାଏ, ମନ ହେଲେ ଯେନତେନ ପ୍ରକାରେ ତାଙ୍କ କଥା ବୁଝାଯାଏ ନହେଲେ ନାହିଁ ଯାହା ଅନେକ ଘରେ ତୁ ନର୍ସ ଭାବେ କାମ କରୁଥିବା ବେଳେ ହୁଏତ ଦେଖିଛୁ। ସେଥିପାଇଁ ଏତେବଡ଼ କଥା ଏତେ ସହଜରେ କହିଦେଲୁ। ଆଉ କେବେ କହିବୁନି। ଅସୁବିଧା ହେଲେ ଏ କାମ ବର୍ତ୍ତମାନ ଛାଡ଼ି ଦେଇ ପାରୁ।"

ରାଗରେ ଥରି ଥରି ମୁଁ ନନାଙ୍କ ଖଟ ଧାରରେ ବସିପଡ଼ିଲି । ମନ ଭିତରେ ସେ ଭଲ ହେବା ପର୍ଯ୍ୟନ୍ତ ଘର ପରିବାର ଛାଡ଼ି ଦିନ ରାତି ସେଇଠି ରହିବାର ଯୋଜନା ପ୍ରସ୍ତୁତ କରୁ କରୁ ତାଙ୍କ ଆଡେ ଚାହିଁଲି। ହେଲେ ତାଙ୍କର ସେ ଦୁର୍ବଳ ଚାହାଣୀରେ ସନ୍ତୁଷ୍ଟତାର ସେ ଯେଉଁ ଝଲକ ମୋ ଭିତରେ ଯେମିତି ଏବେ ମଧ୍ୟ ଛାପି ହୋଇ ରହିଯାଇଛି। ମୋ ହାତକୁ ଧରି ପକାଇ କହିଲେ – "ଛାଡ଼, ଆଉ ରାଗନା। ନିର୍ମଳା ଭଲ ଝିଅ ଟିଏ। ପିଲାଲୋକ। କଣ୍ କହିଦେଲା। ମୁଁ ଠିକ୍ ଅଛି। କିଛି ବ୍ୟସ୍ତ ନାହିଁ।" ଏ ସବୁ ଭିତରେ ନିର୍ମଳା ମୁଣ୍ଡ ତଳକୁ ପୋତି ଅନୁତପ୍ତ ମୁଦ୍ରାରେ ଠିଆ ହୋଇଥାଏ।

ନନା ତାଙ୍କ ଉଦାର ପଣରେ ତାକୁ କ୍ଷମା କରିଦେଲେ। ହେଲେ ଏ ଘଟଣାର ୨/୩ ଦିନ ପରେ ଆକସ୍ମିକ ଭାବେ ଆମେ ମାନେ ପିତୃହରା ହେଲୁ। ଆଜି ମଧ୍ୟ ମୋର ପ୍ରତ୍ୟେକ କାମ ମୁଁ ଠିକ୍ ନନାଙ୍କ ଭଳି କାନ୍ଥ ଘଣ୍ଟା ଅନୁସାରେ କରିଚାଲିଛି ଓ ଯେତେଥର ଘଣ୍ଟା ଆଡେ ଚାହେଁ ବା ବ୍ୟାଟେରୀ ବଦଳାଏ ନନା ମନ ଭିତରକୁ ପଶି ଆସନ୍ତି। ଏ ଘଟଣା ପୁଣି ମନେ ପଡେ।

**ଭୁବନେଶ୍ୱର**




# ମିଡିଆ ଟାଇକୁନ ସ୍ୱର୍ଗତଃ ରାମୋଜି ରାଓଙ୍କୁ ଭାରତରତ୍ନ ପ୍ରଦାନ ହେବ ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି

**ବ୍ରହ୍ମପୁର :** ଦେଶର ମିଡିଆ ଟାଇକୁନ ଭାବରେ ସୁପରିଚିତ ପଦ୍ମବିଭୂଷଣ ସ୍ୱର୍ଗତ ରାମୋଜୀ ରାଓଙ୍କୁ ଦେଶର ଭାରତରତ୍ନ ପ୍ରଦାନ ହେବ ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳୀ। ସିନେମା ଠାରୁ ଆରମ୍ଭ କରି ପର୍ଯ୍ୟଟନ ଏବଂ ଛାପା ଗଣମାଧ୍ୟମ ଠାରୁ ଓ ଡିଜିଟାଲ ଭଳି ବିଭିନ୍ନ କ୍ଷେତ୍ରରେ ସଫଳ ଉଦ୍ୟୋଗ ପ୍ରତିଷ୍ଠା କରି ସାରା ଦେଶରେ ଉଲ୍ଲେଖନୀୟ ଅବଦାନ ଗ୍ରହଣ କରିଥିବା ରାମୋଜୀ ରାଓଙ୍କ ଇତିମଧ୍ୟରେ ହୋଇଥିବା ବିୟୋଗ ସାରା ଦେଶର ବିଭିନ୍ନ କ୍ଷେତ୍ରରେ ଛୋକର ଛାୟା ଖେଳିଯାଇଛି। ଏହି ଅବସରରେ ବ୍ରହ୍ମପୁର ସହରରେ ଆୟୋଜିତ ଶ୍ରଦ୍ଧାଞ୍ଜଳୀ ଓ ସ୍ମୃତିଚାରଣ କାର୍ଯ୍ୟକ୍ରମରେ ଏହି ଦାବୀକୁ ଲିଖିତ ଭାବରେ ଦେଶର ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀଙ୍କ ସମେତ ଆନ୍ଧ୍ରପ୍ରଦେଶର ମୁଖ୍ୟମନ୍ତ୍ରୀ ଚନ୍ଦ୍ରବାବୁ ନାଇଡୁଙ୍କୁ ପ୍ରଦାନ କରାଯିବ ବୋଲି ସ୍ଥିର କରାଯାଇଥିବା ବିଷୟ ଆନ୍ଧ୍ରା ଭାଷାଭିବର୍ଦ୍ଧନୀ ସମାଜମ୍ ପକ୍ଷରୁ ଏହାର ସଭାପତି ପି.ସତ୍ୟ ନାରାୟଣଙ୍କ ପକ୍ଷରୁ କୁହାଯାଇଛି। ସଭାପତି ପି.ସତ୍ୟ ନାରାୟଣଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସ୍ମୃତିଚାରଣ ସଭାରେ ବ୍ରହ୍ମପୁରର ବିଧାୟକ କେ. ଅନିଲ କୁମାର ଯୋଗ ଦେଇ ନିଜର ବକ୍ତବ୍ୟରେ ବ୍ୟକ୍ତିଗତ ଭାବରେ ସେ ପାଠ ପଢିବା ସମୟରୁ ହିଁ ସ୍ୱର୍ଗତ ରାମୋଜୀ ରାଓଙ୍କୁ ଜାଣିଥିବା ବେଳେ ସେ ସାଧାରଣ ଜନତାଙ୍କୁ କିଭଳି ସେବା ଯୋଗାଇବେ ତାହା ହିଁ ସେ ଜୀବନ ବ୍ରତ ଭାବରେ ଧରି ନେଇଥିଲେ ବୋଲି କହିବା ସହିତ ଏଭଳି ବ୍ୟକ୍ତିତ୍ୱଙ୍କର ବିୟୋଗ କେବଳ ଆନ୍ଧ୍ର କାହିଁକି ସାରା ଦେଶ ପାଇଁ ଏକ ବିରାଟ କ୍ଷତି ବୋଲି କହିଥିଲେ। ଏହା ସହିତ ଏକଦା ଦେଶରେ ଯୁବ ପ୍ରତିଭା ସୃଷ୍ଟି କରିବା କ୍ଷେତ୍ରରେ ଇଟିଭି ପ୍ଲାଟଫର୍ମ ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିଥିଲା ବୋଲି ସେ କହିଛନ୍ତି। ଇଟିଭି ଏବଂ ଇନାଡୁ ଭଳି ଅନୁଷ୍ଠାନ ଏକ ବୈପ୍ଳବିକ ପରିବର୍ତ୍ତନ ଆଣିଥିବା ବେଳେ ଦକ୍ଷିଣ ଓଡିଶା ସମେତ ବ୍ରହ୍ମପୁର ସହରରେ ରହୁଥିବା ତେଲୁଗୁ ଭାଷାଭାଷି ଜନସାଧାରଣଙ୍କ ନିକଟରେ କିଭଳି ଇନାଡୁ ଖବର କାଗଜ ପହଞ୍ଚିବ ତାହାକୁ ନେଇ ରାମୋଜୀ ରାଓଙ୍କ ବଳିଷ୍ଠ ଉଦ୍ୟମକୁ କେବେ ଭୁଲି ହେବ ନାହିଁ କହିବା ସହିତ ଆନ୍ଧ୍ରପ୍ରଦେଶରେ ଜନ୍ମଗ୍ରହଣ କରି ସାରା ଦେଶରେ ଅନେକ ପରିବର୍ତ୍ତନ ଆଣିଥିବା ସ୍ୱର୍ଗତ ରାମୋଜି ରାଓଙ୍କ କାର୍ଯ୍ୟ ସଦାସର୍ବଦା ଚିରସ୍ମରଣୀୟ ହୋଇ ରହିବ ବୋଲି ସ୍ମୃତିଚାରଣ ସଭାରେ କହିଥିଲେ ବ୍ରହ୍ମପୁର ସହରର ବହୁ ମାନ୍ୟଗଣ୍ୟ ବ୍ୟକ୍ତିବିଶେଷ। ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ଆନ୍ଧ୍ର ଭାଷାଭିବର୍ଦ୍ଧନୀ ସମାଜମ୍‌ର ସଂପାଦକ ଭି.ରବି କୁମାର ଗୁପ୍ତା, ବରିଷ୍ଠ ସାମ୍ବାଦିକ ତଥା ନବୀନର ସମ୍ପାଦକ ରବି ରଥ, ଶକ୍ତିଧର ରାଜଗୁରୁ, ଇଟିଭି ଭାରତର ପ୍ରତିନିଧି ସମୀର କୁମାର ଆଚାର୍ଯ୍ୟ, ଜାମୁଲା.ସୁରେଶ, ବିଜେପି ନେତା ଟି.ଗୋପି, ବ୍ରହ୍ମପୁରର ଆନ୍ଧ୍ର ମହିଳା ସମାଜମ୍ ସଭାନେତ୍ରୀ ମଣିଙ୍ଗି.କାମେଶ୍ୱରୀ, ପି.ଧର୍ମା ରାଓଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତିବିଶେଷ ସ୍ୱର୍ଗତ ରାମୋଜି ରାଓଙ୍କ କାର୍ଯ୍ୟକୁ ନେଇ ସ୍ମୃତିଚାରଣ କରିଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଡା ଇ.ଜୟନ୍ତି ରାଓ, ଏମ୍.ଭେଙ୍କେଟ ରମାଣା, ଟି.ଓ୍ୱାସୁଦେବ ରାଓ, ଏସ୍.ଶ୍ରୀନିବାସ ରାଓ, ଡା. ଜମୁଲା ନାରାୟଣ ରାଓ, ଜମୁଲା ଶୈଳଜା, ସି.ଏଚ୍.ଚକ୍ରଧର, ଏ. ଲକ୍ଷ୍ମୀ ନାରାୟଣ, ଭି. ଏସ୍. ଜାନକୀ, ଭି.ଭଙ୍କେଟ ରାଓ, କେ.ସୁରେଶ କୁମାର, ବି.ବୀରବ୍ରହ୍ମ ଆଚରୀ, ଆର୍.ଶଙ୍କର ରାଓ ଆଚରୀ, ବି.ଏଚ୍. ବାଲକ୍ରିଷ୍ଣା ଶର୍ମା, କେ. କେଦାରନାଥ, ଏ . ଶିବପ୍ରସାଦ ରାଓ, ପୂର୍ବତନ କର୍ପୋରେଟର ବଦ୍ରି ନାରାୟଣ ନାୟକ, ଟି.ବାସୁଦେବ ରାଓ, ଗଣମାଧ୍ୟମ ବ୍ୟକ୍ତିବିଶେଷ ପ୍ରଦୀପ୍ତ ପରିଚ୍ଛା, ଆର୍ଶୀବାଦ ରାଉତ, ସ୍ୱାଧିନ କୁମାର ସାହୁ, ଏ.ନାଗରାଜୁ, ଶ୍ରୀନିବାସ ରାଜାନା, ରମେଶ ରାଜାନା, ଗୌରୀ ଶଙ୍କର ମିଶ୍ର, ଗୋପାଳ ରେଡି, ମୃତ୍ୟୁଞ୍ଜୟ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।



# ସରକାରଙ୍କ ବିକାଶମୂଳକ କାର୍ଯ୍ୟ ଲୋକଙ୍କ ପାଖରେ ପହଞ୍ଚାଅ : ମୁଖ୍ୟମନ୍ତ୍ରୀ



**ଭୁବନେଶ୍ୱର :** ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ରାଜ୍ୟ ଅତିଥି ଭବନ ଠାରେ ସୂଚନା ଓ ଲୋକସଂପର୍କ ବିଭାଗର ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂ, ନିର୍ଦ୍ଦେଶକ ସରୋଜ କୁମାର ସାମଲ ଏବଂ ବିଭାଗ ର ଅନ୍ୟ ବରିଷ୍ଠ ଅଧିକାରୀମାନେ ଭେଟି ବିଭାଗୟ କାର୍ଯ୍ୟାବଳୀ ବିଷୟରେ ସୂଚନା ପ୍ରଦାନ କରିଥିଲେ। ଆଲୋଚନାରେ ବିଭାଗରେ ଖାଲି ପଡ଼ିଥିବା ବିଭିନ୍ନ ପଦବୀ ପୂରଣ ସମେତ ସାମ୍ବାଦିକଙ୍କ କଲ୍ୟାଣ ପାଇଁ ନିଆଯାଉଥିବା ପଦକ୍ଷେପ, ବଜେଟ ବ୍ୟବସ୍ଥା, ଜିଲ୍ଲା ସ୍ତରୀୟ କାର୍ଯ୍ୟାଳୟକୁ ଅଧିକ ସୁଦୃଢ଼ କରିବା, ସାମାଜିକ ଗଣମାଧ୍ୟମ, ତଥା ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ବିଷୟ ଗୁଡ଼ିକ ଉପରେ ଆଲୋଚନା ହୋଇଥିଲା। ଲୋକଙ୍କ ସରକାର ଓ ଲୋକଙ୍କ ମୁଖ୍ୟମନ୍ତ୍ରୀ ଭାବେ ପ୍ରତିପାଦିତ ହୋଇଥିବା ନୂଆ ସରକାରରେ ସରକାରଙ୍କ ବିଭିନ୍ନ ବିକାଶ ମୂଳକ କାର୍ଯ୍ୟକ୍ରମ ଓ କଲ୍ୟାଣକାରୀ ଯୋଜନା ଗୁଡିକ ସଠିକ୍ ଭାବେ ଲୋକଙ୍କ ପାଖରେ ପହଞ୍ଚାଇବାକୁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଗୁରୁତ୍ୱ ଦେବାସହ ବୃତ୍ତିଗତ ଦକ୍ଷତା ବୃଦ୍ଧି କରିବା ପାଇଁ ସେ ବିଭାଗୀୟ ଅଧିକାରୀ ମାନଙ୍କୁ ପରାମର୍ଶ ଦେଇଥିଲେ। ଖାଲି ପଡ଼ିଥିବା ପଦବୀ ଗୁଡ଼ିକ ଶୀଘ୍ର ପୂରଣ କରିବା ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଆରୋପ କରିଥିଲେ। ବୈଠକରେ ନିର୍ଦ୍ଦେଶକ (ବୈଷୟିକ) ସୁରେନ୍ଦ୍ର ନାଥ ପରିଡ଼ା, ଅତିରିକ୍ତ ନିର୍ଦ୍ଦେଶକ ସନ୍ତୋଷ କୁମାର ଦାସ, ଯୁଗ୍ମ ନିର୍ଦ୍ଦେଶକ ଗୁରବିର ସିଂ, ଅର୍ଥ ପରାମର୍ଶ ଦାତା ଏବଂ ଅନ୍ୟ ବରିଷ୍ଠ ଅଧିକାରୀ ମାନେ ଉପସ୍ଥିତ ଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ବେଞ୍ଚମାର୍କ ...

ପ୍ଲଟକୁ ୧୦୦ ଫୁଟ ଓସାରର ରାସ୍ତା କରାଯାଇଛି। ପ୍ଲଟ୍ ମଝିରେ ଥିବା ବଡ ବଡ ବିଦ୍ୟୁତ୍ ଟାୱାରକୁ ମଧ୍ୟ ସ୍ଥାନାନ୍ତର କରାଯାଇଛି। ଯାହାକି ସରକାରୀ ତହବିଲରୁ ଖର୍ଚ୍ଚ ହୋଇଛି। ଉକ୍ତ ଜମିର କିସମ ପ୍ରଥମେ 'ଛୋଟ ଜଙ୍ଗଲ' ଥିବା ବେଳେ ପରେ ତାହା ପରିବର୍ତ୍ତନ ହୋଇ 'ଶାରଦ-ଦୁଇ' ଏବଂ ପରେ 'ଘରବାଡ଼ି' ଜମିରେ ରୂପାନ୍ତରିତ ହୋଇଥିବା କୁହାଯାଉଛି। ଲୋକଙ୍କ କଥା ସତ କି ମିଛ ତାହା ତଦନ୍ତ ହେବା ଦରକାର। ଏବେ ଉକ୍ତ ଜମିରେ ୧୯,୮୦୦ ବର୍ଗ ଫୁଟର ନିର୍ମାଣ କାର୍ଯ୍ୟ ଚାଲିଛି। ଦଖଲ ସ୍ୱତ୍ୱ ଶୂନ୍ୟ ଜମି ପରେ କିପରି ସ୍ଥିତିବାନ ହେଲା ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ପ୍ରାଶାସନିକ ସେବା ଆଇନର ଖୋଲା ଉଲ୍ଲଙ୍ଘନ କରି ରାଜଧାନୀରେ ଏଭଳି ଦୁଇଟି ଜମି କିଣାଯିବାକୁ ନେଇ ସ୍ଥାନୀୟ ଅଞ୍ଚଳରେ ସନ୍ଦେହ ପ୍ରକାଶ ପାଇଛି। ତଥ୍ୟ ଅନୁସାରେ ଖୋର୍ଦ୍ଧା ଜିଲ୍ଲା ଭୁବନେଶ୍ୱର ତହସିଲ ଅନ୍ତର୍ଗତ ଚନ୍ଦକା ଅଞ୍ଚଳର ଭଗବତୀପୁର ମୌଜାରେ ପ୍ରଥମ ୪.୦ ଏକର ପ୍ଲଟଟିକୁ ସମ୍ପୃକ୍ତ ଆଇଏଏସ୍ ଅଧିକାରୀ ୨୦୨୨ରେ ନିଜ ପତ୍ନୀଙ୍କ ନାମରେ କିଣିଛନ୍ତି। ଏହାର ଖାତା ନଂ -୫୮୪/୧ ଥିବାବେଳେ ପ୍ଲଟ ନଂ – ୩୩୯/୯୭୬/୧୧୨୨। ସେହିପରି ଦ୍ୱିତୀୟ ପ୍ଲଟଟି ମଧ୍ୟ ୨୦୨୨ରେ ଖୋର୍ଦ୍ଧା ଜିଲ୍ଲା ଭୁବନେଶ୍ୱର ତହସିଲ ଅନ୍ତର୍ଗତ ଚନ୍ଦକା ଅଞ୍ଚଳର ଭଗବତୀପୁର ମୌଜାରେ କିଣା ଯାଇଛି। ଜମିର ପରିମାଣ ୦.୫୫ ଏକର। ଏହାର ଖାତା ନଂ ୫୭୪ ଓ ପ୍ଲଟ ନଂ ୩୩୯/୯୭୬/୨୬୧୯ ବୋଲି ଜଣାପଡ଼ିଛି। ତେବେ ଦୁଇ ପର୍ଯ୍ୟାୟରେ କିଣା ଯାଇଥିବା ୪.୫୫ ଏକର ଜମିର ଠିକଣା କାଗଜପତ୍ରରେ ସରକାରୀ କ୍ୱାର୍ଟରର ଠିକଣା ରହିଛି। ବିଶେଷ ସୂତ୍ରରୁ ଜଣାପଡ଼ିଛି ଯେ, ସମ୍ପୃକ୍ତ ଜମି କେଳେଙ୍କାରୀ ଅଧିକାରୀ ଏବେ ନିଜ ଚାକିରୀର ଅବଧି ବୃଦ୍ଧି ପାଇଁ ବ୍ୟସ୍ତ ରହିଥିବା ନେଇ ଚର୍ଚ୍ଚା ହେଉଛି।

### ଚର୍ଚ୍ଚାରେ ...

ବ୍ୟୟବହୁଳ ସୁଗମ୍ୟ ଆପାର୍ଟମେଣ୍ଟ ନିର୍ମାଣ ଚାଲିଛି। ଯାହା ଆଲୋଚନା ହେଉଛି ତାହା ହେଉଛି ଉକ୍ତ ପ୍ରୋଜେକ୍ଟ ରାଜ୍ୟର ସବୁଠାରୁ ବଡ ହାଉସିଂ ପ୍ରୋଜେକ୍ଟ। ଏଠାରେ ଯାବତୀୟ ଅତ୍ୟାଧୁନିକ ଓ ବିଶ୍ୱସ୍ତରୀୟ ସୁବିଧା ରହିଛି। ତେବେ ପ୍ରଶ୍ନ ଉଠୁଛି ଏତେ କମ ଦିନରେ ଏତେ ଅଧିକ ଟଙ୍କାର ମାଲିକ କିପରି ହେଲେ ରଥେ। ସୂତ୍ର ଅନୁସାରେ ରଥେଙ୍କ ସଂସ୍ଥାରେ ପାଣ୍ଡିଆନଙ୍କ ବିପୁଳ କଳାଟଙ୍କା ବିନିଯୋଗ ହୋଇଛି। ଯେହେତୁ ନବୀନ ପଟ୍ଟନାୟକଙ୍କ ସରକାରରେ ପାଣ୍ଡିଆନ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପଦବୀରେ ରହିଥିଲେ। ସେ ସରକାର ଚଳାଇବା ସହିତ ବିଜେଡିର ଦଳୀୟ ମାମଲା ମଧ୍ୟ ପରିଚାଳନା କରୁଥିଲେ। ତେଣୁ ରଥେ ପାଣ୍ଡିଆନ ବାବୁଙ୍କ କଳାଟଙ୍କାରେ ରାତାରାତି କୋଟିପତି ବୋଲି ଚାରିଆଡେ ହୁରି ପଡିଛି। ଘଟଣାର ସତ୍ୟାସତ୍ୟ ଅନୁସନ୍ଧାନ ହେଲେ ଜଣାପଡିବ। ଆଗାମୀ ଦିନରେ ସବିଶେଷ ତଥ୍ୟ ପ୍ରକାଶ କରାଯିବ।

### କର୍ପସ ଫଣ୍ଡ ...

ଦେଖିବାକୁ ଗଲେ ଚୋର ପୋଲିସ ହେଲେ ଲୋକଙ୍କୁ ନ୍ୟାୟ ମିଳିବା କଣ ସମ୍ଭବ? ଚିଟଫଣ୍ଡର ପୃଷ୍ଠପୋଷକ ଥିଲା ବିଜେଡି। ତେଣୁ ଚିଟଫଣ୍ଡ ଫାଇଲ୍ ଖୋଲିଥାନ୍ତା କେମିତି? ଚିଟଫଣ୍ଡ କାରବାରରେ ସେତେବେଳର ବିଜେଡି ବିଧାୟକ ପ୍ରଭାତ ତ୍ରିପାଠୀ, ପ୍ରଭାତ ବିଶ୍ୱାଳ, ତତ୍କାଳୀନ ବିଜେଡି ସାଂସଦ ରାମଚନ୍ଦ୍ର ହାଂସଦା ପ୍ରମୁଖ ଗିରଫ ହୋଇଥିଲେ। ତତ୍କାଳୀନ ସାଂସଦ ରବୀନ୍ଦ୍ର ଜେନା ଓ ବିଧାୟକ ପ୍ରଣବ ବଳବନ୍ତରାୟଙ୍କୁ ଡାକି ଜେରା କରିଥିଲା। ସେଥିପାଇଁ ବୋଧେ ବିଜେଡିର ଚିଟଫଣ୍ଡ ପାଣ୍ଡୋରା ବକ୍ସ ଖୋଲିଯିବା ଭୟରେ ଚୁପ୍ ଥିଲା ବିଜେଡି। ଏହା ନ ହୋଇଥିଲେ ୨୦୧୩ ଜୁଲାଇ ୧୩ରେ ଯେଉଁ ୩ ଶହ କୋଟିର କର୍ପସ ଫଣ୍ଡ ଗଠିତ ହୋଇଥିଲା, ତାର ସ୍ଥିତି କଣ ସେନେଇ ବି ଗତ ସରକାର ମୁହଁ ଖୋଲି ନ ଥିଲେ କାହିଁକି? ପ୍ରଥମେ ଜୁଲାଇ ୯, ୨୦୧୩ରେ ଜଷ୍ଟିସ ଆର.କେ. ପାତ୍ର କମିଶନ ଓ ପରେ ଫେବୃଆରୀ ୫, ୨୦୧୫ରେ ଜଷ୍ଟିସ ଏମଏମ ଦାସଙ୍କ କମିଶନ ରିପୋର୍ଟ କୁଆଡ଼େ ଗଲା? କଣ ଆକ୍ସନ ହେଲା ସେକଥା ବି କାହାକୁ ଜଣା ନାହିଁ। କମିଶନଙ୍କ ପାଖକୁ ଦୁଇଟି ପର୍ଯ୍ୟାୟରେ ଆସିଥିଲା ୧୭ ଲକ୍ଷ ଆବେଦନ। ତେଣୁ ହା ହତାଶରେ ଥିବା ଆବେଦନକାରୀଙ୍କୁ ମନରେ ଆଶା ଜାଗିଛି। ସେପଟେ ନିର୍ବାଚନ ପ୍ରଚାର ବେଳେ ଚିଟଫଣ୍ଡ୍ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଥିଲେ ପ୍ରଧାନମନ୍ତ୍ରୀ ଓ ଗୃହମନ୍ତ୍ରୀ। ୨୦୧୪ ନିର୍ବାଚନ ବେଳେ ଚିଟଫଣ୍ଡ କ୍ଷତିଗ୍ରସ୍ତଙ୍କୁ ଟଙ୍କା ଫେରାଇବା ପାଇଁ ପ୍ରତିଶ୍ରୁତି ଦେଇଥିଲା ବିଜେଡି। କିନ୍ତୁ ଦଶ ବର୍ଷ ପରେ ଏବେ ବି ଚିନ୍ତାରେ କ୍ଷତିଗ୍ରସ୍ତ। ତେଣୁ ପ୍ରତିଶ୍ରୁତି ଅନୁସାରେ ବିଜେପିର ଆକ୍ସନ ସେମାନଙ୍କ ମଧ୍ୟରେ ନୂଆ ଏକ ଆଶା ସଞ୍ଚାର କରିଛି।

### ଓଡିଶାରେ ...

ଅଧିକାଂଶ ଶିଶୁଙ୍କ ବୟସ ୫ବର୍ଷରୁ ଅଧିକ। ସେମାନଙ୍କ ମଧ୍ୟରୁ ଜଣେ ଶିଶୁର ବୟସ ୧୧ବର୍ଷ ଥିବା ବେଳେ ଓଜନ ମାତ୍ର ୧୫ କେଜି ରହିଛି। ତେଣୁ ଟିକା ନେଲେ ମଧ୍ୟ ଅପପୃଷ୍ଟିର ଶିକାର ଥିବା ଶିଶୁଙ୍କ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ହେଉନାହିଁ। ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଇଁ ପ୍ରୋଟିନର ଆବଶ୍ୟକତା ରହିଛି। ଆଉ ତଥ୍ୟ କହୁଛି ଓଡିଶାରେ ୧୯ ପ୍ରତିଶତ ଛୁଆ କମ ଓଜନର ଜନ୍ମ ହେଉଛନ୍ତି। ୩୧ ପ୍ରତିଶତ ଛୁଆ ପୃଷ୍ଟି ହୀନତାର ଶିକାର, ୬୪ ପ୍ରତିଶତ ଶିଶୁ ରକ୍ତହୀନତାର ଶିକାର ହେଉଛନ୍ତି ସେହିଭଳି ୬୧.୮ ପ୍ରତିଶତ ଗର୍ଭବତୀ ମହିଳା ରକ୍ତହୀନତାର ଶିକାର ହେଉଛନ୍ତି। ତେଣୁ ତଥ୍ୟ ଅନୁସାରେ ଛୋଟ ପିଲାଙ୍କ ନିକଟରେ ଇମ୍ୟୁନିଟି ବା ରୋଗ ପ୍ରତିରୋଧକ ଶକ୍ତି ଜରୁରୀ। ପୂର୍ବରୁ ମଧ୍ୟ ମାଲକାନଗିରିରେ ଜାପାନିଜ ଏନସେଫାଲାଇଟିସରେ ସଂକ୍ରମିତ ହୋଇ ଶିଶୁ ପ୍ରାଣ ହରାଇଥିଲେ। ମାଲକାନଗିରିର ୧୮୭ ଗାଁରେ ବ୍ୟାପିଥିଲା ଜାପାନିଜ ଏନସେଫାଲାଇଟିସ। ୨୦୧୬ ମସିହାରେ ସମୁଦାୟ ୫୭୯ ଜଣ ଶିଶୁ ମେଡିକାଲରେ ଭର୍ତ୍ତି ହୋଇଥିଲେ। ସେଥିମଧ୍ୟରୁ ୧୭୫ଜଣ ଜାପାନିଜ ଏନସେଫାଲାଇଟିଜରେ ଆକ୍ରାନ୍ତ ହୋଇଥିଲେ। ୧୦୩ଜଣ ଶିଶୁଙ୍କ ମୃତ୍ୟୁ ହୋଇଥିଲା। ସମୁଦାୟ ୩୩୬ ଜଣ ଆକ୍ରାନ୍ତ ହୋଇଥିଲେ। ସେମାନଙ୍କୁ ଯେତେବେଳେ ଆଣ୍ଟିବାୟୋଟିକ୍ ଦିଆଯାଥିଲା ସେମାନଙ୍କ ଶରୀରରେ ଏହା କାମ କରିନଥିଲା। କାରଣ ଷ୍ଟ୍ରଙ୍ଗ ମେଡିସିନ କାମ କରିବା ପାଇଁ ଆମ ଶରୀରରେ ଇମ୍ୟୁନିଟି ଥିବା ନିହାତି ଜରୁରୀ। ଅପପୃଷ୍ଟି ନରରକୁ ଆସିବା ପରେ ସମ୍ପୃକ୍ତ ଜିଲ୍ଲା ଗୁଡିକରେ ପୁଷ୍ଟିକର ଖାଦ୍ୟ ପ୍ରଦାନ କରିବା ନେଇ ରାଜ୍ୟ ସରକାର ବିଚାର କରୁଛନ୍ତି। ଖୁବଶୀଘ୍ର ଏହାକୁ କାର୍ଯ୍ୟକାରୀ କରାଯିବା ନେଇ ନିଷ୍ପତି ହୋଇପାରେ। ବର୍ତ୍ତମାନ ସୁଦ୍ଧା ୬ଜଣ ଶିଶୁ ଡିପଥେରିଆରେ ସଂକ୍ରମଣ ହୋଇ ମୃତ୍ୟୁବରଣ କରିଛନ୍ତି। ପୂର୍ବରୁ ମାଲକାନଗିରିରେ ଜାପାନିଜ ଏନସେଫାଲାଇଟିସରେ ସଂକ୍ରମିତ ହୋଇ ଶିଶୁ ପ୍ରାଣ ହରାଇଥିଲେ। ମାଲକାନଗିରିର ୧୮୭ ଗାଁରେ ବ୍ୟାପିଥିଲା ଜାପାନିଜ ଏନସେଫାଲାଇଟିସ। ୨୦୧୬ ମସିହାରେ ସମୁଦାୟ ୫୭୯ ଜଣ ଶିଶୁ ମେଡିକାଲରେ ଭର୍ତ୍ତି ହୋଇଥିଲେ। ସେଥିମଧ୍ୟରୁ ୧୭୫ଜଣ ଜାପାନିଜ ଏନସେଫାଲାଇଟିଜରେ ଆକ୍ରାନ୍ତ ହୋଇଥିଲେ। ୧୦୩ଜଣ ଶିଶୁଙ୍କ ମୃତ୍ୟୁ ହୋଇଥିଲା। ସମୁଦାୟ ୩୩୬ଜଣ ଆକ୍ରାନ୍ତ ହୋଇଥିଲେ।

### ସୁରୁଖୁରୁରେ ...

ରଥଯାତ୍ରା ମହାପ୍ରଭୁଙ୍କ ଆଶିର୍ବାଦ ଓ ଆପଣ ମାନଙ୍କ ସହଯୋଗରେ ନିଶ୍ଚିତ ରୂପେ ସୁରୁଖୁରୁରେ ସମ୍ପନ୍ନ ହେବ ବୋଲି ସେ ଆଶା ପ୍ରକାଶ କରିଥିଲେ। ଛତିଶା ନିଯୋଗ ର ସଦସ୍ୟ ମାନେ ପୂର୍ଣ୍ଣ ସହଯୋଗ କରିବେ ବୋଲି ପ୍ରତିଶ୍ରୁତି ଦେଇ କହିଲେ ଯେ, ଆମ ସେବକ ମାନଙ୍କ ପ୍ରତି ନୂଆ ସରକାରଙ୍କ ଆତ୍ମୀୟତା ଭାବ ଯୋଗୁ ଆମେ ବହୁତ୍ ଖୁସି ଓ ଆନନ୍ଦିତ। ଶ୍ରୀମନ୍ଦିର ପାଇଁ ୫୦୦ କୋଟି ଟଙ୍କାର କର୍ପସ ଫଣ୍ଡ ବ୍ୟବସ୍ଥା କରିଥିବାରୁ ସେମାନେ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଥିଲେ। ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ମଧ୍ୟ ରଥଯାତ୍ରା ସୁରୁଖୁରୁରେ ସମ୍ପନ୍ନ କରିବା ପାଇଁ ସଦସ୍ୟ ମାନଙ୍କୁ ନିବେଦନ କରିଥିଲେ। ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା ସେବାୟତ ମାନଙ୍କୁ ବୈଠକକୁ ସ୍ୱାଗତ କରିଥିଲେ।

### ଭୁବନେଶ୍ୱରରେ ...

ଟେକ୍ନୋଲୋଜି ଯୋଗାଇ ଦେବେ। ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍ତି, ଚାଷୀଙ୍କଠାରୁ ଧାନ କୁଇଣ୍ଟାଲ ୩୧ଶହ ଟଙ୍କାରେ କିଣାଯିବ। ନିର୍ବାଚନୀ ଇସ୍ତାହାରରେ କହିଛୁ, ଏଇ ଖରିଫ୍ ଋତୁରୁ ଚାଷୀଙ୍କୁ ୩୧ ଶହ ଟଙ୍କା ଦେବୁ। କାଲି କେନ୍ଦ୍ର ସରକାର ଧାନ କ୍ୱିଣ୍ଟାଲ ପ୍ରତି ୨୩ଶହ କଲା ପରେ ଆମକୁ ସୁବିଧା ହୋଇଛି। ଆମକୁ ୯୧୭ ଟଙ୍କା ଅଧିକ ଦେବାକୁ ପଡ଼ିଥା'ନ୍ତା। ଏବେ ୮୦୦ ଟଙ୍କା ପଡ଼ିବ। ଚାଷୀ ଧାନ ଦେବାର ୪୮ ଘଣ୍ଟା ମଧ୍ୟରେ ପ୍ରାପ୍ୟ ପାଇଯିବେ। କୌଣସି କଟ୍‌ନୀଛଟ୍‌ନୀ କରାଯିବନି। କଟ୍‌ନୀଛଟ୍‌ନୀ କଲେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। କୃଷକମାନେ କିପରି ଧାନ କୁଇଣ୍ଟାଲ ପିଛି ୩୧ଶହ ଟଙ୍କା ପାଇବେ, ଏବେ ଆମେ ସେହି କାର୍ଯ୍ୟରେ ଲାଗିଛୁ। ଏଇ ଖରିଫ ଋତୁରେ ଆମେ ପଇସା ଦେବା ଆରମ୍ଭ କରିବୁ। କୌଣସି ମିଲର ଚାଷୀଙ୍କୁ ହଇରାଣ କରିପାରିବେ ନାହିଁ। ଚାଷୀଙ୍କୁ ହଇରାଣ କଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ। ଚାଷୀମାନେ ଦିନ ଦିନ ଧରି ମଣ୍ଡି ଆଗରେ ଧାନ ରଖି ବସିବେ ନାହିଁ। ସେମାନଙ୍କଠାରୁ ତୁରନ୍ତ ଧାନ ସଂଗ୍ରହ କରାଯିବ ବୋଲି କହିଛନ୍ତି ଖାଦ୍ୟ ଯୋଗାଣ ମନ୍ତ୍ରୀ ଶ୍ରୀ ପାତ୍ର। ରାଜ୍ୟରେ ପ୍ରାୟ ୫୦ ଲକ୍ଷ ଫଲ୍ସ ରାସନ କାର୍ଡ ହିତାଧିକାରୀ ଅଛନ୍ତି ବୋଲି ଖାଦ୍ୟ ଯୋଗାଣ ମନ୍ତ୍ରୀ କହିଛନ୍ତି। ସେ କହିଛନ୍ତି, ବିଭାଗୀୟ ଅଧିକାରୀମାନଙ୍କ ସହିତ ସମୀକ୍ଷା କଲା ବେଳେ ଏ କଥା ସାମ୍ନାକୁ ଆସିଛି। କେଉଁଠି ହିତାଧିକାରୀଙ୍କ ମୃତ୍ୟୁ ଘଟିଛି ଓ କେଉଁଠି ନାହାନ୍ତି। ସେସବୁକୁ ଚିହ୍ନଟ କରାଯିବ ଓ ରାସନ କାର୍ଡ ପ୍ରତ୍ୟାହାର କରାଯିବ। ଫଲ୍ସ କାର୍ଡ ପ୍ରତ୍ୟାହାର କରାଯାଇ ନୂଆ ହିତାଧିକାରୀଙ୍କୁ ସାମିଲ କରାଯିବ।

### ମୁଖ୍ୟମନ୍ତ୍ରୀରୁ ...

ଏନେଇ ନିଜେ ଘୋଷଣା କରିଥିଲେ ନବୀନ। ନବୀନ ବିରୋଧୀ ଦଳ ନେତା ହେବା ପରେ ବିରୋଧୀ ଦଳର ଉପନେତା ଭାବେ ନିର୍ବାଚିତ ହୋଇଛନ୍ତି ପ୍ରସନ୍ନ ଆଚାର୍ଯ୍ୟ। ବିଜେଡି ବିଧାୟକ ଦଳ ବୈଠକରେ ଏନେଇ ନିଆଯାଇଛି ନିଷ୍ପତ୍ତି। ସେହିପରି ପ୍ରମିଳା ମଲ୍ଲିକ ବିରୋଧୀ ଦଳ ମୁଖ୍ୟ ସଚେତକ ଭାବେ ନିର୍ବାଚିତ ହୋଇଥିବା ବେଳେ ପ୍ରତାପ ଦେବ ବିରୋଧୀ ଦଳ ଉପମୁଖ୍ୟ ସଚେତକ ଭାବେ ମଧ୍ୟ ନିର୍ବାଚିତ ହୋଇଛନ୍ତି। ତେବେ ବିରୋଧୀ ଦଳ ନେତା ଭାବେ ନିର୍ବାଚିତ ହେବା ପରେ ନବୀନଙ୍କ ସାମ୍ନାରେ ଅନେକ ଆହ୍ୱାନ ଆସି ପହଞ୍ଚିଛି। ପ୍ରଶ୍ନ ଉଠୁଛି, ବିଧାନସଭାରେ ନବୀନ ବିରୋଧୀ ଦଳ ନେତା ହେଲେ କେତେ ପ୍ରଭାବୀ ରହିବେ? କାରଣ ନିଜେ ମୁଖ୍ୟମନ୍ତ୍ରୀ ଥିବା ବେଳେ ଖୁବ୍ କମ୍ ବିଧାନସଭା ଆସୁଥିଲେ ନବୀନ। ଏଣୁ ଦଳ ଅନ୍ୟଜଣେ ଉପନେତାଙ୍କୁ ନିର୍ବାଚିତ କରିଥିବା ଆଲୋଚନା ହେଉଛି। ତେବେ ବିଧାନସଭାରେ ଷଷ୍ଠଥର ଲାଗି ହିଞ୍ଜିଳି ବିଧାୟକ ଭାବେ ଶପଥ ନେଇଥିଲେ ନବୀନ। ଶପଥ ପାଠ ପରେ ଗୃହ ଭିତରେ କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗଙ୍କ ସହ ସାମ୍ନାସାମ୍ନି ହୋଇଥିଲେ ନବୀନ। କଣ୍ଟାବାଜି ଆସନରେ ନବୀନଙ୍କୁ ମାତ୍ ଦେଇଥିଲେ ଲକ୍ଷ୍ମଣ। ଉଭୟେ ପରସ୍ପରକୁ ନମସ୍କାର ହେବା ପରେ ଲକ୍ଷ୍ମଣ ନିଜ ପରିଚୟ ଦେଇଥିଲେ। ଆଉ ପରିଚୟ ପାଇ ଲକ୍ଷ୍ମଣଙ୍କୁ ଶୁଭେଚ୍ଛା ଜଣାଇବା ସହ ନବୀନ ହସି ହସି କହିଥିଲେ 'ଓଃ ଆପଣ ତା ହେଲେ ମୋତେ ହରାଇଛନ୍ତି'।

### କେବେ ଖୋଲିବ ...

ରାଜ୍ୟ ସରକାରଙ୍କୁ ନିଶାନା କରିଛନ୍ତି। ଆଇନମନ୍ତ୍ରୀ କହିଥିଲେ, ରତ୍ନଭଣ୍ଡାର ଖୋଲିବା ନିଷ୍ପତ୍ତି ନେଇ ରାଜ୍ୟ ସରକାର ପ୍ରକ୍ରିୟା ଚଳାଇଛନ୍ତି। ସରକାରଙ୍କ ନିଷ୍ପତ୍ତି ପରେ ଯାଇ ଏ ସମ୍ପର୍କରେ ସ୍ପଷ୍ଟତା ଆସିବ। ୧୯୭୮ ମସିହା ପରଠୁ ଆଉ ମହାପ୍ରଭୁଙ୍କ ରତ୍ନଭଣ୍ଡାର ଖୋଲାଯାଇନି। ଯାହାକୁ ନେଇ ଢେର ତମ୍ବି ତୋଫାନ୍ ଚାଲିଛି। ଏମିତିକି ବିଜେଡି ସରକାର ଅମଳରେ ଜଷ୍ଟିସ୍ ଅରିଜିତ୍ ପଶାୟତଙ୍କ ନେତୃତ୍ୱରେ ଏକ ୧୨ ଜଣିଆ ରତ୍ନଭଣ୍ଡାର ଅଳଙ୍କାର ତଦାରଖ କମିଟି ମଧ୍ୟ ଗଢ଼ା ଯାଇଛି। ଯାହାର ଦୁଇ ଥର ବୈଠକ ସରିଛି। ଯା ଭିତରେ ଶ୍ରୀମନ୍ଦିର ଚାରି ଦ୍ୱାର ଓ ରତ୍ନଭଣ୍ଡାରକୁ ନିର୍ବାଚନୀ ଏଜେଣ୍ଡାରେ ରଖି ବିଜେପି ରାଜ୍ୟରେ କ୍ଷମତାକୁ ଆସିଥିବା ବେଳେ, କେତେ ଶୀଘ୍ର ଖୋଲୁଛି ମହାପ୍ରଭୁଙ୍କ ଅଳଙ୍କାର ଭଣ୍ଡାର, ଏବେ ତାକୁ ଅପେକ୍ଷା।

### ନିର୍ଦ୍ଧାରିତ ...

ଏକ ଉଚ୍ଚସ୍ତରୀୟ ବୈଠକରେ ସମୀକ୍ଷା କରି କହିଛନ୍ତି ଯେ ରାଜ୍ୟର ରାଜଧାନୀ ଭୁବନେଶ୍ୱରକୁ ଆନ୍ତର୍ଜାତିକ ସହର ଭାବେ ବିକଶିତ କରିବାକୁ ସବୁପ୍ରକାରର ପ୍ରୟାସ କରାଯିବ। ଏହି ଦୃଷ୍ଟିରୁ ମେଟ୍ରୋ ଟ୍ରେନ ପ୍ରକଳ୍ପର ଗୁରୁତ୍ୱ ରହିଛି ଓ ତାହା ପୂର୍ବ ନିର୍ଦ୍ଧାରିତ ସମୟସୀମା ଅନୁସାରେ ଶେଷ ହେବ। ରାଜ୍ୟର ସବୁ ସହରାଞ୍ଚଳର ବିକାଶ ଉପରେ ଗୁରୁତ୍ୱ ଦେଇ ସେ କହିଛନ୍ତି ଯେ, ଏନଏସି-ମ୍ୟୁନିସପାଲଟି ଓ ମହାନଗର ନିଗମଗୁଡ଼ିକ ଅଧିକ ସକ୍ରିୟ ହେବାର ଆବଶ୍ୟକତା ରହିଛି। ଏଥିପାଇଁ ଆବଶ୍ୟକ ଭିତ୍ତିଭୂମି ଓ ଆଧୁନିକ ସୁବିଧାସୁଯୋଗ ଉପରେ ଗୁରୁତ୍ୱ ଦେବାକୁ ସେ ବିଭାଗୀୟ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି। ସହରାଞ୍ଚଳରେ ମନୁଷ୍ୟକୃତ ବନ୍ୟାକୁ ରୋକିବା ପାଇଁ ଆବଶ୍ୟକ ପଦକ୍ଷେପ ନେବା ଏବଂ ଭୁବନେଶ୍ୱରରେ ଡ୍ରେନେଜ୍ ବ୍ୟବସ୍ଥାକୁ ସୁବ୍ୟବସ୍ଥିତ କରିବା ସହ ବିକାଶମୂଳକ କାର୍ଯ୍ୟ କରିବାବେଳେ ଲୋକଙ୍କ କଲ୍ୟାଣ ଉପରେ ଦୃଷ୍ଟି ଦେବାକୁ ମନ୍ତ୍ରୀ ଶ୍ରୀ ମହାପାତ୍ର କହିଛନ୍ତି। ମନ୍ତ୍ରୀଙ୍କ ନିର୍ଦ୍ଦେଶ ଆଧାରରେ ସହରାଞ୍ଚଳରେ ବର୍ଷାଜଳ ଓ ବନ୍ୟାଜଳ ପରିଚାଳନା ପାଇଁ ଗାଇଡଲାଇନ୍ ଜାରି ହୋଇଛି। ସବୁ ପୌର ସଂସ୍ଥାକୁ ଏହି ଗାଇଡଲାଇନ ଅନୁପାଳନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହି ବୈଠକରେ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ଜି.ମାଥିଭାଥାନନଙ୍କ ସମେତ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

### କେମିତି ହେବ ...

ନଦୀ ନୀତି ଆଣିବାକୁ ଦାବି କରାଯିବ ବୋଲି କହିଛନ୍ତି ମହାନଦୀ ବଞ୍ଚାଓ ଆନ୍ଦୋଳନର ମୁଖପାତ୍ର ପ୍ରସନ୍ନ ବିଶୋୟୀ। ଓଡ଼ିଶାରେ ବିଜେପି ସରକାର ଆସିବା ପରେ ମହାନଦୀ ପ୍ରସଙ୍ଗକୁ ନେଇ ରାଜନୈତିକ ଆରୋପ ପ୍ରତ୍ୟାରୋପ ମଧ୍ୟ ଆରମ୍ଭ ହୋଇଛି। ସେପଟେ ଓଡିଶା ତଥା ପରିବେଶ ସୁରକ୍ଷା ପାଇଁ ବହୁ ଗୁରୁତ୍ୱ ରଖୁଥିବା ମହାନଦୀ ପ୍ରସଙ୍ଗର ସ୍ଥାୟୀ ସମାଧାନ ପାଇଁ ନାଗରିକ ସୁରକ୍ଷା ମଞ୍ଚ ଦାବି ରଖିଛି। ନଦୀ ନାହିଁ ତ ଜୀବନ ନାହିଁ ବୋଲି ମଞ୍ଚ ପକ୍ଷରୁ କୁହାଯିବା ସହ ସରକାର ଆତ୍ମୀୟତାର ସହ ଏହି ସମସ୍ୟାର ସମାଧାନ କରି ଓଡ଼ିଶାବାସୀଙ୍କୁ ନ୍ୟାୟ ଦେବାକୁ ଦାବି କରାଯାଇଛି। ସେପଟେ ସମୀକ୍ଷକଙ୍କ କହିବା କଥା ଏବେ ଏଭଳି ଏକ ସମୟ ଯେତେବେଳେ ମହାନଦୀ ପ୍ରସଙ୍ଗର ସମାଧାନ କରିବାକୁ ଥିବା ଓଡିଶା, ଛତିଶଗଡ଼ ଓ କେନ୍ଦ୍ରରେ ବିଜେପି ସରକାର ରହିଛି। ଏ ସମସ୍ୟାର ସମାଧାନ ରାଜନୈତିକ ସ୍ତରରେ ହିଁ ହେବ। ତେଣୁ କେନ୍ଦ୍ର ସରକାର ହସ୍ତକ୍ଷେପ କରି ଏହାର ସମାଧାନ କରିବା ଆବଶ୍ୟକ ବୋଲି ସମୀକ୍ଷକମାନେ କହିଛନ୍ତି। ବହୁ ବର୍ଷ ଧରି ମହାନଦୀ ଜଳ ବିବାଦ ପ୍ରସଙ୍ଗକୁ ନେଇ ଓଡ଼ିଶାରେ ଆନ୍ଦୋଳନ ହେଉଛି। କିନ୍ତୁ ଛତିଶଗଡ଼ ତାର ନିଜ ସ୍ୱାର୍ଥ ସାଧନ କରୁଥିବା ବେଳେ ଓଡିଶାକୁ ହକ ମିଳିପାରୁନାହିଁ। ର୍ତ୍ତମାନ ରାଜନୈତିକ ସ୍ଥିତି ବଦଳିଥିବାରୁ ଏହି ସମସ୍ୟାର ସମାଧାନ ନେଇ ଲୋକେ ଆଶାବାଦୀ ହୋଇପଡିଛନ୍ତି।

# ବିଭିନ୍ନ ଅନୁଷ୍ଠାନ ତରଫରୁ ବିଶ୍ୱ ଯୋଗ ଦିବସ ପାଳିତ



**ଲକ୍ଷ୍ମୀପୁର :** ଲକ୍ଷ୍ମୀପୁର ବ୍ଲକରେ ବିଭିନ୍ନ ଅନୁଷ୍ଠାନ ତରଫରୁ ଦଶତମ ବିଶ୍ୱ ଯୋଗ ଦିବସ ପାଳିତ ହୋଇଯାଇଛି। ଏହି କ୍ଷେତ୍ରରେ ସ୍ଥାନୀୟ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଠାରେ ମଧ୍ୟ ଯୋଗ ଦିବସ ପାଳନ ହୋଇଥିଲା। ଅଧକ୍ଷ ଗିରିଜା କୁମାର ଚୌଧୁରୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ଯୋଗ ଦିବସ ଶିବିରରେ ପ୍ରଶିକ୍ଷକ ଡ.ଦେବେଶ କୁମାର ବେହେରା ପ୍ରଥମେ ଯୋଗ କଣ? ଏହାର ଉପକାରିତା ତଥା ବିଭିନ୍ନ ପ୍ରକାର ଯୋଗାସନ ବିଷୟରେ ବିସ୍ତୃତ ବର୍ଣ୍ଣନା କରି ଉପସ୍ଥିତ ଛାତ୍ରଛାତ୍ରୀ, ତଥା ଅନ୍ୟ ମାନଙ୍କୁ ଯୋଗ ପ୍ରଶିକ୍ଷଣ ଦେଇ ଥିଲେ କ୍ଷଏହି ଯୋଗ ଶିବିରରେ ମହାବିଦ୍ୟାଳୟର ଯୁକ୍ତ ତିନି ଅଧକ୍ଷ ବିଜୁ ମୁଦୁଲିଙ୍କ ସମେତ ଛାତ୍ରଛାତ୍ରୀ, ଅଧାପକ, ଅଧାପିକା ଓ କର୍ମଚାରୀ ମାନେ ଅଂଶଗ୍ରହଣ କରି ଯୋଗ ଅଭ୍ୟାସ କରିଥିଲେ। ଅଧାପକ ଯଶୋବନ୍ତ ଗରଡ଼ା ଓ ଅଧାପକ ଦୁର୍ଯ୍ୟଧନ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏଥିସହ ଲକ୍ଷ୍ମୀପୁର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସର ମଧ୍ୟରେ ବିଶ୍ୱ ଯୋଗ ଦିବସ ପାଳନ କରାଯାଇଥିଲା। ଏଥିରେ ପ୍ରଧାନ ଆଚାର୍ଯ୍ୟ ସରୋଜ କୁମାର ପାଣିଗ୍ରାହୀ ଯୋଗ ଦେଇ ଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥଲେ। ଏଥିରେ ବିଦ୍ୟାମନ୍ଦିରର କୁନି କୁନି ଛାତ୍ର ଛାତ୍ରୀ, ସମସ୍ତ ଗୁରୁଜୀ ଗୁରୁମା, ଅଭିଭାବକ ଅଭିଭାବିକା ଓ ଶୁଭେଚ୍ଛୁ ବୃନ୍ଦ ଯୋଗ ପ୍ରଶିକ୍ଷଣରେ ଭାଗ ନେଇଥିଲେ।ଯୋଗ ପ୍ରଶିକ୍ଷକ ଭାବେ ଆଚାର୍ଯ୍ୟ ଗୋପୀନାଥ ମହାପାତ୍ର ଯୋଗ ଦେଇ ପ୍ରଥମେ ପ୍ରାର୍ଥନା ସହ ଯୋଗ ଆରମ୍ଭ କରିଥଲେ। ଯୋଗରେ ଚକ୍ରାସନ, ତ୍ରିକୋଣାସନ, ଉଦ୍ରାସନ,ବଜ୍ରାସନ, ଉଷ୍ଟ୍ରାସନ, ଗ୍ରୀବା ସଞ୍ଚାଳନ, ସ୍କନ୍ଧ ସଞ୍ଚାଳନ,ବଜ୍ରାସନ, ମକରାସନ, ଭୁଜଙ୍ଗାସନ, ଶଳଭାସନ, ଉତ୍ତନ ପାଦାସନ, ଅଣ୍ଟା ସଞ୍ଚାଳନ, ଆଣ୍ଠୁ ସଞ୍ଚାଳନ, ତାଡ଼ାସନ, ବୃକ୍ଷାସନ, ପାଦ ହସ୍ତାସନ, ଅର୍ଦ୍ଧ ଉତ୍ତାନ ମଣ୍ଡୁକାସନ, ଶଶକାସନ, ପବନମୁକ୍ତାସନ, କପାଳଭାତି, ଅନୁଲୋମ ବିଲୋମ, ଭ୍ରାମରି ଓ ଶୀତଳୀ ପ୍ରାଣାୟମ କରାଇ ସ୍ଥିତି, ଅଭ୍ୟାସ ବିଧି ଓ ଲାଭ ବିଷୟରେ ବୁଝାଇଥିଲେ। ସେହି ପରି ଲକ୍ଷ୍ମୀପୁର ପଞ୍ଚାୟତ ସମିତି ତରଫରୁ ବିଡ଼ିଓ ଗୁରେସ୍ୱର ଭୋଇଙ୍କ ଉପସ୍ଥିତିରେ ସ୍ଥାନୀୟ ସାଙ୍ଗାନ୍ନା ହାଇସ୍କୁଲ୍ ପରିସରରେ ସରକାରୀ ଭାବେ ପ୍ରଥମ କରି ବିଶ୍ୱ ଯୋଗ ଦିବସ ମହା ଆଡମ୍ବର ସହ ପାଳନ କରାଯାଇଥିଲା।

# ବନ୍ଧୁଗାଁରେ ମାଓ ପୋଷ୍ଟର

**ଲକ୍ଷ୍ମୀପୁର :** କୋରାପୁଟ ଜିଲ୍ଲାରେ ପୁଣି ମାତିଲେଣି ମାଓବାଦୀ। ଶୁକ୍ରବାର ଦିନ ସକାଳେ ବନ୍ଧୁଗାଁ ବ୍ଲକ୍‌ର ଆଲମଣ୍ଡା ଓ ସରପେଲି ଗାଁଆରେ ମାଓବାଦୀ ମାନେ ବ୍ୟାନେର ଲଗାଇ ନିଜର ଉପସ୍ଥିତି ଜାହିର୍ କରିଛନ୍ତି। ଏହା ଅସଲି କି ନକଲି ମାଓବାଦୀଙ୍କ କାମ ତାହା ସ୍ପଷ୍ଟ ହୋଇ ନଥିଲେ ମଧ୍ୟ ଶ୍ରୀକାକଲମ, ଛତିଶଗଡ ଓ କୋରାପୁଟ ଡିଭିଜନ ସିପିଆଇ ମାଓବାଦୀ ବୋଲି ଲେଖା ହୋଇଛି। ଏଥି ସହ ବିଜେଡିର କର୍ମୀ ବନ ବିଭାଗର କର୍ମଚାରୀ ମାନଙ୍କୁ ସିଧା ସଳଖ ବ୍ୟାନର ମାଧ୍ୟମରେ ଧମକ ଦିଆ ଯାଇଥିବା ବେଳେ ଶିଶୁ ବିକାଶ ଯୋଜନାରେ ହେରଫେର ନକରିବାକୁ ଅଙ୍ଗନବାଡ଼ି ମାନଙ୍କୁ ଚେତାବନୀ ଦିଆଯାଇଥିବା ତେଲୁଗୁ ଭାଷାରେ ଉଲ୍ଲେଖ ରହିଛି। କିଛି ବର୍ଷର ନୀରବତା ପରେ ପୁଣି ଥରେ ଲାଲ ବ୍ୟାନର ଦେଖି ଏବେ ବନ୍ଧୁଗାଁ ବ୍ଲକ୍‌ରେ ଭୟର ବାତାବରଣ ଖେଳି ଯାଇଛି।

# ଡିପ୍‌ଥେରିଆରେ ନାବାଳକ ମୃତ

**ଲକ୍ଷ୍ମୀପୁର :** କୋରାପୁଟ ଜିଲ୍ଲା ବନ୍ଧୁଗାଁ ବ୍ଲକ୍‌ର ଜଣେ ନାବାଳକ ଡିପ୍‌ଥେରିଆ ରେ ମୃତ୍ୟୁବରଣ କରିଥିବା ଜଣା ପଡ଼ିଛି। ଗତ ସତର ତାରିଖ ଦିନ ତା ଦେହ ଖରାପ ହେବାରୁ ପରିବାର ଲୋକେ ତାକୁ କୋରାପୁଟ ଜିଲ୍ଲା ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଇଥିଲେ। ସେଠାରେ ତା ଦେହରେ ଡିଫଥେରିଆ ରୋଗର ଲକ୍ଷଣ ଦେଖା ଦେବାରୁ ପରିବାର ଲୋକଙ୍କୁ ଅନ୍ୟତ୍ର ନେବାକୁ ଡ଼ାକ୍ତର ପରାମର୍ଶ ଦେଇଥିଲେ। ପରେ ସେମାନେ ରାୟଗଡ଼ା ଜିଲ୍ଲା ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ। ହେଲେ ସ୍ୱାସ୍ଥ୍ୟ ଅବସ୍ଥାରେ କୌଣସି ଉନ୍ନତି ନହେବା ଦେଖି ସେଠାକାର ଡ଼ାକ୍ତର ବ୍ରହ୍ମପୁର ନେବାକୁ କହିଥିଲେ। ଗରିବ ପରିବାର ନାବାଳକ ପୁଅର ଅବସ୍ଥା ଦେଖି ତୁରନ୍ତ ବ୍ରହ୍ମପୁର ଅଭିମୁଖେ ବାହାରି ଏମ.କେ.ସିଜି ମେଡିକାଲରେ ପୁଅକୁ ଭର୍ତ୍ତି କରାଇଥିଲେ। ସେଠାରେ ଦୁଇଦିନ ଧରି ନାବାଳକର ଚିକିତ୍ସା ଚାଲୁଥିବା ବେଳେ ବୁଧବାର୍ ରାତିରେ ମୃତ୍ୟୁ ଘଟିଥିଲା। ନାବାଳକ ପୁଅକୁ ହରାଇ ପରିବାର ପୁରା ଦୁଃଖରେ ଭାଙ୍ଗି ପଡିଥିବା ବେଳେ ନିଜ ଗ୍ରାମକୁ ଫେରି ଆସି ସବ ଦାହ କରିଥିଲେ।ଏନେଇ ଆଗକୁ ଏହି ରୋଗ ବ୍ୟାପିବା ସମ୍ଭାବନା ଥିବାରୁ ସ୍ୱାସ୍ଥ୍ୟ ବିଭାଗର ଏକ ପ୍ରତିନିଧି ଦଳ କୁମ୍ଭାରିପୁଟ୍ ଗ୍ରାମ ଗସ୍ତ କରିଥିବା ଜଣା ପଡିଛି। ଏହି ପ୍ରତିନିଧି ଦଳ ପ୍ରତ୍ୟେକ ଘର ଘର ବୁଲି ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ଆରମ୍ଭ କରିବା ସହ ରକ୍ତ ନମୁନା ସଂଗ୍ରହ କରିଛନ୍ତି। ସ୍ୱାସ୍ଥ୍ୟ ବିଭାଗ ଆଗତୁରା ପଦକ୍ଷେପ ଗ୍ରହଣ କରି ଏହି ରୋଗ ଉପରେ ରୋକ୍ ଲଗାଇବାରେ କେତେ ଦୂର ସଫଳ ହେଉଛି ତାହା ଦେଖିବାକୁ ବାକି ରହିଲା।

# ଜିଲ୍ଲା ପ୍ରଶାସନ ତରଫରୁ ରଥଯାତ୍ରା ପାଇଁ ପ୍ରସ୍ତୁତି ବୈଠକ



**ନବରଙ୍ଗପୁର :** ନବରଙ୍ଗପୁର ମିଶନ ଶକ୍ତି ହଲରେ ଜିଲ୍ଲା ପ୍ରଶାସନ ତରଫରୁ ରଥଯାତ୍ରା ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହେଇଥିଲା। ଏହି ବୈଠକ ରେ ନବରଙ୍ଗପୁର ଜିଲ୍ଲାପାଳ କମଳ ଲୋଚନ ମିଶ୍ର, ନବରଙ୍ଗପୁର ପୌର ପାଳିକା ଚେୟାରମ୍ୟାନ କୁନୁ ନାୟକ, ନବରଙ୍ଗପୁର ବିଡ଼ିଓ, ନବରଙ୍ଗପୁର ତହସିଲଦାର, ନବରଙ୍ଗପୁର ର ବିଶିଷ୍ଟ ସମାଜସେବୀ ଜଗନ୍ନାଥ ମହାପାତ୍ର, ରାଜପୁରହିତ ନରସିଂହ ତ୍ରିପାଠୀ, କଂଗ୍ରେସ ନେତା ମୁନ୍ନା ତ୍ରିପାଠୀ ସମେତ ବହୁ ବୃଦ୍ଧିଜୀବୀ, ସଙ୍ଘ, ସରକାରୀ ଅଧିକାରୀ ଉପସ୍ଥିତ ରହି ରୋଥଯାତ୍ରା କିପରି ଶାନ୍ତି ଶୃଙ୍ଖଳା ସମ୍ପୂର୍ଣ୍ଣ ହେବ ଆଲୋଚନା କରିଥିଲେ। ରଥଯାତ୍ରା ଦିନ ମେଇନ ରୋଡ଼୍ ଜଗନ୍ନାଥ ମନ୍ଦିର ନିକଟରୁ ମାଉସୀ ମା ମନ୍ଦିର ପର୍ଯ୍ୟନ୍ତ କୌଣସି ଯାନ ବାହାନା ଯିବା ପାଇଁ ବାରଣ କରାଯାଇଛି। ରଥଯାତ୍ରା ଦିନ ମଦ ଦୁକାନ ଦିନ ପାଇଁ ବନ୍ଦ କରିବା ପାଇଁ ଆଲୋଚନା ରେ କୁହା ଯାଇଛି। ରାସ୍ତାର ଦୁଇ ପାଖରେ ମନ ଇଚ୍ଛା ଦୁଖାନ ନ ପକେଇବାକୁ ନିଷ୍ପତି ହେଇଛି। ପିକାଳୀ କାନ ପାଖରେ ବଜାଇବାକୁ ମନାକରା ଯାଇଛି। ବାଉଁଶ ନଳା ପୁଟେଇବାକୁ ବରଣ କରାଯାଇଛି ଯଦି ଏହି ନିମୟକୁ ଅବମାନନା କରେ ତାହେଲେ ଦୃଢ କାର୍ଯାନୁଷ୍ଠାନ କରାଯିବାପାଇଁ ନିଷ୍ପତି ନିଆଯାଇଛି।



ପ୍ରେମାନନ୍ଦ ପାଣିଗ୍ରାହୀ



# ଫଳ ରାଇଜର ରାଜା

ଫଳର ରାଜା କୁହାଯାଉଥିବା ଆମ୍ବକୁ ଖରାଦିନେ ଭାତ ସହିତ ଅଧିକ ଖୋଜା ପଡିଥାଏ। ଏହା ଏକ ସ୍ୱାଦିଷ୍ଟ ଓ ରସାଳ ଫଳ । ପିଲା ଠାରୁ ବୁଢା ଆମ୍ବ ସମସ୍ତଙ୍କର ପ୍ରିୟ । ଆମ୍ବ ସୂର୍ଯ୍ୟଙ୍କ ସନ୍ତାନ ବୋଲି ପ୍ରାଚୀନ ଲୋକକଥାରୁ ଜଣାଯାଏ। ବହୁ ପୁରାତନ କାଳରୁ ଆମ ଚଳଣି ଓ ସାମାଜିକ ପରମ୍ପରାରେ ଆମ୍ବର ଗୁରୁତ୍ୱ ରହି ଆସିଛି। ଆମ୍ବଗଛକୁ ଦେବ ବୃକ୍ଷ ଓ ସମୃଦ୍ଧିର ପ୍ରତୀକ ବୋଲି କୁହାଯାଏ। ପୂଜା ପର୍ବରେ ଆମ୍ବ ଗଛର ଡାଳ, ପତ୍ର ଓ କାଠର ଆବଶ୍ୟକତା ରହିଥାଏ। କୌଣସି ମାଙ୍ଗଳିକ କାର୍ଯ୍ୟରେ ଆମ୍ବପତ୍ର ତୋରଣ ସାଙ୍ଗକୁ କଳସ ଉପରେ ଆମ୍ବଡାଳ ସ୍ଥାପନ କରି ବିଘ୍ନରାଜ ଗଣେଶଙ୍କୁ ଆବାହନ କରିବା ଆମ ପରମ୍ପରାର ଏକ ଅଙ୍ଗ । ଆମ୍ବ କେବଳ ଫଳ ଭାବରେ ଲୋକଙ୍କର ଭୋକ ମେଣ୍ଟାଇଥାଏ ତାହା ନୁହେଁ ଘରୋଇ ଚିକିତ୍ସାରେ ବି ଏହାର ପ୍ରମୁଖ ଭୂମିକା ରହିଛି ।



**କେବେଠୁ ଭାରତରେ :-** ଆମ ଜନଜୀବନ ସହ ଜଡିତ ଆମ୍ବକୁ ସଂସ୍କୃତ ଭାଷାରେ ଆମ୍ରଚ୍ୟୁତ, ପିକବଲ୍ଲଭ କୁହାଯାଉଥିବାବେଳେ ହିନ୍ଦିରେ ଆମ୍ବ, ଇଂରାଜୀରେ ମ୍ୟାଙ୍ଗୋ, ଆରବୀ ଭାଷାରେ ଆମ୍ବୁଛା, ଫରାସୀରେ ଆମ୍ବା, ଲାଟିନ ଭାଷାରେ ମଲିଫାରାହର୍ଣ୍ଣିକା, ତାମିଲ ଭାଷାରେ ମାଙ୍ଗାଲ କୁହାଯଏ। ଜାତୀୟ ଫୁଲ ପଦ୍ମ ପରି ଆମ୍ବକୁ ମିଳିଛି ଜାତୀୟ ଫଳର ମାନ୍ୟତା। କେବଳ ଭାରତ କାହିଁକି ଫିଲିଫାଇନସ ଦେଶରେ ମଧ୍ୟ ଆମ୍ବକୁ ମିଳିଛି ସେ ଦେଶର ଜାତୀୟ ଫଳର ସ୍ୱୀକୃତି। ତେବେ ଆମ ପଡୋଶୀ ଦେଶ ବଙ୍ଗଳା ଦେଶରେ ୨୦୧୦ ମସିହାରେ ଆମ୍ବ ଗଛ ପାଇଛି ସେ ଦେଶର ଜାତୀୟ ବୃକ୍ଷର ମାନ୍ୟତା। ଆମ ଦେଶର କେରଳ ରାଜ୍ୟର କାନୁର ଜିଲ୍ଲା ଅନ୍ତର୍ଗତ କନପୁରମ ଗାଁକୁ ଆମ୍ବ ଐତିହ୍ୟ ଗ୍ରାମ କୁହାଯାଏ। ଏହି ଗ୍ରାମରେ ଦୁଇ ଶହ କିସମର ଆମ୍ବ ଦେଖିବାକୁ ମିଳେ।

ପୃଥିବୀର ଗ୍ରୀଷ୍ମମଣ୍ଡଳୀୟ ଜଳବାୟୁ ଅଞ୍ଚଳରେ ସାଧାରଣତଃ ଆମ୍ବଗଛର ବହୁଳତା ରହିଛି। ତେବେ ଆମ୍ବଗଛର ଜନ୍ମସ୍ଥାନ ଭାରତ ବୋଲି ବିଶ୍ୱାସ କରାଯାଏ। ପାଖାପାଖି ପାଞ୍ଚ ହଜାର ବର୍ଷ ପୂର୍ବରୁ ଆମ୍ବ ଚାଷ କରାଯାଉଛି। ରାମାୟଣରେ ଆମ୍ବଗଛର ବର୍ଣ୍ଣନା ରହିଛି। ଚୀନ ପରିବ୍ରାଜକ ହୁଏନସାଂ ଭାରତ ପରିଭ୍ରମଣ ସାରି ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିବାବେଳେ ଭାରତରୁ ଆମ୍ବ ଚୀନ ଦେଶକୁ ନେଇଥିଲେ। ଖ୍ରୀ.ପୂ ୩୨୭ ରେ ଗ୍ରୀକ୍‌ବୀର ଆଲେକଜାଣ୍ଡାର ଭାରତ ଆକ୍ରମଣ କରିବାକୁ ଆସିଥିବା ସମୟରେ ପ୍ରଥମ କରି ଆମ୍ବର ସ୍ୱାଦ ଚାଖିଥିଲେ। ସେ ସ୍ୱଦେଶ ଫେରିବା ବେଳେ ନିଜ ସହିତ ଆମ୍ବ ଚାରା ଓ ଟାକୁଆ ନିଜ ଦେଶକୁ ନେଇଯାଇଥିଲେ । ପରବର୍ତ୍ତୀ ସମୟରେ ପର୍ତ୍ତୁଗ୍ରୀଜମାନେ ଭାରତରୁ ଆମ୍ବ ନେଇ ଦକ୍ଷିଣ ଆମେରିକା ଓ ପଶ୍ଚିମ ଭାରତୀୟ ଦ୍ୱିପପୁଞ୍ଜରେ ରୋପଣ କରିଥିଲେ। ତେବେ ମୋଗଲମାନେ ଭାରତକୁ ଶାସନ କରିବା ସମୟରେ ଉନ୍ନତ କିସମର ଆମ୍ବ ଲଗାଇବା ଆରମ୍ଭ କରିଥିଲେ। ସମ୍ରାଟ ଆକବର ବିହାରର ଦରଭଙ୍ଗା ଅଞ୍ଚଳରେ ପ୍ରାୟ ଏକ ଲକ୍ଷ ଆମ୍ବ ଗଛ ଲଗାଇ ଏହାକୁ ଲାଖାବାଗ ନାମରେ ନାମିତ କରିଥିଲେ। ମୋଗଲ ବାଦସାହ ସାହାଜାହାନ ଏକ ନିର୍ଦ୍ଦିଷ୍ଟ ଆମ୍ବଗଛର ଆମ୍ବ ପ୍ରତି ପାଗଳ ହୋଇଯାଇଥିଲେ। ଏହି ଆମ୍ବ ଗଛ ଦିନେ ସାହାଜାହନ ଓ ତାଙ୍କ ପୁତ୍ର ଔରଙ୍ଗଜେବଙ୍କ ମଧ୍ୟରେ ତିକ୍ତ ସମ୍ପର୍କର ସୂତ୍ରପାତ କରିଥିଲା । ସେତେବେଳେ ଏହି ଆମ୍ବଗଛ ନୁରଜାହାନପୁରରେ ଅବସ୍ଥିତ ଥିଲା। କୁହାଯାଏ ମୋଗଲ ଶାସକ ଜାହାଙ୍ଗୀରଙ୍କର ଅତି ପ୍ରିୟ ଫଳ ଥିଲା ଆମ୍ବ। ସେ ସୁସ୍ୱାଦୁ ଆମ୍ବ ଗଛର ଚାରା ଭାରତରୁ ନେଇ କାବୁଲରେ ଲଗାଇଥିଲେ। ୧୬୭୯ ମସିହାରେ ସ୍ପେନର ବ୍ୟବସାୟୀମାନେ ଭାରତରୁ ଆମ୍ବ ଟାକୁଆ ନେଇ ତାଙ୍କ ଦେଶରେ ଲଗାଇବା ଆରମ୍ଭ କରିଥିଲେ। ଦି ହଷ୍ଟୋରିକାଲ୍ ଡିକସନାରୀ ଅଫ ଇଣ୍ଡିୟାନ ଫୁଡ ନାମକ ଏକ ପୁସ୍ତକ ଅନୁଯାୟୀ ଆମ୍ବଗଛର କଲମୀକରଣ ପଦ୍ଧତି ପ୍ରଥମେ ପର୍ତ୍ତୁଗ୍ରୀଜମାନେ ଆରମ୍ଭ କରିଥିଲେ। ଧିରେଧିରେ ଆମ୍ବ ଭାରତରୁ ଇଣ୍ଡୋନେସିଆ, ଦକ୍ଷିଣ ଆମେରିକା, ମାଳୟ,ଫିଲିଫାଇନସ, ୟୁରୋପ ଆଦି ରାଷ୍ଟ୍ରକୁ ଯାଇ ଏକ ପସନ୍ଦଯୋଗ୍ୟ ଫଳର ସ୍ୱୀକୃତି ପାଇଛି।

**ଆମ୍ବ ଚାଷ :-** ଆମ୍ବ ଏକ ଋତୁଭିତ୍ତିକ ଫଳ ହୋଇଥିଲେ ମଧ୍ୟ ଲାଭଦାୟକ। ଆମ ଦେଶର ପ୍ରତ୍ୟେକ ଅଞ୍ଚଳରେ ଆମ୍ବ ଫଳୁଥିଲେ ମଧ୍ୟ ଜୁନରୁ ସେପଟେମ୍ବର ପର୍ଯ୍ୟନ୍ତ ଅଧିକ ବର୍ଷା ହେଉଥିବା ଆନ୍ଧ୍ରପ୍ରଦେଶ, ମଧ୍ୟପ୍ରଦେଶ, ବିହାର, ପଶ୍ଚିମବଙ୍ଗ, କର୍ଣ୍ଣାଟକ, ଓଡିଶାରେ ପ୍ରଚୁର ଆମ୍ବ ଉତ୍ପାଦନ ହୁଏ। ଯେଉଁ ଅଞ୍ଚଳରେ ଶୀତ ଋତୁରେ କମ୍ ବର୍ଷା ହୋଇଥାଏ ସେଠାରେ ଆମ୍ବ ଫସଲ ପ୍ରଭାବିତ ହୁଏ। କୁହୁଡି ମଧ୍ୟ ଆମ୍ବ ଫସଲକୁ କ୍ଷତିଗ୍ରସ୍ତ କରେ । ଆମ୍ବ ଚେର ମାଟିରେ ବହୁ ଗଭୀରକୁ ଯାଉ ଥିବାରୁ ନିଗିଡା ଭୂମି, ନଦୀକୂଳିଆ ପଟୁମାଟି ଆମ୍ବ ଫସଲ ପାଇଁ ଉପଯୁକ୍ତ। ଉନ୍ନତ ଆମ୍ବ ଚାଷ କରିବାକୁ ଟାକୁଆରୁ ଗଛ ସୃଷ୍ଟି କରିବା ଅପେକ୍ଷା କଲମୀ ପ୍ରଣାଳୀ ଅବଲମ୍ବନ କରାଯାଏ । ଆମ୍ବ ଗଛର ଯତ୍ନ ଠିକ ଭାବରେ ନିଆଗଲେ ଗୋଟିଏ ଆମ୍ବ ଗଛ ଦଶ ବର୍ଷରେ ଏକ ହଜାରରୁ ପନ୍ଦର ଶହ ପର୍ଯ୍ୟନ୍ତ ଉତ୍କୃଷ୍ଟ ଆମ୍ବ ଦେଇଥାଏ। ବିଶ୍ୱରେ ତେର ଶହ କିସମର ଆମ୍ବ ଚାଷ ହେଉଥିବା ବେଳେ ଭାରତରେ ପ୍ରାୟ ପନ୍ଦର ଶହ ପ୍ରକାରର ଆମ୍ବ ଓ ଓଡିଶାରେ ୨୬୦ ପ୍ରକାର ଆମ୍ବ ଚାଷ ହୋଇଥାଏ । ଭାରତରେ ବର୍ଷକୁ ଏକ କୋଟି ଟନ ଆମ୍ବ ଉତ୍ପାଦନ ହୋଇଥାଏ। ଆମ୍ବ ଉତ୍ପାଦନ ଦେଶମାନଙ୍କ ମଧ୍ୟରୁ ଭାରତର ସ୍ଥାନ ପ୍ରଥମ । ବିଶ୍ୱର ମୋଟ ଆମ୍ବ ଉତ୍ପାଦନର ୬୪ ପ୍ରତିଶତ ଭାରତ ଉତ୍ପାଦନ କରିଥାଏ। ବିଦେଶୀ ମୁଦ୍ରା ଲାଭ କରିବାର ପ୍ରମୁଖ ସ୍ରୋତ ହେଉଛି ଏହି ଫଳ ରାଜା ଆମ୍ବ। କଞ୍ଚାଅବସ୍ଥାରୁ ଆରମ୍ଭ କରି ପାଚିଲା ପର୍ଯ୍ୟନ୍ତ ଆମ୍ବକୁ ଖାଦ୍ୟ ରୂପେ ବ୍ୟବହାର କରାଯାଏ। କଞ୍ଚା ଆମ୍ବରୁ ଆଚାର, ଚଟଣି, ଆମ୍ବଚୁର, ଆମ୍ବୁଲ ଓ ପାଚିଲା ଆମ୍ବ ରସରୁ ଆମ୍ବସଢା, ମୁରବା, ଟଫି, ଜାମ, ଜେଲି, ମୃଦୁପାନୀୟ ପ୍ରସ୍ତୁତ କରାଯାଏ। କେତେକ ଆଦିବାସୀ ସମ୍ପ୍ରଦାୟ ଆମ୍ବ କୋଇଲିକୁ ଖାଦ୍ୟ ରୂପେ ବ୍ୟବହାର କରନ୍ତି। ଆମ୍ବର ଅଲଗା ଅଲଗା କିସମ ଯୋଗୁଁ ଏହାର ସ୍ୱାଦରେ ଫରକ ଥାଏ। ଆମ୍ବକୁ ଆଧାର କରି ଖାଦ୍ୟପ୍ରକ୍ରିୟାକରଣ ଶିଳ୍ପ ଗଢି ଉଠିବା ଫଳରେ ଅନେକ ଲୋକ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବରେ ନିଯୁକ୍ତି ସୁଯୋଗ ପାଇପାରୁଛନ୍ତି। ଓଡିଶାର ୨.୧ ହେକ୍ଟର ଜମିରେ ଆମ୍ବ ଚାଷ କରାଯାଉଛି। ରାଜ୍ୟର ଢେଙ୍କାନାଳ, ଅନୁଗୁଳ, ମୟୁରଭଂଜ, କେନ୍ଦୁଝର, ଫୁଲବାଣୀ, କୋରାପୁଟ, ଗଂଜାମ ଜିଲ୍ଲାରେ ଅଧିକ ପରିମାଣରେ ଆମ୍ବ ଉତ୍ପାଦନ ହୋଇଥାଏ। ଗଂଜାମ ଜିଲ୍ଲାର ପ୍ରମୁଖ ସହର ବ୍ରହ୍ମପୁରରେ ରହିଛି ରାଜ୍ୟର ସବୁଠାରୁ ବଡ ଆମ୍ବ ବଜାର। ବାଇଗଣପଲ୍ଲୀ, ସୁନ୍ଦରୀ, କଲମୀ, ଅମୃତକଳସ, ଆଖୁରସ, ଜାହାଙ୍ଗୀର, ପାନକୁଲୁ, ସୁବର୍ଣ୍ଣରେଖା, ଆଲ୍‌ଫାନସୋ ଲଙ୍ଗଡା, ହାମିଲଟନ କିସମର ସ୍ୱାଦିଷ୍ଟ ଆମ୍ବ ଆମ ରାଜ୍ୟରୁ ବାହାର ରାଜ୍ୟକୁ ରପ୍ତାନୀ ହୋଇଥାଏ। ଭାରତୀୟ ବଜାରରେ ଆଲ୍‌ଫାନସୋ ଆମ୍ବକୁ ରାଜା ଆମ୍ବର ଆଖ୍ୟା ମିଳିଛି। ଏହା କିଲୋ ପ୍ରତି ଏକ ହଜାରରୁ ଚାରି ହଜାର ଟଙ୍କାରେ ବିକ୍ରିହୁଏ।



**ଆମ୍ବ ଉତ୍ପାଦନରେ ଓଡିଶା ଭାରତରେ ଅଷ୍ଟମ :** ଭାରତର ସର୍ବାଧିକ ଆମ୍ବ ଉତ୍ପାଦନକାରୀ ରାଜ୍ୟ ଭାବେ ପରିଗଣିତ ହେଉଛି ଉତ୍ତର ପ୍ରଦେଶ । ଏହି ରାଜ୍ୟରେ ବାର୍ଷିକ ପାଖାପାଖି ୨.୫ ନିୟୁତ ମେଟ୍ରିକ ଟନ୍ ଆମ୍ବ ଉତ୍ପାଦନ ହୋଇଥାଏ। ଦେଶରେ ଉତ୍ପାଦନ ହେଉଥିବା ମୋଟ୍ ଆମ୍ବର ୨୫ ଶତକଡା ଆମ୍ବ ଉତ୍ତର ପ୍ରଦେଶରୁ ମିଳିଥାଏ। ଉତ୍ତର ପ୍ରଦେଶର ଦଶହରା, ଟାଙ୍ଗଡା, ଚୌସା,ଆମ୍ରପଲ୍ଲୀ ଭଳି ଆମ୍ବ ଉତ୍ପାଦିତ ହୋଇଥାଏ । ଦ୍ୱିତୀୟ ସ୍ଥାନରେ ଥିବା ଆନ୍ଧ୍ର ପ୍ରଦେଶରୁ ବାର୍ଷିକ ୧ ନିୟୁତ ମେଟ୍ରିକ ଟନ୍‌ରୁ ଅଧିକ ଆମ୍ବ ଉତ୍ପାଦିତ ହୋଇଥାଏ। ବାଇଗଣ ପଲେଇ ଓ ନୀଲମ ଏଠାକାର ପ୍ରସିଦ୍ଧ ଆମ୍ବ। ତୃତୀୟ ସ୍ଥାନରେ ରହିଛି ବିହାର। ବିହାରରେ ବାର୍ଷିକ ୮ ଲକ୍ଷ ମେଟ୍ରିକ ଟନ୍ ଆମ୍ବ ଉତ୍ପାଦନ ହୋଇଥାଏ। ବିହାରର ଦେଶୀ ଆମ୍ବ ବେଶ୍ ଲୋକପ୍ରିୟ। ଚତୁର୍ଥ ସ୍ଥାନରେ କର୍ଣ୍ଣାଟକ ଥିବା ବେଳେ ଏଠାରୁ ବାର୍ଷିକ ୭ ଲକ୍ଷ ୫୦ ହଜାର ମେଟ୍ରିକ୍ ଟନ୍ ଆମ୍ବ ଉତ୍ପାଦିତ ହୋଇଥାଏ। ଏଠାକାର ଆଲଫୋନସୋ ଆମ୍ବର ଚାହିଦା ଢେର ଅଧିକ। ପଞ୍ଚମ ସ୍ଥାନରେ ଥିବା ମହାରାଷ୍ଟ୍ରରେ ବାର୍ଷିକ ୬ ଲକ୍ଷ ମେଟ୍ରିକ୍ ଟନ୍ ଆମ୍ବ ଉତ୍ପାଦନ ହେଉଥିବା ବେଳେ ଷଷ୍ଠ ସ୍ଥାନରେ ଥିବା ତାମିଲନାଡୁରେ ବାର୍ଷିକ ୩ ଲକ୍ଷ ମେଟ୍ରିକ ଟନ୍ ଆମ୍ବ ଉତ୍ପାଦନ ହୋଇଥାଏ। ଏଠାକାର ମୋବନ୍ଦନା ଆମ୍ବର ବହୁତ ଖ୍ୟାତି ରହିଛି। ସପ୍ତମ ସ୍ଥାନରେ ଥିବା ଗୁଜୁରାଟରେ ବାର୍ଷିକ ୧ ଲକ୍ଷ ୫୦ ହଜାର ମେଟ୍ରିକ୍ ଟନ୍ ଆମ୍ବ ଉତ୍ପାଦିତ ହୋଇଥାଏ। ଭାବନଗର ଓ ସୁରେନ୍ଦ୍ର ନଗର ଜିଲ୍ଲାରେ ଉତ୍ପାଦିତ କେଶର ଆମ୍ବର ଚାହିଦା ବଜାରରେ ଢେର ଅଧିକ ରହିଥାଏ । ଅଷ୍ଟମ ସ୍ଥାନରେ ଥିବା ଓଡିଶାରେ ଦେଶର ଉତ୍ପାଦିତ ଆମ୍ବର ଚାରି ପ୍ରତିଶତ ଅର୍ଥାତ୍ ୮ ଲକ୍ଷ ୫୦ ହଜାର ୨୯୮ ମେଟ୍ରିକ ଟନ୍ ଆମ୍ବ ଉତ୍ପାଦିତ ହୋଇଥାଏ। ମୟୁରଭଞ୍ଜ, କୋରାପୁଟରେ ସର୍ବାଧିକ ଦେଶୀ ଆମ୍ବ ଉତ୍ପାଦନ ହୋଇଥାଏ । ଏସବୁ ଜିଲ୍ଲାର ଆଦିବାସୀ ମହିଳାମାନେ ଆମ୍ବକୁ ଚିପୁଡି ସେଥିରୁ ରସ ବାହାର କରି ଆମ୍ବସଢା ତିଆରି କରିଥାନ୍ତି।



**ଗୁଣକାରୀ ଆମ୍ବ :** ଫଳର ରାଜା ଆମ୍ବ ଅଧିକାଂଶଙ୍କର ପ୍ରିୟ ଫଳ। ବିଶ୍ୱର ବିଭିନ୍ନ ରାଷ୍ଟ୍ରରେ ଅନେକ ପ୍ରକାରର ଆମ୍ବ ଦେଖାଯାଏ। ଏହି ଫଳରେ ଅନେକ ପୋଷକ ତତ୍ତ୍ୱ ରହିବା ସହ ଶରୀର ଉପରେ ମଧ୍ୟ ଉତ୍ତମ ପ୍ରଭାବ ପକାଏ। ଏହି ଫଳରେ ପ୍ରଚୁର ପରିମାଣରେ ଫାଇବର ଥିବାରୁ ପାଚନ କ୍ରିୟାକୁ ସହଜ କରେ। ଅମ୍ଳ ସମସ୍ୟାକୁ ଦୂର କରିଥାଏ। ନିୟମିତ ଆମ୍ବ ଖାଇଲେ କୋଲେଷ୍ଟରଲର ପରିମାଣ କମିଥାଏ। ପୋଟାସିୟମ ଏହି ଫଳରେ ଥିବାରୁ ହୃଦ୍ ରୋଗ ହେବାର ଆଶଙ୍କା ଅପେକ୍ଷାକୃତ କମ୍ ଥାଏ।

ଆମ୍ବ ଏକ ଋତୁଭିତ୍ତିକ ଫଳ ହୋଇଥିବାରୁ ସବୁ ସମୟରେ ଦେଖିବାକୁ ମିଳେ ନାହିଁ। ଏଣୁ ଏହାକୁ ଦୃଷ୍ଟିରେ ରଖି ରାସ୍ତା କଡ, ହାଟବଜାରରେ ସବୁଠି ଆମ୍ବର ପସରା ମେଳିଛି। ଆମ୍ବ ପୁରା ପାକଳ ହେବା ଆଗରୁ ବ୍ୟବସାୟୀମାନେ ତୋଳି ଶୀଘ୍ର ପାଚିବା ଲାଗି ସେଥିରେ କ୍ୟାଲସିୟମ କାର୍ବାଇଟ ଦେଇ ପଚାଉଛନ୍ତି । ଏହା ଆର୍ସେନିକ ଓ ଫସଫରସ୍‌ରେ ଭରପୂର। ଏହା ଥରେ ପାଣିରେ ମିଶିଗଲେ ଏସିଟିଲିନ ଗ୍ୟାସ ଉତ୍ପନ୍ନ ହୁଏ ଯାହା ନ୍ୟୁରୋଲୋଜିକାଲ ସିଷ୍ଟମକୁ ପ୍ରଭାବିତ କରେ। ଏହା ଯୋଗୁଁ ବି ମୁଣ୍ଡ ବିନ୍ଧା ହୁଏ, ଅଳସୁଆ ଲାଗେ। ନିଦ୍ରାହିନତା ଦେଖା ଦିଏ। ବେଶୀ ଦିନ ଏହା ଲାଗି ରହିଲେ ସ୍ମରଣ ଶକ୍ତି କମିଥାଏ ବୋଲି ଅନୁଧ୍ୟାନରୁ ଜଣାଯାଇଛି । ଏହି ଆମ୍ବ ନ୍ୟୁରୋଲଜିକାଲ ସିଷ୍ଟମକୁ ପ୍ରଭାବିତ କରେ। ଯେକୌଣସି ଫଳକୁ ପାଚିବା ଲାଗି କାର୍ବାଇଟ ପ୍ରୟୋଗ କରିବା ବେଆଇନ, ତଥାପି ତାର ବ୍ୟବହାର କରାଯାଉଛି ସବୁଆଡେ। ଯେହେତୁ ଆମ୍ବ ବାହାର ରାଜ୍ୟରୁ ଆସୁଛି ତା ଉପରେ କଣ ପ୍ରୟୋଗ କରାଯାଉଛି କାହାର ନଜର ରହୁନି। କେବଳ ମିଠା କି ଖଟା ପଡିବ ପ୍ରଶ୍ନଟିଏ କରି ଆମ୍ବ ଲୋକେ କିଣିଥାନ୍ତି। ଘରକୁ ଅଣା ଯାଉଥିବା ଏହି ସୁଆଦିଆ ଆମ୍ବ ଶରୀର ପାଇଁ କେତେ ଯେ କ୍ଷତିକାରକ ବୁଝିବା ପାଇଁ କାହା ପାଖରେ ସମୟ ନଥାଏ।





ଆମ୍ବକୁ ନେଇ ମହୋତ୍ସବ ବି ହୁଏ ଆମ ଦେଶରେ। ଦିଲ୍ଲୀ, ମୁମ୍ବାଇ, ହାଇଦ୍ରାବାଦ, ଚଣ୍ଡୀଗଡ, ପୁଣେ ପ୍ରଭୃତି ସହରମାନଙ୍କରେ ପ୍ରତି ବର୍ଷ ଆମ୍ବ ଉତ୍ସବ ଅନୁଷ୍ଠିତ ହୁଏ। ଦିଲ୍ଲୀର ତାଲକୋଟଲା ଷ୍ଟାଡିୟମ୍‌ରେ ଅନୁଷ୍ଠିତ ହୁଏ ଆନ୍ତର୍ଜାତିକ ଆମ୍ବ ମହୋତ୍ସବ। ଆମ ରାଜଧାନୀର ନୂଆପଲ୍ଲୀସ୍ଥିତ ନାବାର୍ଡର ଆଞ୍ଚଳିକ କାର୍ଯ୍ୟାଳୟ ପରିସରରେ ରାଜ୍ୟସ୍ତରୀୟ ଆମ୍ବ ମହୋତ୍ସବ ସହ ପ୍ରଦର୍ଶନୀ ଉଦ୍‌ଯାପିତ ହୋଇଯାଇଛି । ପ୍ରଦର୍ଶନୀରେ ବିଭିନ୍ନ ପ୍ରକାର ଆମ୍ବ ରହିଥିଲା । ସେଥିରେ ଆକର୍ଷଣ ପାଲଟିଥିଲା ମଲ୍ଲିକା ଆମ୍ବ। ଏହାର କିଲୋ ପ୍ରତି ଦର ୭୦ ରୁ ୧୦୦ ଟଙ୍କା ରହିଥିଲା। ମଲ୍ଲିକା ଆମ୍ବ ନିଲମ ଓ ଦଶେରୀର ମିଶ୍ରଣରେ ସୃଷ୍ଟି। ଏହି ଆମ୍ବ ଅନ୍ୟ ଆମ୍ବ ତୁଳନାରେ ବଡ ହୋଇଥିବା ବେଳେ ସ୍ୱାଦ ବହୁତ ମିଠା।

**ବିଦେଶରେ ଭାରତର ଆମ୍ବ :-** ଆମ୍ବ ଚାଷ ପାଇଁ ବେଶ୍ ଉପଯୋଗୀ ଭାରତର ଜଳବାୟୁ। ସେଥିପାଇଁ ଆମ ଦେଶରେ ବିଭିନ୍ନ ରାଜ୍ୟରେ ଆମ୍ବ ଚାଷରୁ ବେଶ୍ ଭଲ ଉତ୍ପାଦନ ସମ୍ଭବ ହୋଇଥାଏ। ଆଙ୍ଗ୍ରା, ଚଉସା, ବାଇଗଣପଲେଇ, ଦୋସରା, ଆଖୁରସ, ବମ୍ବେଗ୍ରୀନ୍, ଗୋଲାପଖାସ୍, ଆମପଲ୍ଲୀ, ମଲିକା, ହିମସାଗର, ଚେରୁକରସା, ଦୋସରୀ, ନିଲମ ପରି ଆମ୍ବର ପ୍ରଜାତି ଭାରତରେ ଉପଲବ୍ଧ। ଭାରତର ଆମ୍ବର ସ୍ୱାଦ ବିଦେଶରେ ମଧ୍ୟ ଅଛି। ପଶ୍ଚିମବଙ୍ଗର ମାଲଦା ଜିଲ୍ଲାରେ ବିଭିନ୍ନ ରକମର ଉନ୍ନତ ରକମର ଆମ୍ବ ଉତ୍ପାଦନ ହୋଇଥାଏ। ତେଣୁ ଏଠାରୁ ହିମସାଗର, ଲ୍ୟାଙ୍ଗ୍ରୀ, ଫାଜିଲ୍, ଲକ୍ଷ୍ମଣ ଭୋଗ ଆଦି ବିଭିନ୍ନ ପ୍ରକାରର ସ୍ୱାଦିଷ୍ଟ ଆମ୍ବ ବିଦେଶକୁ ରପ୍ତାନୀ ହୁଏ। ଏଠାରୁ ଫ୍ରାନ୍ସ, ଇଟାଲୀ, ବ୍ରିଟେନ୍ ଓ ଆମେରିକା ଆଦି ଦେଶମାନଙ୍କୁ ଆମ୍ବ ରପ୍ତାନୀ ହୋଇଥାଏ। ଉତ୍ତରପ୍ରଦେଶରୁ ଚୌସା ଆମ୍ବ ୟୁରୋପ, ଇଟାଲୀକୁ ରପ୍ତାନୀ ହୋଇଥାଏ। ରପ୍ତାନୀ ନିମନ୍ତେ ଭଲ ଆମ୍ବ ଯେଉଁଥିରେ କୌଣସି ଦାଗ ହୋଇନଥିବ, ଠିକ ଭାବେ ପରିପକ୍ୱ ହୋଇଥିବ ଏବଂ ଓଜନ ୩୦୦ରୁ ୩୫୦ ଗ୍ରାମ୍ ହୋଇଥିବ ସେହିଭଳି ଆମ୍ବ ସବୁକୁ ସ୍ୱତନ୍ତ୍ର ଭାବେ ପ୍ୟାକିଂ କରି ବିଦେଶକୁ ପଠାଯାଏ । ଓଡିଶାର ଢେଙ୍କାନାଳ, ମୟୁରଭଞ୍ଜ, ଅନୁଗୁଳ, କେନ୍ଦୁଝରରୁ ଆମ୍ବ ଇଟାଲି, ଦୁବାଇକୁ ରପ୍ତାନୀ ହୋଇଥାଏ।



*ଭୁଷଳ, ଭୁବନ, ଢେଙ୍କାନାଳ*
*ଭ୍ରାମ୍ୟଭାଷ : ୯୪୩୭୭୨୯୩୮୪*



# ଧର୍ମେନ୍ଦ୍ରଙ୍କୁ ଗୁରୁଦାୟିତ୍ୱ



**ଭୁବନେଶ୍ୱର :** ଧର୍ମେନ୍ଦ୍ରଙ୍କ ରାଜନୈତିକ ଗୋଟି ଚାଳନା ଉପରେ କେନ୍ଦ୍ର ନେତୃତ୍ୱଙ୍କ ଦୃଢ ବିଶ୍ୱାସ। କାରଣ ଧର୍ମେନ୍ଦ୍ର ଯେଉଁଠି ମଙ୍ଗ ଧରିଛନ୍ତି, ସେଇଠି ବିଜୟ ହୋଇଛି ବିଜେପି। ତେଣୁ ଏବେ ପୁଣି ଥରେ ତାଙ୍କୁ ଦିଆଯାଇଛି ଗୁରୁଦାୟିତ୍ୱ। ସାଧାରଣ ନିର୍ବାଚନରେ ହ୍ୟାଟ୍ରିକ୍ ବିଜୟ ସହ ଇତିହାସ ରଚିବା ପରେ ଏବେ ବିଜେପିର ଫୋକସରେ ଆଗକୁ ହେବାକୁ ଥିବା ୪ ରାଜ୍ୟ ବିଧାନସଭା ନିର୍ବାଚନ। ଖାସ୍ କରି ହରିୟାଣାରେ କେମିତି ବିଜେପିର ବିଜୟ ହେବ ସେନେଇ ଏବେଠୁ ଆରମ୍ଭ ହେଲାଣି ମାନସମନ୍ଥନ। ଜାମ୍ମୁରେ ଧାରା ୩୭୦ ହଟିବା ପରେ ପ୍ରଥମଥର ଲାଗି ବିଧାନସଭା ଭୋଟ୍ ହେବାକୁ ଯାଉଛି। ଖାଲି ଜାମ୍ମୁ କାହିଁକି ବରଂ ଝାଡ଼ଖଣ୍ଡ, ମହାରାଷ୍ଟ୍ର ଓ ହରିଆଣାରେ ବି ଆଗକୁ ଅଛି ବିଧାନସଭା ନିର୍ବାଚନ। ଚଳିତବର୍ଷ ଶେଷ ଆଡ଼କୁ ହେବାକୁ ଥିବା ହରିୟାଣା ବିଧାନସଭା ନିର୍ବାଚନ ବିଜେପି ପାଇଁ ବଡ଼ ଗୁରୁତ୍ୱ ବହନ କରୁଛି। ପୂର୍ବ ନିର୍ବାଚନରେ ବିଜେପି ସେଠାରେ ବାଜି ମାରିଥିଲା। ତେଣୁ ଲଗାତାର ତୃତୀୟ ଥର କ୍ଷମତା ବଜାୟ ରଖିବା ପାଇଁ ଦଳ ପ୍ରସ୍ତୁତି ଆରମ୍ଭ କଲାଣି। ସେଥିପାଇଁ ଦଳର ସବୁଠୁ ଭରସା ଯୋଗ୍ୟ ନିର୍ବାଚନ ରଣନୀତିକାର ଧର୍ମେନ୍ଦ୍ର ପ୍ରଧାନଙ୍କ ଉପରେ ଆସ୍ଥା ପ୍ରକଟ କରିଛି ଦଳ। ତେଣୁ ହରିୟାଣା ବିଧାନସଭା ନିର୍ବାଚନ ପ୍ରଭାରୀ ଭାବେ ବିଜେପି ପକ୍ଷରୁ ତାଙ୍କୁ ନିଯୁକ୍ତି ଦିଆଯାଇଛି। ଏହାସହ ସହ ପ୍ରଭାରୀ ଭାବେ ଦାୟିତ୍ୱ ମିଳିଛି ତ୍ରିପୁରାର ପୂର୍ବତନ ମୁଖ୍ୟମନ୍ତ୍ରୀ ବିପ୍ଲବ ଦେବଙ୍କୁ। ଓଡ଼ିଆ ପୁଅ ଧର୍ମେନ୍ଦ୍ର ପ୍ରଧାନ। ଜଣେ ଦକ୍ଷ ନିର୍ବାଚନ ରଣନୀତିକାର ଭାବେ ବିଜେପିରେ ରହିଛି ବଡ଼ ନାଁ। ପୂର୍ବରୁ ବହୁ ଗୁରୁତ୍ୱପୂର୍ଣ୍ଣ ରାଜ୍ୟରେ ବିଜେପିକୁ ଜିତାଇବାରେ ସେ ବନିଛନ୍ତି ବାଜିଗର। ନିର୍ବାଚନ ଜିତାଇବାରେ ଧର୍ମେନ୍ଦ୍ରଙ୍କ ଷ୍ଟ୍ରାଇକ୍ ରେଟ୍ ଖୁବ ବେଶୀ। ୟୁପି, ବିହାର, ମଧ୍ୟପ୍ରଦେଶ, କର୍ଣ୍ଣାଟକ, ପଶ୍ଚିମବଙ୍ଗ, ମହାରାଷ୍ଟ୍ର, ଛତିଶଗଡ଼, ଉତ୍ତରାଖଣ୍ଡ ଓ ଝାଡ଼ଖଣ୍ଡ ପରି ରାଜନୈତିକ ଦୃଷ୍ଟିରୁ ସମ୍ବେଦନଶୀଳ ରାଜ୍ୟରେ ବିଜେପିର ନିର୍ବାଚନ ପ୍ରଭାରୀ ଭାବେ ଚମତ୍କାର ପ୍ରଦର୍ଶନ କରିଆସିଛନ୍ତି ଧର୍ମେନ୍ଦ୍ର ପ୍ରଧାନ। ମୋଟ୍ ଉପରେ, ସମ୍ବଲପୁରରେ ନିର୍ବାଚନରେ ବିଜୟ ହେବା ପରେ ମୋଦି କ୍ୟାବିନେଟ୍ରେ ତାଙ୍କୁ ମିଳିଛି ଗୁରୁଦାୟିତ୍ୱ। ଆଉ ଏବେ ପୁଣି ଥରେ ବଡ଼ ଦାୟିତ୍ୱ ମିଳିଥିବାରୁ ଚର୍ଚ୍ଚା ଜୋର ଧରିଛି।

# ବଦଳିବ ମିଶନ ଶକ୍ତି ଚିତ୍ର

**ଭୁବନେଶ୍ୱର :** ମିଶନଶକ୍ତିକୁ ନେଇ ବିଭାଗୀୟ ମନ୍ତ୍ରୀଙ୍କ ବଡ଼ ବୟାନ। କହିଲେ, ବିଭାଗ ବନ୍ଦ ହେବନି ବରଂ ଦୌଡିବ। ପୂର୍ବରୁ ଯାହା ହେଉଥିଲେ ଏବେ ତାହା ହେବନି। କାରଣ ଏବେ ବିଭାଗର ରୂପରେଖ ବଦଳିବ। ଭୋଟ୍ ବ୍ୟାଙ୍କରେ ଏଣିକି ଗଣା ହେବେନି ମିଶନ ଶକ୍ତି ମହିଳା। ରାଜନୀତିରେ ବି ପଶିବେନି ଏସ୍ଏଚ୍ଜି ସଦସ୍ୟା। ବିଜେପି ନୂଆ ସରକାରରେ ଏହି ବିଭାଗକୁ ସର୍ବାଧିକ ଗୁରୁତ୍ୱ ଦିଆଯାଉଛି। ବିଭାଗୀୟ ମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କୁ ମିଶନ ଶକ୍ତି ସଚିବ ଶାଳିନୀ ପଣ୍ଡିତ ଏବଂ ନିର୍ଦ୍ଦେଶକ ବିନୀତ ଭରଦ୍ୱାଜଙ୍କ ସହ ବିଭାଗୀୟ ଅଧିକାରୀ ଦେଇଥିଲେ ଅଢେଇ ଘଣ୍ଟାର ପ୍ରେଜେଣ୍ଟେସନ। ଆଉ ତା' ପରେ କିଛି ଏମିତି କହିଛନ୍ତି ପ୍ରଭାତୀ। ଗୋଟିଏ କି ଦୁଇଟି ନୁହେଁ ବରଂ ୧୯ଟି ବିଭାଗ ସହ ଅନୁବନ୍ଧିତ ହୋଇ କେମିତି କାର୍ଯ୍ୟ କରୁଛି ମିଶନ ଶକ୍ତି? ଆଉ କେଉଁଠି ରହୁଛି ସମସ୍ୟା? ସମୀକ୍ଷା ପରେ ମିଶନଶକ୍ତି ଏକ ମାଇକ୍ରୋ ସରକାର ବୋଲି କହିଥିଲେ ଉପ ମୁଖ୍ୟମନ୍ତ୍ରୀ। ଏହାସହ ଆଗାମୀ ଦିନରେ କେମିତି ବିଭାଗ ଭଲରେ କାମ କରିବ ସେନେଇ ମାନସମନ୍ଥନ ହେବ ବୋଲି କୁହାଯାଉଛି। ମୋଟ୍ ଉପରେ, ରାଜ୍ୟରେ ମିଶନ ଶକ୍ତି ଜରିଆରେ ୬ ଲକ୍ଷ ୨ ହଜାର ସ୍ୱୟଂ ସହାୟକ ଗ୍ରୁପରେ ପ୍ରାୟ ୭୦ ଲକ୍ଷ ସଦସ୍ୟା ରହିଛନ୍ତି। ଅଟଳ ବିହାରୀ ବାଜପେୟୀଙ୍କ ସରକାର ସମୟରେ କେନ୍ଦ୍ରରେ ବିଜେପି ସରକାର ଆରମ୍ଭ କରିଥିଲା ଏସଏଚଜି। ମହିଳା ସଶକ୍ତୀକରଣ ପାଇଁ ଏହି ଯୋଜନା ଆରମ୍ଭ କରିଥିଲେ କେନ୍ଦ୍ର ସରକାର। ହେଲେ ପରବର୍ତ୍ତୀ ସମୟରେ ଓଡ଼ିଶାରେ ନବୀନ ସରକାର ଏହି ଗୋଷ୍ଠୀଗୁଡିକୁ ସଂଗଠିତ କରି ନିଜ ଭୋଟ୍ ବ୍ୟାଙ୍କ ଭଳି ବ୍ୟବହାର କରୁଥିବା ନାନା ଅଭିଯୋଗ ଆସିଥିଲା। ଖାଲି ଅଭିଯୋଗ ହେଉଥିଲା ତାହା ନୁହେଁ ବରଂ ମିଶନଶକ୍ତିର ପୂର୍ବତନ ସଚିବ ଏସଏଚଜି ମହିଳାଙ୍କୁ ବିଜେଡି ଲାଗି କାମ କରାଉଥିବାର ଅଭିଯୋଗ ବି ହୋଇଥିଲା। ଯେଉଁଥି ଲାଗି ତାଙ୍କୁ ବଦଳି ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। କଥା ହେଲା, ରାଜ୍ୟରେ ମିଶନଶକ୍ତି ବିଭାଗକୁ ନେଇ ବେଶ ଚର୍ଚ୍ଚା ହେଉଥିଲା। କେମିତି ଏହି ବିଭାଗର ଭୋଟ ବ୍ୟାଙ୍କକୁ ପ୍ରଭାବିତ କରୁଛି ସେନେଇ ଅନେକ ସମୟରେ ଅଭିଯୋଗ ହେଉଥିଲା। ହେଲେ ସରକାର ବଦଳିବା ପରେ ଏବେ ବିଭାଗ କେମିତି ଭଲରେ କାମ କରିବ ସେନେଇ ମନ୍ତ୍ରୀ ପ୍ରତିକ୍ରିୟା ଦେବା ପରେ ଚର୍ଚ୍ଚା ଆହୁରି ଜୋର ଧରିଛି।

# ସୁରମା ପାଢ଼ୀ ଓଡ଼ିଶା ବିଧାନସଭାର ନୂଆ ବାଚସ୍ପତି



**ଭୁବନେଶ୍ୱର :** ସପ୍ତଦଶ ବିଧାନସଭାର ନୂଆ ବାଚସ୍ପତି ଭାବେ ନିର୍ବାଚିତ ହୋଇଛନ୍ତି ସୁରମା ପାଢୀ। ସୁରମା ପାଢୀଙ୍କୁ ବାଚସ୍ପତି କରିବାକୁ ଗୃହରେ ପ୍ରସ୍ତାବ ଆଗତ କରିଥିଲେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଯାହାକୁ ସମସ୍ତ ସଦସ୍ୟ ସମର୍ଥନ କରିଥିଲେ। ବାଚସ୍ପତି ଭାବେ ନିର୍ବାଚିତ ହେବା ପରେ କାମଚଳା ବାଚସ୍ପତି ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କଠାରୁ ଦାୟିତ୍ୱ ଗ୍ରହଣ କରିଛନ୍ତି ସୁରମା ପାଢ଼ୀ। ସୁରମା ପାଢ଼ୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ କେଭି ସିଂଦେଓ ଓ ପ୍ରଭାତୀ ପରିଡ଼ା, ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ, ସିପିଏମ ବିଧାୟକ ଲକ୍ଷ୍ମଣ ମୁଣ୍ଡା ଓ କଂଗ୍ରେସ ବିଧାୟକ ତାରାବାହିନୀ ପତି ଶୁଭେଚ୍ଛା ଜଣାଇଛନ୍ତି। ବାଚସ୍ପତି ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ସମସ୍ତଙ୍କୁ ଧନ୍ୟବାଦ ଜଣାଇଛନ୍ତି ସୁରମା। ଏଭଳି ଏକ ଆସନରେ ସେ ଦିନେ ବସିବେ ବୋଲି କେବେ ଭାବିନଥିଲେ। ନିରପକ୍ଷତାର ସହ ଗୃହ ପରିଚାଳନା କରିବା ସହ ଗୃହର ସୁପରିଚାଳନା ପାଇଁ ସମସ୍ତଙ୍କ ସହଯୋଗ ଲୋଡିଛନ୍ତି ସୁରମା ପାଢ଼ୀ।

# କୃଷକଙ୍କ ଆୟ ବୃଦ୍ଧି ପାଇଁ ବିଜେପି ବଦ୍ଧପରିକର : ମନମୋହନ



**ଭୁବନେଶ୍ୱର :** ଚାଷୀମାନେ ହେଉଛନ୍ତି ଭାରତୀୟ ଅର୍ଥନୀତିର ମେରୁଦଣ୍ଡ। ଚାଷୀର ପ୍ରଗତିରେ ଦେଶର ପ୍ରଗତି । କୃଷକଙ୍କ ଆୟ ବୃଦ୍ଧି ପାଇଁ ବିଜେପି ବଦ୍ଧପରିକର । ଏହାକୁ ହୃଦୟଙ୍ଗମ କରି ଯଶସ୍ୱୀ ପ୍ରଧାନମନ୍ତ୍ରୀ ୨୦୧୪ ମସିହାରେ ଦେଶ ଶାସନର ଦାୟୀତ୍ୱ ନେବା ପରେ କୃଷକର ଆୟକୁ ଦ୍ୱିଗୁଣିତ କରିବା ପାଇଁ ନିରନ୍ତର ଉଦ୍ୟମ କରିଆସୁଛନ୍ତି । ପ୍ରଧାନମନ୍ତ୍ରୀ ଭାବେ ଦେଶର ଦାୟୀତ୍ୱ ନେବା ସମୟରେ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ କ୍ୱିଣ୍ଟାଲ ପ୍ରତି ୧୩୬୦ ଟଙ୍କା ଥିଲା । ମୋଦି ସରକାରଙ୍କ ୧୦ ବର୍ଷର ଶାସନ ଭିତରେ ଏହାକୁ କ୍ରମାଗତ ଭାବେ ବୃଦ୍ଧି କରାଯାଇ କ୍ୱିଣ୍ଟାଲ ପ୍ରତି ୨୩୦୦ ଟଙ୍କା କରାଯିବା ଚାଷୀକୁଳ ପାଇଁ ଆଶ୍ୱସ୍ତି ଆଣିଦେଇଛି ବୋଲି ରାଜ୍ୟ ସଭାପତି ଶ୍ରୀ ମନମୋହନ ସାମଲ କହିଛନ୍ତି । କେନ୍ଦ୍ର କ୍ୟାବିନେଟ୍ର ନିଷ୍ପତି ଅନୁଯାୟୀ ଧାନ ସମେତ ଅନ୍ୟାନ୍ୟ ୧୪ଗୋଟି ଖରିଫ ଫସଲର ସର୍ବନିମ୍ନ ସହାୟକ ମୂଲ୍ୟକୁ ବୃଦ୍ଧି କରାଯାଇଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ କେନ୍ଦ୍ର କୃଷିମନ୍ତ୍ରୀ ଶିବରାଜ ସିଂହ ଚୌହାନଙ୍କୁ ରାଜ୍ୟବାସୀଙ୍କ ପକ୍ଷରୁ ରାଜ୍ୟ ସଭାପତି ଶ୍ରୀ ସାମଲ ଧନ୍ୟବାଦ ଜ୍ଞାପନ କରିଛନ୍ତି। ଓଡ଼ିଶାର ପ୍ରମୁଖ ଫସଲ ଧାନ ହୋଇଥିବାରୁ ଏହାର ଫାଇଦା ଓଡ଼ିଶାର ଚାଷୀମାନେ ଭରପୁର ନେବେ। ଆଜିର ଏହି ନିଷ୍ପତି ଫଳରେ ଧାନର ଏମଏସପି ୧୧୭ଟଙ୍କା ବୃଦ୍ଧି କରାଯାଇ କ୍ୱିଣ୍ଟାଲ ପିଛା ୨୩୦୦ ଟଙ୍କା ଏବଂ "ଏ" ଗ୍ରେଡ ଧାନର ମୂଲ୍ୟ କ୍ୱିଂଟାଲ ପିଛା ୨୩୨୦ ଟଙ୍କା ହୋଇଛି। ଓଡିଶାରେ ଧାନ କ୍ୱିଣ୍ଟାଲ ପିଛା ଚାଷୀ ୩୧୦୦ ଟଙ୍କା ପାଇବା ନେଇ ବିଜେପି ସରକାରର ପ୍ରଥମ କ୍ୟାବିନେଟରେ ନିଷ୍ପତି ହୋଇଛି । ସେହିପରି ହରଡ ଡାଲି କ୍ୱିଣ୍ଟାଲ ପିଛା ୫୫୦ ଟଙ୍କା ବୃଦ୍ଧି ହୋଇ ୭୫୫୦ ଟଙ୍କା, ମୁଗ ଡାଲି କ୍ୱିଣ୍ଟାଲ ପିଛା ୧୨୪ ଟଙ୍କା ବୃଦ୍ଧି ୮୬୮୨ ଟଙ୍କା, ବିରି ଡାଲି କ୍ୱିଣ୍ଟାଲ ପିଛା ୪୫୦ ଟଙ୍କା ବୃଦ୍ଧି ହୋଇ ୭୪୪୦ ଟଙ୍କା, ବାଦାମ କ୍ୱିଂଟାଲ ପିଛା ୪୦୬ ଟଙ୍କା ବୃଦ୍ଧି ୬୭୮୩ ଟଙ୍କା, ସୁର୍ଯ୍ୟମୁଖୀ ବୀଜ ଏମଏସପିରେ ୫୨୦ ଟଙ୍କା ବୃଦ୍ଧି କରାଯାଇ ୭୨୮୦ ଟଙ୍କା, ସୋୟାବିନ କ୍ଷେତ୍ରରେ ୨୯୨ ଟଙ୍କା ବୃଦ୍ଧି କରାଯାଇ ୪୮୯୨ ଟଙ୍କା, ରାଶି କ୍ଷେତ୍ରରେ ୬୩୨ ଟଙ୍କା ବୃଦ୍ଧି କରାଯାଇ ୯୨୬୭ ଟଙ୍କା, ନାଇଜରସିଡ କ୍ଷେତ୍ରରେ ୯୮୩ ଟଙ୍କା ବୃଦ୍ଧି କରାଯାଇ ୮୭୧୭ ଟଙ୍କା, ମଧ୍ୟମ ଆକାର କପାର ଏମଏସପି ୫୦୧ ଟଙ୍କା ବୃଦ୍ଧି କରାଯାଇ ୭୧୨୧ ଏବଂ ଲମ୍ବା କପାର ଏମଏସପି ୫୦୧ ଟଙ୍କା ବୃଦ୍ଧି କରାଯାଇ ୭୫୨୧ ଟଙ୍କା କରାଯାଇଛି । ଅନ୍ୟାନ୍ୟ ଫସଲ ଏବଂ ଡାଲି ଜାତୀୟ ଶସ୍ୟ ପାଇଁ ଏମଏସପି ବୃଦ୍ଧି କରାଯିବା ଫଳରେ ଆମ ରାଜ୍ୟର ଚାଷୀମାନେ ଅନ୍ୟାନ୍ୟ ଫସଲ ଚାଷ କରିବା ପାଇଁ ଅଧିକ ପ୍ରୋତ୍ସାହିତ ହେବେ ବୋଲି ଶ୍ରୀ ସାମଲ କହିଛନ୍ତି।

# ବାରବାଟୀକୁ ଫେରିଲା ଅନ୍ତର୍ଜାତୀୟ ମ୍ୟାଚ୍



**କଟକ :** ଓଡ଼ିଶାର କ୍ରିକେଟ ପ୍ରେମୀଙ୍କ ପାଇଁ ଖୁସି ଖବର। କଟକର ବାରବାଟୀ ଷ୍ଟାଡିୟମକୁ ଫେରିବାକୁ ଯାଉଛି ଅନ୍ତର୍ଜାତୀୟ ମ୍ୟାଚ୍। ବାରବାଟୀ ଷ୍ଟାଡିୟମରେ ଦିନିକିଆ ମ୍ୟାଚ୍ ଖେଳିବେ ଭାରତ ଓ ଇଂଲଣ୍ଡ। ଆସନ୍ତା ବର୍ଷ ଫେବୃଆରୀ ୯ ତାରିଖରେ ଏହି ମ୍ୟାଚ୍ ଅନୁଷ୍ଠିତ ହେବ। ଇଂଲଣ୍ଡ ବିପକ୍ଷ ୩ଟିକିଆ ଦିନିକିଆ ସିରିଜର ଦ୍ୱିତୀୟ ମ୍ୟାଚ୍ ବାରବାଟୀରେ ଆୟୋଜନ କରିବାକୁ ବିସିସିଆଇ ନିଷ୍ପତ୍ତି ନେଇଛି। ଦୀର୍ଘ ୫ ବର୍ଷ ପରେ ବାରବାଟୀକୁ ଦିନିକିଆ କ୍ରିକେଟ ଫେରିବାକୁ ଯାଉଛି। ଶେଷଥର ପାଇଁ ୨୦୧୯ ମସିହା ଡିସେମ୍ବର ୨୨ରେ ଭାରତ ଓ ୱେଷ୍ଟଇଣ୍ଡିଜ ମଧ୍ୟରେ ଦିନିକିଆ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଭାରତ ଉକ୍ତ ମ୍ୟାଚ୍କୁ ୪ ୱିକେଟରେ ଜିତି ନେଇଥିଲା। ଏବେ ପୁଣି ଭାରତୀୟ ଟିମ ଇଂଲଣ୍ଡର ମୁକାବିଲା ବାରବାଟୀରେ କରିବାକୁ ଯାଉଛି। ଏହାପୂର୍ବରୁ ମଧ୍ୟ ଭାରତୀୟ ଟିମ ବାରବାଟୀରେ ୨୦୧୭ରେ ଇଂଲଣ୍ଡକୁ ହରାଇଥିଲା। ଉକ୍ତ ମ୍ୟାଚରେ ମହେନ୍ଦ୍ର ସିଂହ ଧୋନି ଓ ଯୁବରାଜ ସିଂହ ଶତକ ହାସଲ କରିଥିଲେ। ଭାରତୀୟ ଟିମ ବାରବାଟୀରେ ୧୦ଟି ଦିନିକିଆ ମ୍ୟାଚ୍ ଖେଳିଥିବା ବେଳେ ୮ଟିରେ ବିଜୟୀ ହୋଇଛି। ଏହାବାଦ ଭାରତ ଶେଷଥର ପାଇଁ ବାରବାଟୀରେ ଟି-୨୦ ମ୍ୟାଚ୍ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଖେଳିଥିଲା। ୨୦୨୨ ମସିହା ଜୁନ ୧୨ ତାରିଖରେ ଖେଳା ଯାଇଥିବା ମ୍ୟାଚ୍ରେ ଭାରତୀୟ ଟିମ ୪ ୱିକେଟରେ ଦକ୍ଷିଣ ଆଫ୍ରିକା ଠାରୁ ହାରିଥିଲା। ବିସିସିଆଇ ଆଜି ୨୦୨୪-୨୫ ଘରୋଇ ସିଜିନର ମ୍ୟାଚ୍ ତାରିଖ ଓ ଭେନ୍ୟୁ ଗୁଡ଼ିକର ନାଁ ଘୋଷଣା କରିଛି। ଏହି ଘାରୋଇ ସିଜିନରେ ଭାରତ ଗସ୍ତରେ ବାଂଲାଦେଶ, ନ୍ୟୁଜିଲ୍ୟାଣ୍ଡ ଓ ଇଂଲଣ୍ଡ ଆସିବେ।

# ଓଏଜିର ୧୧ତମ ପ୍ରତିଷ୍ଠା ଦିବସ ପାଳିତ




**ଭୁବନେଶ୍ୱର :** ସ୍ଥାନୀୟ ନୀଳାଦ୍ରିବିହାର ନିକଟସ୍ଥ ସେକ୍ଟର-୯ ମାରୁତି ମଣ୍ଡପଠାରେ କିଟ୍ ଓ କିସ୍ର ପ୍ରତିଷ୍ଠାତା ତଥା ଶିକ୍ଷାବିତ୍ ଡଃ ଅଚ୍ୟୁତ୍ ସାମନ୍ତଙ୍କ ଦ୍ୱାରା ପ୍ରତିଷ୍ଠିତ 'ଆର୍ଟ ଅଫ୍ ଗିଭିଂ'ର ୧୧ତମ ପ୍ରତିଷ୍ଠା ଦିବସ ଆନନ୍ଦ ଉଲ୍ଲାସର ସହିତ ପାଳନ କରାଯାଇଛି। ଏଥରର ବାର୍ତ୍ତା ଥିଲା 'ଲେଟ୍ସ ଏଓଜି'। ଏହି କ୍ରମରେ ଏକ ନିଆରା କାର୍ଯ୍ୟକ୍ରମ ହାତକୁ ନିଆଯାଇଥିଲା। କିଟ୍ରେ କାର୍ଯ୍ୟରତ ଡଃ. ଦେବାଶିଷ ପଟ୍ଟନାୟକଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଚଳିତ ବର୍ଷ ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ମାଟ୍ରିକ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ରଛାତ୍ରୀମାନଙ୍କୁ ଏକ ନିର୍ଦ୍ଦିଷ୍ଟ ମାନଦଣ୍ଡ ଆଧାରରେ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ନିଜର ଦୀର୍ଘ ଅଭିଜ୍ଞତା ଓ ଡଃ ଅଚ୍ୟୁତ୍ ସାମନ୍ତଙ୍କ ସମ୍ପର୍କରେ ଅତି ସୁନ୍ଦର ବର୍ଣ୍ଣନା କରିଥିଲେ ଡଃ ମମତା ମହାନ୍ତି (ପୂର୍ବତନ ଯୁଗ୍ମ ନିର୍ଦ୍ଦେଶିକା, ସ୍ୱାସ୍ଥ୍ୟ ବିଭାଗ, ଓଡ଼ିଶା)। ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ କିଟ୍ ହସ୍ପିଟାଲର ଅଶୋକ କୁମାର ନାୟକ, ନବ କିଶୋର ପଣ୍ଡା, ଦିପକ ନାୟକ, ପ୍ରଶାନ୍ତ ସ୍ୱାଇଁ, ଧର୍ମାନନ୍ଦ ପଣ୍ଡା, ରାଜେଶ ମଲ୍ଲିକ। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ବରିଷ୍ଠ ନାଗରିକ ଓ ମହାବୀର କମିଟିର ସମସ୍ତ ସଦସ୍ୟମାନେ ସକ୍ରିୟ ସହଯୋଗ କରିଥିଲେ।

# ସିଆରସିସି-ବିଆର୍ସିସିଙ୍କ ରାସଲୀଳା; ତଦନ୍ତ ଦାବି

**ଭଦ୍ରକ :** ଭଦ୍ରକ ଜିଲ୍ଲା ବନ୍ତ ବ୍ଲକ ଶିକ୍ଷାଧିକାରୀ ଅଧିନରେ ଥିବା ଜଣେ ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ତଥା ଗୋଷ୍ଠୀ ସାଧାରଣ କେନ୍ଦ୍ର ସଂଯୋଜକ (ଏବିଇଓ-ବିଆର୍ସିସି) ଏହି ବ୍ଲକକୁ ଆସିବା ଦିନଠାରୁ ବ୍ଲକରେ ବହୁତ ଅନିୟମିତତା କାର୍ଯ୍ୟ ଦେଖିବାକୁ ମିଳିଛି। ସମ୍ପୃକ୍ତ ଏବିଇଓଙ୍କୁ ବିଦ୍ୟାଳୟ ହେଉ ବା ଛାତ୍ରଛାତ୍ରୀଙ୍କ ବାବଦରେ ଜାଣିବାକୁ ଫୋନ୍ କଲେ ସେ ଫୋନ୍ ଉଠାନ୍ତି ନାହିଁ। ସୂଚନା ଅଧିକାର କର୍ମୀ ହୁଅନ୍ତୁ କିମ୍ବା ଗଣମାଧ୍ୟମ ପ୍ରତିନିଧି ତାଙ୍କୁ ଫୋନ୍ କଲେ ମଧ୍ୟ ସେ କୌଣସି ଉତ୍ତର ଦିଅନ୍ତି ନାହିଁ। ଅଥଚ ସାକ୍ଷାତ ହେଲେ ଏ ବିଷୟରେ ତାଙ୍କୁ ଯଦି କେହି ପଚାରେ ସେ କୁହନ୍ତି ମୋ ଫୋନ୍ ମୋ ଇଚ୍ଛା ହେଲେ ଉଠାଇବି। ମୋତେ ପ୍ରଶ୍ନ କରିବାକୁ ତୁମ ମାନଙ୍କୁ କିଏ ଅଧିକାର ଦେଲା। କିନ୍ତୁ ବାବୁ ଜଣଙ୍କ ଜାଣିନାହାନ୍ତି ଯେ, ତାଙ୍କ ଲୀଳାଖେଳା ହାଟରେ ପଡି ଦାଣ୍ଡରେ ଗଡୁଛି। ଜନୈକ ପୂର୍ବତନ ସିଆରସିସି ମହୋଦୟାଙ୍କ ସହିତ ବିଆର୍ସିସିଙ୍କ ରାସଲୀଳା ବିଷୟ ସମଗ୍ର ଅଞ୍ଚଳରେ ଚର୍ଚ୍ଚା ହେଉଥିଲେ ମଧ୍ୟ ଉକ୍ତ ବିଆର୍ସିସିଙ୍କୁ ସାମାନ୍ୟ ଲୋକଲଜ୍ଜା ନଥିବା ଜଣାପଡୁଛି। ପ୍ରତ୍ୟେକ କ୍ଷେତ୍ରରେ ଶିକ୍ଷକ-ଶିକ୍ଷୟିତ୍ରୀମାନଙ୍କ ଠାରୁ ଲାଞ୍ଚ ଆଦାୟ କରିବା ହେଉଛି ଏହାଙ୍କ ମୁଖ୍ୟ କାମ। ଯେକୌଣସି କାର୍ଯ୍ୟକ୍ରମରେ ସିଆରସିସି ଓ ବିଆର୍ସିସି ସ୍ୱାମୀ-ସ୍ତ୍ରୀ ଭଳି ବ୍ୟବହାର ଦେଖାନ୍ତି। ସିଆରସିସିଙ୍କୁ କିଛି କହିଲେ ବିଆର୍ସିସି ଫଁ ଓ ବିଆର୍ସିସିଙ୍କୁ କହିଲେ ସିଆରସିସି ଫଁ। ନିଜର ପିଲାଛୁଆ ପରିବାର ଥିବା ସତ୍ତ୍ୱେ ବିଆର୍ସିସି ମହୋଦୟ ଏତେ ଅଭଦ୍ର ଆଚରଣ କରୁଛନ୍ତି ଯେ, ଶୁଣିବା ଲୋକ କାନରେ ହାତ ଦେଉଛି। ସିଆରସିସି ମହୋଦୟା ମଧ୍ୟ ନିଜ ଲୋକଲଜ୍ଜା ଭୁଲି ବିଆର୍ସିସିଙ୍କୁ ଏତେ ଆପଣାର କରି ଦେଇଛନ୍ତି ତାଙ୍କ ପାଖରେ ନ୍ୟାୟ ଓ ଅନ୍ୟାୟର ପାର୍ଥକ୍ୟ କିଛି ବୁଝାପଡୁନି। ହେଲେ ସମ୍ପୃକ୍ତ ସିଆରସିସି ନିଜର ସମସ୍ତ ଅପାରଗତା ସତ୍ତ୍ୱେ ଧରାଧରି କରି ମୁଖ୍ୟମନ୍ତ୍ରୀଙ୍କ ଠାରୁ ପୁରସ୍କାର ପାଇବାରେ ସଫଳ ହୋଇଥିଲେ। ସେ ବିଆରସିସିଙ୍କୁ ଧରି ସମସ୍ତ ଲାଞ୍ଚ କାରବାର କରୁଥିଲେ। ଉଭୟଙ୍କ କାରନାମା ବିଷୟରେ ନୂଆ ସରକାର ତଦନ୍ତ କଲେ ଆହୁରି ଅନେକ ତଥ୍ୟ ସାମ୍ନାକୁ ଆସିପାରନ୍ତା। ଆସନ୍ତା ସପ୍ତାହରେ ସବିଶେଷ ତଥ୍ୟ ଓ ଫଟୋ ଏଠାରେ ପ୍ରକାଶ ପାଇବ।

PLOT FOR SALE
MOUZA:BHOLA



N.H. Bye Pass (Old Trunk Road), Near ASBM College,
Chandaka, Bhubaneswar, Odisha
Contact : 8658607286

# ୧୦୦ ଜନସଂଖ୍ୟା ବିଶିଷ୍ଟ ଗାଁକୁ ହେବ ପିଚୁରାସ୍ତା: ମନ୍ତ୍ରୀ



**ଭୁବନେଶ୍ୱର :** ରାଜ୍ୟରେ ସରକାର ବଦଳିଛି। ନୂଆ ସରକାରଙ୍କ ଆଭିମୁଖ୍ୟ ମଧ୍ୟ ଅଲଗା ରହିଛି। ରାଜ୍ୟ ସରକାର ପ୍ରତି ଗ୍ରାମକୁ ପିଚୁରାସ୍ତା ସଂଯୋଗ କରିବାକୁ ଲକ୍ଷ୍ୟ ରଖିଛନ୍ତି। ରାସ୍ତା ନିର୍ମାଣ କରାଗଲେ ରୋଗୀ ଆଉ ଖଟିଆରେ ବୁହା ହେବେନି। ଗାଁକୁ ସହଜରେ ଆମ୍ବୁଲାନ୍ସ ଯାଇପାରିବ। ୧୦୦ ଲୋକ ଥିବା ଗାଁକୁ ପିଚୁ ରାସ୍ତା ସଂଯୋଗ କରି ବୋଲି ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବି ନାରାୟଣ ନାଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି। ଶ୍ରୀ ନାଏକ କହିଛନ୍ତି ଯେ, ଗାଁ ଗୁଡିକର ତାଲିକା ପ୍ରସ୍ତୁତ ସରିଛି। ପିଏମ୍ ଜନମନ ଯୋଜନାରେ ପ୍ରିମିଟିଭ ଟ୍ରାଇଭ ଥିବା ଗାଁକୁ ରାସ୍ତା ନିର୍ମାଣ ହେବ। ପୂର୍ବ ସରକାର ସମୟରେ 'ବ୍ରିଜ କମ ୱେ'ର ଯୋଜନାର ନୂଆ ରୂପରେଖ ତିଆରି ହୋଇଛି। ଏବେଠାରୁ 'ବ୍ରିଜ କମ୍ ବ୍ୟାରେଜ'ର ନିର୍ମାଣ ହେବ। ଏହା ଦ୍ୱାରା ଚାଷୀଙ୍କୁ ପାଣି ଦିଆଯାଇ ପାରିବ। ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନା ଓ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ହୋଇଥିବା ରାସ୍ତା ପର୍ଯ୍ୟାୟ କ୍ରମେ ଡବଲଲାଇନ କରାଯିବ। ସେହିପରି ବିଭାଗୀୟ ଅଧିକାରୀ ଓ କର୍ମୀଙ୍କୁ ମନ୍ତ୍ରୀ ଚରମ ବାଣୀ ଶୁଣାଇଛନ୍ତି। ସିଧାସିଧା କହିଛନ୍ତି କାମ ଖରାପ ହେଲେ ବିଭାଗୀୟ ଅଧିକାରୀ ଓ କଣ୍ଟ୍ରାକ୍ଟରଙ୍କ ଉପରେ ହେବ ଆଇନ ଗତ କାର୍ଯ୍ୟାନୁଷ୍ଠାନ। ଆଗାମୀ ୧୦୦ ଦିନ ଭିତରେ ୨୦୦ ବ୍ରିଜ କାମ ସାରିବା ନେଇ ଅଧିକାରୀଙ୍କ ସହ ଆଲୋଚନା ହୋଇଛି। ଅଫିସର ଗାଁକୁ ଯାଆନ୍ତୁ ଓ ସରକାରୀ ଯୋଜନା ଠିକ ଭାବେ କାମ କରନ୍ତୁ ବୋଲି ପ୍ରତିକ୍ରିୟା ରଖିଲେ ମନ୍ତ୍ରୀ। ଆଉ ବାହାର ଲୋକ ନୁହଁ ଲୋକାଲ ଲୋକଙ୍କୁ ମିଳିବ ଆର ଡି ବିଭାଗର କାମ। ଅଞ୍ଚଳର ଅନେକ ଡିପ୍ଲୋମା ଓ ଇଞ୍ଜିନିୟରିଂ ପିଲାଙ୍କୁ ଟ୍ରେନିଂ ଦେଇ କାମରେ ନିୟୋଜିତ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି।



PLOT FOR SALE
MOUZA : JUJHAGADA
(Back side of Nandankanan Zoo)
BHUBANESWAR
Contact : 865807286 / 8917571455



MOUZA : BEGUNIA BOREHI
(NEAR CV RAMAN COLLEGE)
TAMANDO - YELLOW ZONE
BHUBANESWAR
30ft Approch Road
Contact : 8658607286 / 8917571455

Printed, Published and Owned by **Lingaraj Dash**, Published at Plot No.-4233, Sulochana Bhawan, Behind Badagada High School, Badagada, Bhubaneswar-751018, Dist-Khordha, Odisha & Printed at **Radhakrushna Publication Pvt. Ltd.**, Plot No-H/18, Mancheswar Industurial Estate, Bhubaneswar-10, Odisha ● OFFICE : Plot No.186, Lane-2, Aerodrome Area, Bhubaneswar, Odisha, PIN-751020, Cell : 9338225930 (O), Email : ekamaatra@gmail.com / lingaraj@gmail.com

Managing Editor : **Laxmipriya Dash**
ପରିଚାଳନା ସମ୍ପାଦିକା : **ଲକ୍ଷ୍ମୀପ୍ରିୟା ଦାଶ**

Editor : **Tarak Mohanty**
ସମ୍ପାଦକ : **ତାରକ ମହାନ୍ତି**